

ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ♦ISSUE-8 ♦BHUBANESWAR ♦WEDNESDAY ♦2 JULY 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୮ ♦ଭୁବନେଶ୍ୱର ♦ବୁଧବାର ♦୨ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୫୮ ଟଙ୍କା ହ୍ରାସ

■ **ନୂଆଦିଲ୍ଲୀ, ୧।୭ (ଏଜେନ୍ସି):** କମିଲା ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର। ଦେଶର ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ୧୯ କେଜି ବିଶିଷ୍ଟ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୫୮ ଟଙ୍କା ୫୦ ପଇସା ହ୍ରାସ ଘଟାଇଛନ୍ତି। ଏହି ନୂଆ ଦର ଜୁଲାଇ ପହିଲା ଅର୍ଥାତ ମଙ୍ଗଳବାରଠାରୁ ଲାଗୁ ହୋଇଛି। ତେବେ ୧୪.୨ କିଲୋ ବିଶିଷ୍ଟ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏହାଫଳରେ ରାଜଧାନୀ ନୂଆଦିଲ୍ଲୀରେ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୧୬୬୫ ଟଙ୍କାରେ ପହଞ୍ଚିଛି। ସେହିପରି ମୁମ୍ବଇରେ



ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ୧୬୧୬ ଟଙ୍କା, କଲକାତାରେ ୧୭୬୯ ଟଙ୍କା ଓ ଚେନ୍ନଇରେ ୧,୮୨୩ ଟଙ୍କାରେ ପହଞ୍ଚିଛି। ଅପରପକ୍ଷେ ଏବେ ବି ଘରୋଇ ଏଲ୍‌ପିଜି ସିଲିଣ୍ଡର ଦର ଉଚ୍ଚା ରହିବା ଖାଉଟିଙ୍କୁ ବେଶ ବାଧୁଛି। ଅପରପକ୍ଷେ ବିମାନ ଟର୍ବାଇନ୍ ଇନ୍ଧନ(ଏଟିଏଫ୍) ମୂଲ୍ୟରେ ମଧ୍ୟ ବୃଦ୍ଧି ଘଟିଛି। ଏଟିଏଫ୍ ମୂଲ୍ୟରେ କିଲୋ ଲିଟର ପିଛା ୬୨୭୧.୫ ଟଙ୍କା ଅର୍ଥାତ୍ ୭.୫ ପ୍ରତିଶତ ବୃଦ୍ଧି ଘଟି ୮ ୯,୩୪୪.୦୫ ଟଙ୍କାରେ ପହଞ୍ଚିଛି। ଏଟିଏଫ୍ ମୂଲ୍ୟରେ ବୃଦ୍ଧି ଫଳରେ ଆଗାମୀ ଦିନରେ ବିମାନ ଯାତ୍ରା ମହଙ୍ଗା ହେବା ଆଶଙ୍କା କରାଯାଉଛି।

## ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ସସ୍‌ପେଣ୍ଡ କଲେ କୋର୍ଟ

■ **ବ୍ୟାଙ୍କକ୍, ୧।୭ (ଏଜେନ୍ସି):** ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏତୋଙ୍ଗଟର୍ଣ୍ଣ ଶିନାୱାତ୍ରାଙ୍କୁ ଦେଶର ସାମ୍ବିଧାନିକ କୋର୍ଟ ସସ୍‌ପେଣ୍ଡ କରିଛନ୍ତି। ପଡୋଶୀ ଦେଶ କାମ୍ବୋଡିଆ ସହିତ କୂଟନୈତିକ ତଥା ରାଜନୈତିକ ବିବାଦ କାରଣରୁ କୋର୍ଟ ଏହି ରାୟ ଶୁଣାଇଛନ୍ତି। ଏହି ଘଟଣା ଥାଇଲାଣ୍ଡରେ ରାଜନୀତିରେ ହଟଚମଟ ସୃଷ୍ଟି କରିଛି। କାମ୍ବୋଡ଼ିଆ ନେତାଙ୍କ ସହିତ ପ୍ରଧାନମନ୍ତ୍ରୀ ଫୋନ।।ରେ ହୋଇଥିବା ବାର୍ତ୍ତାଳାପ ପ୍ରଘଟ ହେବାପରେ କୋର୍ଟ ପ୍ରଧାନମନ୍ତ୍ରୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ସସ୍‌ପେଣ୍ଡ କରିଛନ୍ତି।



ଲିକ୍ ହୋଇଥିବା ଏହି ଟେଲିଫୋନ୍ କଲ୍‌ରେ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ଶାସକ ହୁନ୍ ସେନଙ୍କୁ ‘ଅଙ୍କଲ’ କରି ସମ୍ବୋଧିତ କରିବା ସହିତ ନିଜ ଦେଶର ଜଣେ ସାମରିକ ଅଧିକାରୀଙ୍କ ବିରୋଧରେ ବିଷୋଦଗାର କରିଥିଲେ। ଏଭଳି ବାର୍ତ୍ତାଳାପ ନୈତିକତାର ଉଲ୍ଲଙ୍ଘନ ବୋଲି କୋର୍ଟ କହିଛନ୍ତି। ଦୁଇ ଦେଶ ମଧ୍ୟରେ ସୀମା ବିବାଦରୁ ନିଜ ପଦର ଫାଇଦା ଉଠାଇବା ଲାଗି ପ୍ରଧାନମନ୍ତ୍ରୀ ନୈତିକତାର ଉଲ୍ଲଂଘନ କରିଥିବାରୁ ସାମ୍ବିଧାନିକ କୋର୍ଟ ୭-୨ ବହୁମତରେ ▶ପୃଷ୍ଠା-୭

## ଠକିଦେଲେ ସରକାର
# ସମୂହ ଛୁଟିରେ ଗଲେ ଓଏଏସ୍
### ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଗିରଫ କରା ନ ଯିବାରୁ ଛୁଟିରେ ଗଲେ ଅଧିକାରୀ

■ **ଭୁବନେଶ୍ୱର, ୧।୭ (ସମିସ):** ସାରା ରାଜ୍ୟର ଓଏଏସ୍ ଅଧିକାରୀମାନେ ଆଜି କାର୍ଯ୍ୟବନ୍ଦ କରିଛନ୍ତି। ସମୂହ ଛୁଟିରେ ଯାଇଛନ୍ତି। ଫଳରେ ରାଜ୍ୟ ସାରା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାମ ବନ୍ଦ ରହିଛି। ବିଏମ୍‌ସି ଅତିରିକ୍ତ କମିଶନର ତଥା ବରିଷ୍ଠ ଅଧିକାରୀଙ୍କୁ ଘୋଷାରି ପିଟିବା ଘଟଣାରେ ସମ୍ପୃକ୍ତ ଓ ଏହାର ପୃଷ୍ଠପୋଷକ ଯେତେ ଶକ୍ତିଶାଳୀ ହେଲେ ବି କାର୍ଯ୍ୟାନୁଷ୍ଠାନ ହେବ ବୋଲି କାଲି ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ରାଜ୍ୟ ସାରା ଓଏଏସ୍ ଅଧିକାରୀମାନେ ସମୂହ ଛୁଟିରେ ରହିଛନ୍ତି। ଓଏଏସ୍ ସଂଘର ଏହି ନିଷ୍ପତ୍ତିକୁ ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ ବି ସମର୍ଥନ କରିଛନ୍ତି ।

ସମସ୍ତ ୩୦ ଜିଲ୍ଲାରେ ସଂଘ ପକ୍ଷରୁ ଓଏଏସ୍ ଅଧିକାରୀମାନେ ଛୁଟିରେ ଯାଇଥିବା ବେଳେ କେବଳ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଓଏଏସ୍ ଅଧିକାରୀମାନେ କେବଳ ରଥଯାତ୍ରା ସମ୍ପର୍କିତ କାର୍ଯ୍ୟକୁ ଛାଡ଼ି ବାକି କୌଣସି କାମ କରି ନ ଥିବା ଜଣାପଡ଼ିଛି। ଏହା ବ୍ୟତୀତ ରାଜ୍ୟର ସମସ୍ତ ଜିଲ୍ଲାର ଓଏଏସ୍ ଜିଲ୍ଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣାରେ ନିନ୍ଦା ପ୍ରସ୍ତାବ ପାରିତ କରାଯାଇଛି। ରାଜ୍ୟରେ ଓଏଏସ୍

### ସମର୍ଥନ ଦେଲା ଓଆର୍‌ଏସ୍, ଓଏଫ୍‌ଏସ୍, ଓଆଇଏସ୍ ସଂଘ

ଅଧିକାରୀମାନ ସମୂହ ଛୁଟିରେ ଯିବା ଯୋଗୁଁ ସାରା ରାଜ୍ୟରେ ଅଚଳାବସ୍ଥା ଛୁଟି ହୋଇଛି।

ଅନ୍ୟପଟେ ଓଡ଼ିଶା ପ୍ରଶାସନିକ ସେବା ସଂଘ ପକ୍ଷରୁ ଆହୂତ ଏହି ଆନ୍ଦୋଳନ ଡାକରାକୁ ରାଜ୍ୟର ବିଭିନ୍ନ କର୍ମଚାରୀ ସଂଘ ସମର୍ଥନ ଜଣାଇବା ସହିତ ସରକାରଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘ ଏହି ଘଟଣାକୁ ଘୋର ନିନ୍ଦା କରିବା ସହ ଓଏଏସ ଅଫିସର ସଂଘ ପକ୍ଷରୁ ଗ୍ରହଣ କରାଯାଇଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସମର୍ଥନ ଜଣାଯାଇଛି। ଏହି ମର୍ମରେ ପତ୍ର ମାଧ୍ୟମରେ ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି ଯେ ଦିନକୁ ଦିନ ନିଜର ସ୍ୱାର୍ଥ ହାସଲ କରିବା ପାଇଁ କିଛି ମୁଷ୍ଟିମେୟ ଓ ଖଳ ପ୍ରକୃତିର ବ୍ୟକ୍ତି ବିଶେଷମାନେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ସରକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଆକ୍ରମଣ କରୁଛନ୍ତି। ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ଏହି ଘଟଣାକୁ ରାଜ୍ୟ ସରକାର ଗମ୍ଭୀରତାର ସହିତ ଗ୍ରହଣ କରି ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ରାଜ୍ୟ ଅର୍ଥ ସେବା ସଂଘ, ଓଡ଼ିଶା ସୂଚନା ସେବା ସଂଘ ଓ ଓଡ଼ିଶା କୃଷି ସେବା ସଂଘ ମଧ୍ୟ ଓଏଏସ୍ ସଂଘକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛି।

ସୂଚନା ଥାଉ କି ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ରାଜ୍ୟ ଓଏଏସ୍ ସଂଘ ସହିତ ଆଲୋଚନା କରିବା ସହ ଏହି ଘଟଣାରେ ସମ୍ପୃକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହି ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ସଂଘ ପକ୍ଷରୁ ଦର୍ଶାଯାଇଥିବା ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଗିରଫ କରିବା ବଦଳରେ ସେ ପୀଡ଼ିତ ଅଧିକାରୀଙ୍କ ବିରୋଧରେ ପ୍ରତ୍ୟାରୋପ ଲଗାଇବାକୁ ଉଦ୍ୟମ କରିଛନ୍ତି। ଯାହାକୁ ନେଇ ସଂଘ ଖଡ଼୍‌ଗହସ୍ତ ହେବା ସହ ସମସ୍ତ କର୍ମକର୍ତ୍ତା ବିଏମ୍‌ସି ଯାଇ ସମ୍ପୃକ୍ତ ଅଧିକାରୀଙ୍କୁ ଭେଟିଛନ୍ତି। ମାଡ଼ ଖାଇଥିବା ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଆଜି ସକାଳୁ ସମୂହ ଛୁଟିରେ ଯିବାକୁ ଅଧିକାରୀମାନେ ନିଷ୍ପତ୍ତି ନେଇଛନ୍ତି।

## ତେଲଙ୍ଗାନା ବିସ୍ଫୋରଣ
# ମୃତ୍ୟୁସଂଖ୍ୟା ୪୨
### ମୃତାହତଙ୍କ ମଧ୍ୟରେ ୨ ଓଡ଼ିଆ ଥିବା ସୂଚନା

■ **ଭୁବନେଶ୍ୱର, ୧।୭ (ସମିସ):** ତେଲେଙ୍ଗାନାର ସଙ୍ଗାରେଡ୍ଡୀ ଜିଲ୍ଲାରେ ରାସାୟନିକ କାରଖାନାରେ ଗତକାଲି ହୋଇଥିବା ବିସ୍ଫୋରଣରେ ମୃତ୍ୟୁ ସଂଖ୍ୟା ୪୨କୁ ବୃଦ୍ଧିପାଇଛି। କାରଖାନା ପରିସରରୁ ବର୍ତ୍ତମାନ ସୁଦ୍ଧା ୩୧ଟି ମୃତଦେହ ଉଦ୍ଧାର କରାଯାଇଛି। ଗୁରୁତର ଆହତମାନଙ୍କ ମଧ୍ୟରୁ ଆଜି ହସ୍ପିଟାଲରେ ଆଉ ୫ ଜଣ ପ୍ରାଣ ହରାଇଛନ୍ତି। ଏହି ମୃତାହତ ଶ୍ରମିକମାନଙ୍କ ମଧ୍ୟରେ ଅଧିକାଂଶ ଓଡ଼ିଶା, ୟୁପି, ବିହାର ଓ ପଶ୍ଚିମବଙ୍ଗର ରହିଥିବା ଜଣାପଡ଼ିଛି। ବିସ୍ଫୋରଣରେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିବାରୁ ଏବେ ବି ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ପୋତି ହୋଇରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି। ଏହି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ଲାଗି ଓଡ଼ିଶାର ସରକାର ଦୁଇ ଜଣ ଅଧିକାରୀଙ୍କୁ ତେଲେଙ୍ଗାନା ପଠାଇଛନ୍ତି। ଏହି ଦୁଇ ଅଧିକାରୀ ହେଲେ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ପ୍ରୀତିଶ ପଣ୍ଡା ଏବଂ ଡ. ଚନ୍ଦ୍ରଶେଖର ସାହୁ। ଦୁର୍ଘଟଣା ସ୍ଥଳରେ ରହି ଉଦ୍ଧାର କାର୍ଯ୍ୟ ତଦାରଖ କରିବା ସହିତ ଓଡ଼ିଆ ଶ୍ରମିକଙ୍କ ପରିବାର ଓ ସଂପର୍କୀୟଙ୍କୁ ସବୁ ପ୍ରକାର ସହାୟତା ▶ପୃଷ୍ଠା-୭



### ଉଦ୍ଧାର କାର୍ଯ୍ୟ ତଦାରଖ ଲାଗି ଓଡ଼ିଶାରୁ ଗଲେ ଦୁଇ ଅଧିକାରୀ

## ଗଞ୍ଜାମ ଅଶାନ୍ତ
# ଦିନକରେ ୩ ହତ୍ୟା

■ **ଛତ୍ରପୁର/କୋଦଳା, ୧।୭(ସମିସ):** ଦିନକୁ ଦିନ ଅଶାନ୍ତ ହେଉଛି ଗଞ୍ଜାମ ଜିଲ୍ଲା। କଥାକଥାରେ ବୁଲୁଛି ଖଣ୍ଡା କାତି, ଗଡୁଛି ମୁଣ୍ଡ। ହତ୍ୟା, ଗଣଦୁଷ୍କର୍ମ, ରାଜାହାନୀ ଭଳି ଘଟଣା ନିତିଦିନିଆ ହୋଇଗଲାଣି। ଗତ ୨୪ ଘଣ୍ଟା ଭିତରେ ଜିଲ୍ଲାରେ ପୁଣି ୩ଟି ମୁଣ୍ଡ ଗଡ଼ିଛି। ଛତ୍ରପୁର ଓ ବେଗୁନିଆପଡ଼ାରେ ସଂଘବଦ୍ଧ ଆକ୍ରମଣ କରି ୨ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ବ୍ରହ୍ମପୁରରେ ଜଣେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି।

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛତ୍ରପୁର ଥାନା ଅଧୀନ ଗୋବା ଗ୍ରାମ ନିକଟରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗୋବା ଗ୍ରାମର ତୋଫାନ ସ୍ୱାଇଁ (୨୫)। ମଙ୍ଗଳବାର ସକାଳୁ ଗୋବା ଗ୍ରାମ ନିକଟରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବାଇକ୍‌ରେ ଆସି ତୋଫାନଙ୍କ ସମେତ ତାଙ୍କ ସମ୍ପର୍କୀୟ ଭାଇ ସୁଧୀର ସ୍ୱାଇଁ ଓ ଅନ୍ୟ କିଛି ବ୍ୟକ୍ତିଙ୍କୁ ଖଣ୍ଡା, ହକିଷ୍ଟିକ୍, ଲୁହାରଡ଼ ଓ ବ୍ଲେଡ୍‌ରେ ସଂଘବଦ୍ଧ ଆକ୍ରମଣ କରିଥିଲେ।



### ସଂଘବଦ୍ଧ ଆକ୍ରମଣରେ ୨ ମୃତ
### ଛୁରି ଭୁସି ପ୍ରେମିକାକୁ ହତ୍ୟା

ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସୁଧୀର ସ୍ୱାଇଁ, ନନ୍ଦ ବାରିକ ଓ ରାହୁଲ ସ୍ୱାଇଁଙ୍କୁ ଚିକିତ୍ସା କରାଯାଇଥିଲା। ତୋଫାନଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇ ଜଣକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ବେଳେ ଏଯାବତ୍ ଥାନାରେ କେହି ଏତଲା ଦେଇନାହାନ୍ତି ବୋଲି ଥାନା ଅଧିକାରୀ ଦେବାଶିଷ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ ଯେ କିଛିବର୍ଷ ହେଲା ଗୋବା ଗ୍ରାମରେ ୨ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ବହୁବାର ଥାନାରେ ଏହାର ସମାଧାନ ମଧ୍ୟ ହୋଇଥିଲା। ପୂର୍ବରୁ ଗାଁ କମିଟି ଥିବା ବେଳେ ବିଗତ କିଛି ବର୍ଷ ହେଲା ସଭାପତିଙ୍କ ମୃତ୍ୟୁ ପରେ ନୂତନ କମିଟି ଗଠନ କରିବା, କିଛି ଦିନ ତଳେ ଗାଁରେ ଏକ ଟେଣ୍ଡର କାର୍ଯ୍ୟକୁ ନେଇ ଦୁଇ ଗୋଷ୍ଠୀ ମୁହାମୁହିଁ, ପୂର୍ବ ଶତ୍ରୁତା ସହ ବିଭିନ୍ନ ବିଷୟକୁ ନେଇ ଏହି ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହୁଥିବା ବେଳେ କାଲି ଏହା ଉଗ୍ରରୂପ ନେଇଛି ବୋଲି ପୁଲିସ କହିଛି।

ସେହିପରି ବେଗୁନିଆପଡା ଥାନା ବି.ନୂଆଁପଲ୍ଲୀରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଛି। ଘଟଣାସ୍ଥଳରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଚଳାଇଛି। ମୃତକ ହେଲେ ନିରାକାର ଦାସ। ୩ରୁ ଊର୍ଦ୍ଧ୍ୱ ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରିଛନ୍ତି। ସୋମବାର ବିଳମ୍ବିତ ରାତିରେ ଏଭଳି ହତ୍ୟାକାଣ୍ଡ ▶ପୃଷ୍ଠା-୭

## ବିଜେପି ନେତାଙ୍କ ଧମକ
# ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ

■ **ବ୍ରହ୍ମପୁର, ୧।୭ (ସମିସ):** ରାଜଧାନୀର ବିଏମ୍‌ସି କାର୍ଯ୍ୟାଳୟରେ ଜଣେ ବରିଷ୍ଠ ଓଏଏସ୍ ତଥା ଅତିରିକ୍ତ କମିଶନରଙ୍କୁ ଗତକାଲି ବିଜେପି ନେତା ଓ କର୍ମୀମାନେ ନିସ୍ତୁକ ପିଟିଲେ। ନିଜ ଅଫିସରେ ଅଭିଯୋଗ ଶୁଣାଣି କରୁଥିବା ଅଧିକାରୀଙ୍କୁ ଅପହରଣ କରିବାକୁ ଘୋଷାରି ଘୋଷାରି ପାର୍ଟିକୋରେ ଗାଡ଼ି ପର୍ଯ୍ୟନ୍ତ ନେଇ ଆସିଲେ। ଏହାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ସମୟରେ ଆଉ ଜଣେ ଯୁବ ନେତାଙ୍କ ଭାଇରାଲ ଅଡ଼ିଓ ବିଜେପିକୁ ଅକଳରେ ପକାଇଛି। ଚାନ୍ଦା ନ ଦେଲେ ଘରେ ପଶି ପିଟିବୁ ଓ ଯାହା ଘଟିବ ତୁମେ ଦାୟୀ ରହିବ ବୋଲି ସମ୍ପୃକ୍ତ ବିଜେପି ଯୁବ ନେତା ରାଜପଥର ଗୋଟିଏ ଟୋଲଗେଟ୍ ଅଧିକାରୀଙ୍କୁ ଧମକ ଦେଉଥିବା ଅଡ଼ିଓ ଏବେ ଭାଇରାଲ ହୋଇଛି ।

ରାଜ୍ୟରେ ବିଜେପି ସରକାର ଆସିବା ଦଳୀୟ ନେତାଙ୍କ ଉତ୍ପାତ ଗଞ୍ଜାମ ଜିଲ୍ଲାରେ ବଢ଼ିବାରେ ଲାଗିଛି। ଜିଲ୍ଲାରେ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଛି ଓ ଶାସକ ଦଳର ନେତା, କର୍ମୀ ଇନ୍ଦ୍ରଚନ୍ଦ୍ର ମାନୁନାହାନ୍ତି। ଚାନ୍ଦା ଓ ବଟି ପାଇଁ ଖୋଲାଖୋଲି ଧମକ ଦେଉଛନ୍ତି। କେଇମାସ ତଳେ ଆସିକା ବିଧାୟକ ସରୋଜ ପାଢ଼ୀ ବାଲିଘାଟରୁ ଦାଦାବଟି ଆଦାୟ ଅଡ଼ିଓ ଭାଇରାଲ ହୋଇଥିଲା । ଏବେ ଅନୀଲ ପଣ୍ଡା ନାମକ ଜଣେ ବିଜେପି ନେତା ଚାନ୍ଦା ମାଗୁଥିବା ଅଡ଼ିଓ ଜିଲ୍ଲା ସାରା ଘୂରି ବୁଲୁଛି ।


ବିଜେପି ଯୁବନେତା ନିଜକୁ ଅନୀଲ ପଣ୍ଡା ବୋଲି ପରିଚୟ ଦେଇ ଖଲ୍ଲିକୋଟ ଜାତୀୟ ରାଜପଥରେ ଥିବା ଟୋଲଗେଟ ଠିକାସଂସ୍ଥାର ମ୍ୟାନେଜରଙ୍କୁ ଚାନ୍ଦା ମାଗୁଥିବା ଅଡ଼ିଓରୁ ସ୍ପଷ୍ଟ ହୋଇଛି। ହିନ୍ଦୀ ଭାଷାରେ ମ୍ୟାନେଜରଙ୍କ ସହିତ କଥା ହୋଇ ପାର୍ଟି ଲାଗି ଚାନ୍ଦା ଦିଅ ନଚେତ ହାଲ୍ଲାବୋଲ ହେବ ବୋଲି ବିଜେପି ନେତା ଜଣକ ଫୋନ ▶ପୃଷ୍ଠା-୭

## ହେରାପଞ୍ଚମୀରେ ମହାପ୍ରଭୁଙ୍କ ମାନବୀୟ ଲୀଳା
# ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

■ **ପୁରୀ, ୧।୭ (ସମିସ):** ନବଦିନାତ୍ମକ ଯାତ୍ରାରେ ଆସି ଆଡ଼ପ ମଣ୍ଡପରେ ବିରାଜମାନ କରିଛନ୍ତି ଚତୁର୍ଦ୍ଧା ବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ମହାପ୍ରଭୁଙ୍କ ନୀତିକାନ୍ତି। ଜନ୍ମବେଦୀରେ ମହାପ୍ରଭୁଙ୍କୁ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ରଥଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ଦାରୁବିଗ୍ରହଙ୍କ ମାନବୀୟ ଲୀଳାର ଏହା ଏକ ଅଂଶ। ମଙ୍ଗଳବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି।



ମହାପ୍ରଭୁ ଏବଂ ଶ୍ରୀଦେବୀ (ଲକ୍ଷ୍ମୀ ଠାକୁରାଣୀ)ଙ୍କ ବିବାହ ସରିଥିଲା। ହେଲେ ଗଇଁଠାଳ ଫିଟି ନଥିଲା। ଅର୍ଥାତ୍ ବିବାହ କର୍ମ ଅଧାରେ ରହିଛି। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପଡ଼ିଲେ। ବିଭିନ୍ନ ପଥି ସେବନ କରି ଆରୋଗ୍ୟଲାଭ କଲେ। ଦ୍ୱିତୀୟା ତିଥିରେ ମହାପ୍ରଭୁ ଲକ୍ଷ୍ମୀଙ୍କୁ ସାକ୍ଷାତ୍ ନ କରି ଭାଇ-ଭଉଣୀଙ୍କୁ ସାଥୀରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ବିରହ ବେଦନାରେ ଥିବା ମା’ ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇନେବା ଲାଗି ▶ପୃଷ୍ଠା-୭




## ବାଲେଶ୍ୱରରେ ବନ୍ୟା ସ୍ଥିତି ଉଦ୍‌ବେଗଜନକ
# ପାଣିଘେରରେ ବହୁ ଗାଁ

■ **ବାଲେଶ୍ୱର, ୧।୭ (ସମିସ):** ବାଲେଶ୍ୱରରେ ବନ୍ୟା ପରିସ୍ଥିତି ଉଦ୍‌ବେଗଜନକ ରହିଛି। ଜଳକା ପରେ ସୁବର୍ଣ୍ଣରେଖାରେ ଦ୍ୱିତୀୟ ବନ୍ୟା ଆସିବାରୁ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର ବହୁ ଗାଁ ଏବେ ପାଣିଘେରରେ ରହିଛି। ଅପରପକ୍ଷେ, ସ୍ଥିତି ଗମ୍ଭୀର ଥିବା ବେଳେ ଏବେ ଜିଲ୍ଲାର ସମସ୍ତ ଓଏଏସ୍ ଏବଂ ଓଆର୍‌ଏସ୍ ଅଧିକାରୀମାନେ ସମୂହ ଛୁଟିରେ ଯିବା ପରେ ବନ୍ୟା ପରିଚାଳନା କିପରି ହେବ ଏବଂ ଲୋକମାନଙ୍କ ଦୁର୍ଦ୍ଦଶା କିଏ ବୁଝିବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଦୁଇଦିନ ଧରି ବର୍ଷା କମିଯିବା ପରେ ନଦୀରେ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଉଛି। ହେଲେ ଉତ୍ତର ବାଲେଶ୍ୱରର ଚାରୋଟି ବ୍ଲକ୍ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଛି। ଗାଁ ଗାଁରେ ବନ୍ୟା ପାଣି ପଶିଯାଇଥିବା ବେଳେ ଲୋକେ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ଗତି କରୁଛନ୍ତି। ସମ୍ପ୍ରତି ଜଳକା ଏବଂ ସୁବର୍ଣ୍ଣରେଖା ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ଥିବା ବେଳେ ମୋଟ ୪୪ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ବିଶେଷ କରି ବସ୍ତା ବ୍ଲକରେ ୧୪ଟି, ବାଲିଆପାଳ ବ୍ଲକରେ ୨ଟି,ଜଳେଶ୍ୱର ବ୍ଲକରେ ୭ଟି, ଜଳେଶ୍ୱର ମ୍ୟୁନିସିପାଲିଟିରେ ୮ଟି, ଭୋଗରାଇ ବ୍ଲକରେ ୧୩ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ବହୁ ଗାଁ ଏବେ ଜଳବନ୍ଦୀରେ ରହିଛନ୍ତି। ଲୋକମାନଙ୍କ ଘର ମଧ୍ୟକୁ ବନ୍ୟାଜଳ ପ୍ରବେଶ କରିଥିବା ବେଳେ ରୋଷେଇ କରି ଖାଇବା ▶ପୃଷ୍ଠା-୭



### ସମୂହ ଛୁଟିରେ ଅଧିକାରୀ; ବନ୍ୟା ପ୍ରପୀଡ଼ିତଙ୍କ ଦୁଃଖ ବୁଝିବ କିଏ?

### ବନ୍ୟାରେ ଭାସି ପୁଣି ଜଣେ ମୃତ

■ **ବାଲେଶ୍ୱର/ବସ୍ତା, ୧।୭ (ସମିସ):** ବନ୍ୟା ପାଣିରେ ଭାସି ବାଲେଶ୍ୱର ଜିଲ୍ଲାରେ ପୁଣି ଜଣଙ୍କ ଜୀବନ ଯାଇଛି। ମୃତକ ହେଲେ, ବସ୍ତା ବ୍ଲକ୍ ଇଡିଦା ପଞ୍ଚାୟତ କାଳନ୍ଦା ଗ୍ରାମର ଶତ୍ରୁଘ୍ନ ବିନ୍ଧାଣି (୫୦)। ଗତ ତିନି ଚାରିଦିନ ଧରି ଜଳକା ନଦୀ ବନ୍ୟାରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତ ପ୍ରଭାବିତ ହୋଇଥିଲା। ଗତକାଲି ବାସୁଚକୁରାଇଠାରେ ରାସ୍ତା ଉପରେ ଚାରି ଫୁଟ୍ ଉଚ୍ଚର ପାଣି ପ୍ରବାହିତ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ବନ୍ଦ କରାଯାଇନଥିଲା। ଫଳରେ ଗତକାଲି ସନ୍ଧ୍ୟାରେ ବାସୁଚାକୁରାଇ ହାଟକୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବାକୁ ଯାଇଥିବା ଶତ୍ରୁଘ୍ନ ବନ୍ୟାପାଣି ସୁଅରେ ଭାସି ଯାଇଥିଲେ। ରାତିସାରା ପରିବାର ପକ୍ଷରୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଆଜି ସକାଳେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗକ୍ରମେ ▶ପୃଷ୍ଠା-୭

## ଉତ୍ତର ଗାଜାରେ ଇସ୍ରାଏଲ ଆକ୍ରମଣ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅସ୍ତ୍ରବିରତି ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ ଇସ୍ରାଏଲ ପୁଣିଥରେ ଗାଜା ଉପରେ ଏକ ବଡ଼ଧରଣର ଆକ୍ରମଣ କରିଛି। ସୋମବାର ହୋଇଥିବା ଏହି ଆକ୍ରମଣରେ ୬୦ ଜଣ ପ୍ରାଣ ହରାଇଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ତେବେ ଉତ୍ତର ଗାଜାରେ ଥିବା ହମାସ ଉପରେ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ ସେନା ତରଫରୁ କୁହାଯାଇଛି। ଏହି ଆକ୍ରମଣରେ ଅତିକମ୍‌ରେ ୨୦ ଜଣ ପାଲେଷ୍ଟାଇନ ନାଗରିକ ମୃତ୍ୟୁବରଣ କରିଛନ୍ତି ବୋଲି କୁହାଯାଇଛି। ଏହି ଆକ୍ରମଣରେ ଅଧିକାଂଶ ହମାସ ଆତଙ୍କବାଦୀ ମୃତ୍ୟୁ ବରଣ କରିଛନ୍ତି ବୋଲି ଇସ୍ରାଏଲ କହିଛି। ମାର୍ଚ୍ଚ ପରଠାରୁ ଯୁଦ୍ଧ ଆରମ୍ଭ ହେବା ପରେ ଉତ୍ତର ଗାଜାକୁ ଖାଲି କରିବାକୁ କୁହାଯାଇଥିଲା। ସିଜ୍ ଫାୟାର ନେଇ କ୍ଷେତ୍ର ପ୍ରସ୍ତୁତ ହୋଇଥିବା ବେଳେ ଇସ୍ରାଏଲର ଏଭଳି ଆକ୍ରମଣକୁ ନେଇ ପ୍ରଶ୍ନ ଉଠିଛି।

## ମାସେ ପାଇଁ ସୁରକ୍ଷା ପରିଷଦର ଅଧ୍ୟକ୍ଷ ହେଲା ପାକିସ୍ତାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ପାକିସ୍ତାନ ଗୋଟିଏ ମାସ ଅର୍ଥାତ ଜୁଲାଇ ମାସ ପାଇଁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷ ପଦରେ ଅଳଙ୍କୃତ ହୋଇଛି। ୨୦୨୫ ଜାନୁଆରୀରୁ ପାକିସ୍ତାନ ଦୁଇବର୍ଷ ପାଇଁ ସୁରକ୍ଷା ପରିଷଦରେ ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଥିଲା। ଅଧ୍ୟକ୍ଷ ଭାବେ ପାକିସ୍ତାନ ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ସହ ଅନ୍ତର୍ଜାତୀୟ ନିୟମକୁ କାର୍ଯ୍ୟକାରୀ କରିବାକୁ ପ୍ରୟାସ କରିବ ବୋଲି କହିଛି। ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଆମ୍ବାସାଡର ଅସିମ ଇଫ୍‌ତିକାର ଅହମ୍ମଦ ସୁରକ୍ଷା ପରିଷଦର ବିଭିନ୍ନ ବୈଠକରେ ଅଧ୍ୟକ୍ଷତା କରିବାର ସୁଯୋଗ ପାଇବେ। ଇତିମଧ୍ୟରେ ଜୁଲାଇ ମାସର କାର୍ଯ୍ୟ ନେଇ ଅସିମ ଜାତିସଂଘ ସହାସଚିବ ଆଣ୍ଟୋନିଓ ଗୁଏଟେର୍ସଙ୍କୁ ଭେଟି ଅବଗତ କରାଇଛନ୍ତି। ଉଲ୍ଲେଖଥାଉ କି, ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାନ ପାଇଥିବା ୧୫ ସଦସ୍ୟ ଆଲଫାବେଟିକାଲ ଅର୍ଡରରେ ପାଳିଭିତ୍ତିରେ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥାନ୍ତି। ଉଲ୍ଲେଖଥାଉ କି, ପୂର୍ବରୁ ପାକିସ୍ତାନ ସୁରକ୍ଷା ପରିଷଦରେ ୭ଥର ଅସ୍ଥାୟୀ ସଦସ୍ୟ ଭାବେ ସ୍ଥାନ ପାଇଛି।

## ବମ୍ବେ ଆଇଆଇଟିରେ ୧୪ ଦିନ କଟାଇଲେ ନକଲି ଛାତ୍ର

ମୁମ୍ବଇ, ୧।୭(ଏଜେନ୍ସି): ବମ୍ବେ ଆଇଆଇଟିରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ୨୨ ବର୍ଷୀୟ ଜଣେ ନକଲି ଛାତ୍ର ଆଇଆଇଟି କ୍ୟାମ୍ପସରେ ବେଆଇନ ଭାବେ ୧୪ ଦିନ ରହିଥିଲେ। ବିଲାଲ ଅହମ୍ମଦ ତେଲି ନାମକ ଏହି ବ୍ୟକ୍ତି କଡ଼ା ସୁରକ୍ଷା ବଳୟକୁ ଭେଦ କରି କ୍ୟାମ୍ପସ ଭିତରକୁ ପସିବାରେ ସକ୍ଷମ ହୋଇଥିଲା। ତାଙ୍କୁ ପୁଲିସ ଗିରଫ କରିଛି। ଜୁନ୍ ୨୬ରେ କ୍ୟାମ୍ପସରେ ବିଲାଲ ଏକ ସୋଫାରେ ଶୋଇଥିବାର ଦେଖାଯାଇଥିଲା। ସୁରକ୍ଷାକର୍ମୀ ତାଙ୍କ ପରିଚୟ ପଚାରିବା ପରେ ସେ କୌଣସି ଉତ୍ତର ନ ଦେଇ ଦୌଡିବାକୁ ଲାଗିଥିଲେ। ଏହାପରେ ସିସିଟିଭି ଫୁଟେଜର ଯାଞ୍ଚ କରାଯାଇଥିଲା ଓ ସେ ଛାତ୍ର ନ ଥିବା ଜଣା ପଡ଼ିଥଲା। କିନ୍ତୁ ସେ ୧୪ ଦିନଧରି କ୍ୟାମ୍ପସରେ ବୁଲାବୁଲି କରିଥିଲା। ସେ ମଧ୍ୟ ୨୧ଟି ଇମେଲ ଆଡି ସୃଷ୍ଟି କରିଥିଲା। ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରାଯାଇଛି। ଜୁଲାଇ ୭ ପର୍ଯ୍ୟନ୍ତ ତାଙ୍କୁ ଏବେ ୧୪ ଦିନିଆ ବିଚାରବିଭାଗୀୟ ହାଜତକୁ ପଠାଇଛି। କ୍ୟାମ୍ପସରେ ସେ ନିଜକୁ ଜଣେ ପିଏଚ୍‌ଡି ଛାତ୍ରର ପରିଚୟ ଦେଉଥିଲା। ବିଲାଲ ପାଖରେ ନକିଲି ଦସ୍ତାବିଜ ମଧ୍ୟ ଥିଲା। ସେ ଗତବର୍ଷ ମଧ୍ୟ କ୍ୟାମ୍ପସରେ ଗୋଟିଏ ମାସ ରହିଥିଲା ବୋଲି ପୁଲିସ୍‌କୁ କହିଛି। କିନ୍ତୁ ସେ ନକଲି ଛାତ୍ର ବୋଲି କେହି ଚିହ୍ନିପାରି ନଥିଲେ। ବିଲାଲ ଏବେ ଗୁଜରାଟର ସୁରାଟ୍‌ରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟକରୁଛି ଓ ସେ ମାସକୁ ୧.୨୫ ଲକ୍ଷ ଟଙ୍କା ଦରମା ପାଉଛି।

### ହିନ୍ଦୁ ଯୁବତୀଙ୍କୁ ଦୁଷ୍କର୍ମ

## ବାଂଲାଦେଶରେ ତେଜିଲା ବିରୋଧ

ଢ଼ାକା, ୧।୭(ଏଜେନ୍ସି): ବାଂଲାଦେଶର କୁମିଲ୍ଲାର ମୁରାଦନଗରରେ ଗତ ଜୁନ୍ ୨୬ରେ ଜଣେ ୨୧ ବର୍ଷୀୟ ହିନ୍ଦୁ ଯୁବତୀ ଦୁଷ୍କର୍ମ ଶିକାର ହେବା ପରେ ଏହାକୁ ନେଇ ଆନ୍ଦୋଳନ ଜୋର ଧରିଛି। ଏହି ଘଟଣାକୁ ନେଇ ସାରା ଦେଶରେ ବିରୋଧ ତେଜିଛି। ହିନ୍ଦୁ ଓ ମାନବାଧିକାର ସଂଗଠନ ବାଂଲାଦେଶର ବିଭିନ୍ନ ସହରରେ ଉଗ୍ର ପ୍ରଦର୍ଶନ କରିଛନ୍ତି। ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳରେ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପାର୍ଟି ଆବାମୀ ଲିଗ୍ ଓ ଅନ୍ୟତମ ପୂର୍ବତନ ପ୍ରଧାନମନ୍ତ୍ରୀ ଖଲିଦା ଜିଆଙ୍କ ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ଅଭିଯୁକ୍ତ ଫଜର ଅଲିଙ୍କୁ ପରସ୍ପରର ନେତା ବୋଲି ଆକ୍ଷେପ କରିଛନ୍ତି। ସେହିପରି ଜମାତ-ଏ- ଇସଲାମି ମଧ୍ୟ ଏହି ମାମଲାରେ ବିଏନ୍‌ପିକୁ ନିଶାଣ କରିଛି। ସେପଟେ ବାଂଲାଦେଶ ପୁଲିସ୍ ଓ ମହମ୍ମଦ ୟୁନୁସ୍‌ଙ୍କ ସମର୍ଥକମାନେ ଏହି ଘଟଣାକୁ ପରକୀୟପ୍ରୀତି ବୋଲି ଦର୍ଶାଇବାକୁ ପ୍ରୟାସ କରିଛନ୍ତି। ଏହାପରେ ସଂଖ୍ୟାଲଘୁ ହିନ୍ଦୁ ସମୁଦାୟ ମଧ୍ୟରେ ଆକ୍ରୋଶ ଖେଳିଯାଇଥିଲା। ରାତିରେ ଢ଼ାକା ବିଶ୍ୱବିଦ୍ୟାଳୟରେ ଛାତ୍ରମାନେ ଏହାକୁ ବିରୋଧ କରି ରାଲି ବାହର କରିଥିଲେ। ତେବେ ଏହି ମାମଲା ପରକୀୟାପ୍ରୀତି ନୁହଁ ବୋଲି କୁମିଲ୍ଲା ପୁଲିସ ତରଫରୁ ସ୍ପଷ୍ଟ କରାଯାଇଛି। ଏ ନେଇ କୌଣସି ପ୍ରମାଣ ମିଳିନାହିଁ ବୋଲି କୁମିଲ୍ଲା ଅତିରିକ୍ତ ପୁଲିସ ଅଧିକକ୍ଷ ଏକେଏମ୍ କମରୁଜମାଙ୍ଗ କହିଛନ୍ତି। ଏହି ମାମଲାରେ ପୀଡିତାଙ୍କୁ ସୁରକ୍ଷା ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ଓ ସୋସିଆଲ ମିଡିଆରେ ଏହି ଘଟଣାର ଭିଡିଓକୁ ତୁରନ୍ତ ହଟାଇବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ହିମାଚଳରେ ବାଦଲଫଟା ବର୍ଷା; ୪ ମୃତ, ୧୬ ନିଖୋଜ



ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଦେଶର ଅଧିକାଂଶ ଭାଗରେ ମୌସୁମୀ ଜନିତ ପ୍ରବଳ ବର୍ଷା ଲାଗି ରହିଛି। ଭୀଷଣ ବର୍ଷା ଯୋଗୁଁ ଅନେକ ରାଜ୍ୟରେ ଭୂସ୍ଖଳନ ହେଉଛି। ବନ୍ୟା ସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ଫଳରେ ସ୍ଥିତି ଅଣାୟତ୍ତ ହୋଇଯାଇଛି। ଲୋକେ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହେଉଛନ୍ତି। ରାସ୍ତାଘାଟ ବନ୍ଦ ହୋଇ ଯାଇଥିବାରୁ ଶତାଧିକ ଗାଡ଼ିମୋଟର ଅଟକି ରହିଛନ୍ତି। ଅନେକଙ୍କ ଘରେ ପାଣି ପଶିଯାଇଛନ୍ତି। ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ବର୍ଷା ଯୋଗୁଁ ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଦୁଇ ରାଜ୍ୟରେ ତିନି ହେଲା ଭୀଷଣ ବର୍ଷା ଜାରି ରହିଛି। ହିମାଚଳ ମଣ୍ଡିର ୪ ସ୍ଥାନରେ ବାଦଲ ଫଟା ବର୍ଷା ହୋଇଛି।

■ ଭାସିଗଲା ପୋଲ

■ ପ୍ରୟାଗରାଜରେ ବି ବନ୍ୟା

■ ଅଲୱରରେ ଘରେ ପଶିଲା ପାଣି

ଏଥିଯୋଗୁଁ କୁକଲାହରେ ପୋଲ ସହିତ ଅନେକ ଗାଡ଼ି ଭାସି ଯାଇଛି। ଚାରିଅଡେ ଘର ବଦଳରେ ଅବଶେଷ ଦେଖିବାକୁ ମିଳୁଛି। ମଣ୍ଡି ସହରରେ ନାଳ ଗୁଡିକ ଫୁଲି ଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୩ ଜଣ ପ୍ରାଣ ହରାଇଥିବାବେଳେ ୧୦ରୁ ଅଧିକ ନିଖୋଜ ହୋଇଯାଇଛନ୍ତି। ୧୦ଟି ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ମନାଲି-ମଣ୍ଡି ଫୋରଲେନ ସଡ଼କରେ ଥିବା ସୁଡଙ୍ଗର ପ୍ରବେଶ ପଥରେ ପାହାଡ ଧସି ଅବଶେଷ ଗଦା ହୋଇଛି।

ଉତ୍ତରାଖଣ୍ଡରେ ଭୂସ୍ଖଳନ ହୋଇ ରାସ୍ତା ଉପରେ ପଡ଼ିଛି। ଏଥିଯୋଗୁଁ ଜନଜୀବନ ବ୍ୟାହତ ହୋଇଛି। କୋଟଦ୍ୱାର-ବଦ୍ରିନାଥ ମାର୍ଗରେ ଥିବା ସତପୁଲି ନିକଟରେ ଭୂସ୍ଖଳନ ହେବା ଯୋଗୁଁ ପୌଡି-ମେରଠ ରାଜପଥକୁ ବନ୍ଦ କରିଦିଆଯାଇଛି। ଉତ୍ତରକାଶୀରେ ଭୂସ୍ଖଳନ ଯୋଗୁଁ ଯମୁନୋତ୍ରି ରାସ୍ତା ବନ୍ଦ ରହିଛି। ରାଜସ୍ଥାନର ଅଲୱରରେ ସୋମବାର ପ୍ରବଳ ବର୍ଷା ହୋଇଛି। ଏଥିଯୋଗୁଁ ରାସ୍ତାରେ ଦୁଇ ଫୁଟର ପାଣି ଜମା ହୋଇଛି। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଗଙ୍ଗା-ଯମୁନା ଯୋଗୁଁ ବନ୍ୟା ଆସିଛି।

# ଥମୁନି କର୍ଣ୍ଣାଟକ କଂଗ୍ରେସ କଳି



■ ପୁଣି ମୁଖ୍ୟମନ୍ତ୍ରୀ ପଦକୁ ନେଇ ବିବାଦ

■ ଉପ-ମୁଖ୍ୟମନ୍ତ୍ରୀଙ୍କ ଘନିଷ୍ଠ ବିଧାୟକଙ୍କ ଦାବି

■ ଶହେ ବିଧାୟକଙ୍କ ସମର୍ଥନ ଅଛି

ବେଙ୍ଗାଲୁରୁ, ୧।୭ (ଏଜେନ୍ସି): କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ନେତୃତ୍ୱ କଳି ଛିଣ୍ଡିବାର ନା ଧରୁନି। ରାଜ୍ୟରେ ସବୁକିଛି ଠିକ୍ ଅଛି ବୋଲି କଂଗ୍ରେସ ବାର୍ତ୍ତା ଦେବାକୁ ପ୍ରୟାସ କରୁଛି। ମୁଖ୍ୟମନ୍ତ୍ରୀ ବଦଳାଇବାର କୌଣସି ଯୋଜନା ନାହିଁ ବୋଲି ମଧ୍ୟ କୁହାଯାଇଛି। ଦିନକ ତଳେ ସିଦ୍ଧରମୈୟା ଏବଂ ଶିବକୁମାର ଏକାଠି କାମ କରିବାକୁ ସହମତି ପ୍ରକାଶ କରିଥିଲେ। ମତପାର୍ଥକ୍ୟ ଖବରକୁ ଖଣ୍ଡନ କରିଦେଇଥିଲେ। ମାତ୍ର ୨୪ ଘଣ୍ଟା ନ ହେଉଣୁ ପୁଣି ସ୍ଥିତି ବଦଳି ଯାଇଛି। ଏକ ଭାଇରାଲ ଭିଡିଓ ଏହି ନିଆଁକୁ ପୁଣି ଜୋରଦାର କରିଦେଇଛି। କର୍ଣ୍ଣାଟକ ପ୍ରଭାରୀ ରଣଦୀପ ସୁର୍ଜେୱାଲା ବେଙ୍ଗାଲୁରୁରେ ପହଞ୍ଚି ବିଧାୟକଙ୍କ ସହ କ୍ରମାଗତ ଭାବେ ଚର୍ଚ୍ଚା କରୁଛନ୍ତି। ମାତ୍ର ଏହାର କୌଣସି ପ୍ରଭାବ ପଡୁନାହିଁ। ଏବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ପଦ କଂଗ୍ରେସ ପାଇଁ କଣ୍ଟା ପାଲଟିବାରେ ଲାଗିଛି। ତିନି ଥରର ବିଧାୟକ ବିଆର ପାଟିଲଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ମାଣ୍ଡ୍ୟା ବିଧାୟକ କ୍ରିଷ୍ଣାରାଜ ପେଟେଙ୍କୁ ସେ କହୁଛନ୍ତି ଯେ ସିଦ୍ଧରମୈୟାଙ୍କ ଲଟେରି ଲାଗିଯାଇଛି। ମୁଁ ତାଙ୍କୁ ସୋନିଆ ଗାନ୍ଧୀଙ୍କ ସହ ନେଇ ଭେଟ କରାଇ ଥିଲି। ତାଙ୍କ ଭାଗ୍ୟ ଭଲ ଅଛି। ତେଣୁ ସେ ମୁଖ୍ୟମନ୍ତ୍ରୀ ହେଲେ। ମୋର କୌଣସି ଗଡ୍ ଫାଦରଲ କିମ୍ବା ଗଡ୍ (ଭଗବାନ) ନାହାନ୍ତି। ମୁଁ ସୁର୍ଜେୱାଲାଙ୍କୁ ଭେଟି ଯାହା କହିବାର ଥିଲା ତାହା କହିଦେଲି। ସେ ଧୈର୍ଯ୍ୟର ସହ ସବୁ ଶୁଣିଥିଲେ। ଦେଖାଯାଉ ଆଗକୁ କ'ଣ ହେଉଛି।

ବିବାଦର ସମାଧାନ କରିବାକୁ ବେଙ୍ଗାଲୁରୁ ଆସିଥିବା ସୁର୍ଜେୱାଲା ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନର ହେବାର କୌଣସି ଯୋଜନା ନାହିଁ କହିବାର କିଛି ଘଣ୍ଟା ପରେ ଏହି ଭିଡିଓ ଭାଇରାଲ ହୋଇଛି। ଶିବକୁମାରଙ୍କ ସମର୍ଥକ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରୁଛନ୍ତି। ତେବେ ଏହି ଘୋଷଣା କରିବା ସମୟରେ ସେ ସୁର୍ଜେୱାଲାଙ୍କ ପାଖରେ ବସିଥିଲେ। ପରେ ଶିବକୁମାର କହିଥିଲେ ଯେ ବିଧାୟକମାନେ ମୋ ପାଇଁ କୁହନ୍ତୁ ବୋଲି ଚାହୁଁ ନାହିଁ। ୨୦୨୮ରେ ଦଳକୁ ପୁଣିଥରେ କ୍ଷମତାସୀନ କରିବା ପାଇଁ ମୁଁ କାର୍ଯ୍ୟ କରୁଛି। ଅନ୍ୟପକ୍ଷରେ ଶିବକୁମାରଙ୍କ ଜଣେ ଘନିଷ୍ଠ ବିଧାୟକ ଇକବାଲ ହୁସେନ କହିଛନ୍ତି ଯେ ପ୍ରାୟ ଶହେ ବିଧାୟକ ମୁଖ୍ୟମନ୍ତ୍ରୀ ବଦଳା ଯାଉ ବୋଲି ଚାହୁଁଛନ୍ତି। ଯଦି ପରିବର୍ତ୍ତନ ନ ହୁଏ ତେବେ ୨୦୨୮ରେ କଂଗ୍ରେସ ହାରିଯିବ। ସୁର୍ଜେୱାଲାଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଯିବ। ଶିବକୁମାର ଦିନରାତି ଦଳ ପାଇଁ କାର୍ଯ୍ୟ କରୁଛନ୍ତି। ଏବେ ତାଙ୍କୁ ମୁଖ୍ୟମନ୍ତ୍ରୀ ହେବାକୁ ସୁଯୋଗ ଦିଆଯିବା ଉଚିତ। ଅନ୍ୟପଟେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ସୋମବାର କହିଥିଲେ ଯେ ମୁଖ୍ୟମନ୍ତ୍ରୀ ବଦଳାଇବାର ନିଷ୍ପତ୍ତି ହାଇକମାଣ୍ଡ ନେବେ। ହାଇକମାଣ୍ଡଙ୍କ ମୁଣ୍ଡରେ କ'ଣ ଚାଲିଚି ତାହା କେହି ଜାଣି ନାହାନ୍ତି। ନିଷ୍ପତ୍ତି ନେବା ତାଙ୍କ ଅଧିକାର। ଅକାରଣରେ ଏହି ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି କରିବା ଅନୁଚିତ।



## ୯୦୦ ଫୁଟ୍ ତଳକୁ ଖସିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଅହମ୍ମଦାବାଦ ବିମାନ ଦୁର୍ଘଟଣାର ଦୁଇଦିନ ପରେ ଆଉଏକ ଏୟାର ଇଣ୍ଡିଆର ବିମାନ ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଜୁନ୍ ୧୪ରେ ଏୟାର ଇଣ୍ଡିଆର ଏକ ବିମାନ ୯୦୦ ଫୁଟ୍ ତଳକୁ ଖସିଥିଲା। ଦିଲ୍ଲୀରୁ ଏହି ବିମାନ ଅଷ୍ଟ୍ରିଆ ରାଜଧାନୀ ଭିଏନା ଯାଉଥିଲା। ଦିଲ୍ଲୀ ବିମାନ ବନ୍ଦରରୁ ଟେକ୍‌ଅଫ୍ କରିବା ପରେ ହିଁ ବିମାନ ତଳକୁ ଖସିବାରେ ଲାଗିଥିଲା। ତେବେ ଏହି ବିମାନ ୯ ଘଣ୍ଟା ୮ ମିନିଟ୍‌ର ଉଡାଣ ପରେ ଭିଏନାରେ ସୁରକ୍ଷିତ ଭାବେ ଲ୍ୟାଣ୍ଡ କରିଥିଲା। ଏହି ଘଟଣା ଯାଞ୍ଚ୍ ଆରମ୍ଭ ହୋଇଛି ବୋଲି ଏୟାର ଇଣ୍ଡିଆ ତରଫରୁ କୁହାଯାଇଛି। ଏ ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ବିମାନର ଦୁଇ ପାଇଲଟଙ୍କୁ ଦାୟିତ୍ୱରୁ ହଟାଇ ଦିଆଯାଇଛି। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକ (ଡିଜିସିଏ)କୁ ଅବଗତ କରାଯାଇଛି ବୋଲି କୁହାଯାଇଛି। ରେକର୍ଡରୁ ତଥ୍ୟ ସଂଗ୍ରହ କରାଯାଇଛି ଓ ଯାଞ୍ଚ ଚାଲୁ ରହିଛି ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଜୁନ୍ ୧୨ରେ ଅହମଦାବାଦ୍‌ରେ ଏଆଇ ୧୭୧ ବିମାନ ଦୁର୍ଘଟଣା ସମ୍ମୁଖୀନ ହୋଇଥିଲା।

## ଆଇଏନ୍‌ଏସ୍ ତମାଲ ନୌସେନାରେ ସାମିଲ



ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଭାରତୀୟ ନୌସେନାରେ ଆଉ ଏକ ଅତ୍ୟାଧୁନିକ ଗୁପ୍ତ ଯୁଦ୍ଧପୋତ ସାମିଲ ହୋଇଛି। ଏହି ଲଢୁଆ ଜାହାଜ ହେଉଛି 'ଆଇଏନ୍‌ଏସ୍ ତମାଲ'। ଏହାକୁ ରୁଷିଆର କଲିନିଗ୍ରାଡ୍‌ରେ ମଙ୍ଗଳବାର କମିଶନ କରାଯାଇଛି। କମିଶନିଂ ଉତ୍ସବରେ ଭାଇସ ଆଡମିରାଲ୍ ସଞ୍ଜୟ ଜେ ସିଂ ଅଧ୍ୟକ୍ଷତା କରିଥିଲେ। ରୁଷିଆ ହିଁ ଭାରତକୁ ଏହି ଲଢୁଆ ଜାହାଜ ପ୍ରଦାନ କରିଛି। ରୁଷ୍ ତରଫରୁ ଅଷ୍ଟମ କ୍ରିଭାକ କ୍ଲାସ ତଥା ଦ୍ୱିତୀୟ ତୁଲସି- କ୍ଲାସ ଲଢୁଆ ଜାହାଜ ଭାରତକୁ ମିଳିଛି। ୨୦୧୬ରେ ଭାରତ ଓ ରୁଷିଆ ମଧ୍ୟରେ ୨୧, ୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତି ହୋଇଥିଲା ଓ ତମାଲ ହେଉଛି ଏହାର ଅଂଶବିଶେଷ। ଆଇଏନ୍‌ଏସ୍ ତମାଲରେ ୨୬ ପ୍ରତିଶତ ସ୍ୱଦେଶୀ ଟେକନିକ ସାମିଲ ହୋଇଛି। ଏହା ୩୦ ନଟ୍ସ ଅର୍ଥାତ ଘଣ୍ଟାପ୍ରତି ୫୫ କିମି ବେଗରେ ଗତି କରିବାର କ୍ଷମାତ ରଖୁଛି। ଏହା ସମୁଦ୍ର ଭିତରଠାରୁ ଆରମ୍ଭ କରି ବାୟୁ ପର୍ଯ୍ୟନ୍ତ ସବୁଠି ଆକ୍ରମଣ କରିବାର କ୍ଷମତା ରଖୁଛି। ଏହାର ଓଜନ ୩, ୯୦୦ ଟନ। ଏଥିରେ ଓଜନଦାର ଅସ୍ତ୍ର ସମେତ ବିକଶିତ ସେନ୍ସର ଓ ଗୋଟିଏ ହେଲିକ୍ୟାପ୍ଟର ନେଇ ଯିବାର ବ୍ୟବସ୍ଥା ରହିଛି। ୧୨୫ ମିଟର ଦୈର୍ଘ ବିଶିଷ୍ଟ ଏହି ଜାହାଜରେ ଗୋଟିଏ ଅଧା ଫୁଟବଲ ପଡ଼ିଆ ରହିପାରିବ। ଏହାକୁ ରାଡାର ଠାବ କରିବା ଅସମ୍ଭବ। ଏହାକୁ ନୌସେନା ପଶ୍ଚିମ ବିଭାଗରେ ସାମିଲ କରାଯିବ। ଫଳରେ ଏହା ଭାରତ ମହାସାଗର ଓ ଆରବ ସାଗରରେ ନିୟୋଜିତ ହେବା ସହ ପାକିସ୍ତାନ ସୀମାକୁ ନୀରିକ୍ଷଣ କରିବ।

### ହେପାଜତରେ ଗାର୍ଡଙ୍କ ମୃତ୍ୟୁ ମାମଲା; ମାଡ୍ରାସ ହାଇକୋର୍ଟଙ୍କ ଭର୍ତ୍ସନା

## କ୍ଷମତା ନିଶାରେ ପୁଲିସ ମାତାଲ

ଚେନ୍ନଇ, ୧।୭ (ଏଜେନ୍ସି): ତାମିଲନାଡୁ ପୁଲିସ କ୍ଷମତା ନିଶାରେ ମାତାଲ ହୋଇଯାଇଛି। କ୍ଷମତାରେ ଅନ୍ଧ ହୋଇ ପୁଲିସ କ୍ରୁର ପାଲଟି ଯାଉଛି। ରାଜ୍ୟ ନିଜ ଲୋକଙ୍କୁ ହତ୍ୟା କରୁଛି ବୋଲି ମାଡ୍ରାସ ହାଇକୋର୍ଟ କହିଛନ୍ତି। ତାମିଲନାଡୁ ଶିବଗଙ୍ଗା ଜିଲ୍ଲାରେ ପୁଲିସ ହେପାଜତରେ ପ୍ରାଣ ହରାଇଥିବା ମନ୍ଦିର ସୁରକ୍ଷାକର୍ମୀ ଅଜିତ କୁମାର (୨୭)ଙ୍କ ମାମଲା ଉପରେ ନିଜ ଆଡୁ ବିଚାର କରି ପୁଲିସ ଏବଂ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରେ ଅଜିତଙ୍କ ଶରୀରରେ ୪୪ଟି କ୍ଷତ ଚିହ୍ନ ଥିବା ଜଣାପଡ଼ିଛି। ଏହା ବିଚଳିତ କରିଦେଉଛି ବୋଲି ବିଚାରପତି ଏସଏମ ସୁବ୍ରମଣ୍ୟନ କହିଛନ୍ତି। ତାଙ୍କୁ ଉପରେ ଚାରିଆଡୁ ଆକ୍ରମଣ କରାଯାଇଥିଲା। ଏଥିପାଇଁ ଅଜିତଙ୍କ ମୃତ୍ୟୁ ହୋଇଥିଲା। ସାଧାରଣ ହତ୍ୟାକାରୀ ବି ଏଭଳି କ୍ଷତ ଚିହ୍ନି ପାରିବ ନାହିଁ। ପୁଲିସ ମିଳିମିଶି ତାଙ୍କୁ ମାରିଥିଲେ। ସାକ୍ଷରତା ହାର କମ୍ ଥିବା କିଛି ଉତ୍ତର ଭାରତୀୟ ରାଜ୍ୟରେ ବି ଏଭଳି ଘଟଣା ଦେଖିବାକୁ ମିଳେନାହିଁ। ତାମିଲନାଡୁ ସବୁଥିରେ ଆଗରେ ଅଛି ବୋଲି ସରକାର କହୁଛନ୍ତି। ତାହେଲେ ଏଭଳି ଘଟଣା ଘଟିବାକୁ କାହିଁକି ଦିଆଯାଉଛି? କୌଣସି ଥାନାରେ ଏଭଳି ହେବା ଅନୁଚିତ। ଅଜିତଙ୍କ କୌଣସି ଆପରାଧିକ ରେକର୍ଡ ମଧ୍ୟ ନ ଥିଲା। ଏହା ସତ୍ତ୍ୱେ ତାଙ୍କୁ ମାରି ଦିଆଗଲା। ବିନା ଏତଲାରେ ଏହି ମାମଲା ସ୍ୱତନ୍ତ୍ର ଟିମ୍ ହାତକୁ କେମିତି ଗଲା? ଏସ୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ହାଇକୋର୍ଟ କହିଥିଲେ।

ସୂଚନା ଅନୁଯାୟୀ ଗତ ୨୭ ତାରିଖରେ ଚୋରି ଅଭିଯୋଗରେ ଅଜିତଙ୍କୁ ଗିରଫ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଦିନକ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ତାଙ୍କୁ ପିଟୁଥିବାର ଭିଡିଓ ଭାଇରାଲ ମଧ୍ୟ ହୋଇଥିଲା। ୩୦ରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପୀଡ଼ିତ ପରିବାର ହାଇକୋର୍ଟ ଯାଇଥିଲେ। ପୁଲିସ ଏହି ମାମଲାରେ ୫ ଜଣ କର୍ମଚାରୀଙ୍କୁ ଗିରଫ କରିଥିଲା। ଶିବଗଙ୍ଗା ଏସ୍‌ପିଙ୍କୁ ହଟା ଯାଇଥିଲା। ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଅଜିତଙ୍କ ମାଆଙ୍କ ଆଧାରରେ ଏତଲା କାହିଁକି ରୁଜୁ କରାଯାଇ ନ ଥିଲା? ଘଟଣାର ସିସିଟିଭି ଫୁଟେଜ କୁଆଡେ ଗଲା? ଅଜିତଙ୍କ ଭାଇଙ୍କୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଏବଂ ସରକାରୀ ଚାକିରି ଦେବାର ପ୍ରତିଶ୍ରୁତି ବିବାହ ହଲ୍‌ରେ କାହିଁକି ନିଆଯାଇଥିଲା? ଏହି ମାମଲାର ସିବିଆଇ ଯାଞ୍ଚ କରିବାକୁ କୋର୍ଟ କହିଥିଲେ। ବେଆଇନ ମୃତ୍ୟୁର କାରଣ ପାଲଟି ଥିବା ବଡ଼ ଅଧିକାରୀଙ୍କଠାରୁ ନେଇ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜନ୍ ସୁନ୍ଦରଲାଲ ସୁରେଶଙ୍କ ନେତୃତ୍ୱରେ ନ୍ୟାୟିକ ଯାଞ୍ଚ କରିବାକୁ କହିଛନ୍ତି।

## ଛାତି ଉପରେ ବସି ନର୍ସିଂ ଛାତ୍ରୀଙ୍କ ଗଳା କାଟିଲେ ପ୍ରେମିକ

ଭୋପାଳ, ୧।୭(ଏଜେନ୍ସି): ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାରେ ଏକ ଅଭାବନୀୟ ତଥା ବିଚଳିତ କଲା ଭଳି ଘଟଣା ଘଟିଛି। ଜିଲ୍ଲା ହସ୍ପିଟାଲ୍‌ରେ ଏକ ଯୁବକ ସର୍ବସମ୍ମୁଖରେ ଜଣେ ନର୍ସିଂ ଛାତ୍ରୀଙ୍କ ଛାତି ଉପରେ ବସି ଗଳା କାଟି ତାଙ୍କୁ ହତ୍ୟା କରିଛି। ଜୁନ୍ ୨୭ରେ ହିଁ ଏହି ଘଟଣା ଘଟିଛି। ସନ୍ଧ୍ୟା ଚୌଧୁରୀ ନାମକ ଏହି ଛାତ୍ରୀ ଜଣକ ଛଟପଟ ହେଉଥିବା ବେଳେ ସେଠାରେ ଉପସ୍ଥିତ ଲୋକ ତାଙ୍କୁ ସାହାଯ୍ୟ କରିବାକୁ ଆସି ନଥିଲେ। କିନ୍ତୁ ସେ ଛଟପଟ ହୋଇ ମରିବା ପର୍ଯ୍ୟନ୍ତ ଭିଡିଓ ବନାଇଥିଲେ। ଏହି ବିଭତ୍ସ ଘଟଣାର ଭଡିଓ ଏବେ ସାମ୍ନାକୁ ଆସିଛି। ଘଟଣାସ୍ଥଳରେ ବହୁତ ରକ୍ତ ବହିଥିଲା ଓ ଛାତ୍ରୀଙ୍କ ଶରୀର ରକ୍ତର ଜୁଡୁବୁଡି ହୋଇଥିଲା। ଯୁବକ ଜଣକ ସନ୍ଧ୍ୟାଙ୍କ ପ୍ରେମିକ ବୋଲି କୁହାଯାଉଛି। ସନ୍ଧ୍ୟା ଏହି ହସ୍ପିଟାଲରେ ଭୋକେସନାଲ ଟ୍ରେନିଂ ନେଉଥିଲେ। ସେ ତାଙ୍କ ଗଳା କାଟୁଥିବା ବେଳେ କୌଣସି ବ୍ୟକ୍ତି ତାଙ୍କୁ ଅଟକାଇବାକୁ ପ୍ରୟାସ କରି ନଥିଲେ। ଏହି ଘଟଣାକୁ ଜଣେ ଡାକ୍ତର ମୋବାଇଲରେ ରେକର୍ଡିଂ କରିଥିଲେ ଓ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଭିଯୁକ୍ତ ଜଣକ ହେଉଛନ୍ତି ଅଭିଷେକ କୋଷ୍ଟି। କଳା ସାର୍ଟ ପିନ୍ଧିଥିବା ଅଭିଷେକ ସନ୍ଧ୍ୟାଙ୍କୁ ପ୍ରଥମେ ଚାପୁଡା ମାରି ତଳେ ପକାଇଦେଇଥିଲେ। ଏହାପରେ ଛାତି ଉପରେ ବସି ସେ ସନ୍ଧ୍ୟାଙ୍କ ଗଳା କାଟିଥିଲା। ଏହି ସବୁ ଘଟଣା ଦିନ ଦ୍ୱିପହରରେ ହସ୍ପିଟାଲର ଇମର୍ଜେନ୍ସି ୱାର୍ଡରେ ହିଁ ଘଟିଥିଲା। ଡାକ୍ତର ଓ ସୁରକ୍ଷା ଗାର୍ଡ ନିକଟରେ ଉପସ୍ଥିତ ଥିଲେ ମଧ୍ୟ କେହି ଆଗକୁ ଆସି ନଥିଲେ।

# ଟ୍ରମ୍ପଙ୍କ ଧମକ; ମସ୍କଙ୍କୁ ଦକ୍ଷିଣ ଆଫ୍ରିକା ତଡ଼ିବି


**ବନ୍ଧୁ ପାଲଟିଲା ବଇରୀ**

■ ଦୋକାନ ବନ୍ଦ ହୋଇଗଲେ କିଛି କରିପାରିବେନି

■ କାର୍ ବିକିବେ ନା ଉତ୍‌କ୍ଷେପଣ ହେବ ଉପଗ୍ରହ

■ ଇଲେକ୍‌ଟ୍ରିକ୍ ଗାଡ଼ି କିଣିବା ପାଇଁ ସମସ୍ତଙ୍କୁ ବାଧ୍ୟ କରିବା ଭୁଲ୍

■ ୨୦ ବର୍ଷରେ ମସ୍କଙ୍କୁ ମିଳିଛି ୩୧ ଲକ୍ଷ କୋଟିର ସହାୟତା



ୱାସିଂଟନ, ୧।୭ (ଏଜେନ୍ସି): ବ୍ୟାବସାୟିକ ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ସ୍ଥିତି ଏପରି ବିଗିଡି ଯାଇଛି ଯେ ଉଭୟେ ପରସ୍ପରକୁ ଧମକ ଦେବାରେ ଲାଗିଛନ୍ତି। ପୁରୁଣା ବନ୍ଧୁତ୍ୱକୁ ଭୁଲି ଯାଇଛନ୍ତି। ନିର୍ବାଚନରେ ସହାୟତା କରିଥିବାର କଥା ବି ପାସୋରି ଯାଇଛନ୍ତି। ସମ୍ପର୍କ ଏତେ ଖରାପ ହୋଇଯାଇଛି ଯେ ସର୍ବ ସମ୍ମୁଖରେ ଦୁଇ ପୁରୁଣା ମିତ୍ର ପରସ୍ପର ବିରୋଧରେ ଭୟଙ୍କର ଟିପ୍ପଣୀ ଦେବାରେ ଲାଗିଛନ୍ତି। ଆମେରିକା ରାଷ୍ଟ୍ରପତି ତଥା ବ୍ୟବସାୟୀ ଡୋନାଲ୍ଡ ଟ୍ରମ୍ପ ଏବଂ ତାଙ୍କ ପୁରୁଣା ବନ୍ଧୁ ତଥା ଷ୍ଟାରଲିଙ୍କର ମାଲିକ ଏଲନ ମସ୍କଙ୍କ କ୍ଷେତ୍ରରେ ଏଭଳି ଘଟିଛି। ଦିନେ ମସ୍କଙ୍କୁ ନିଜ ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ଟ୍ରମ୍ପ ଏବେ ତାଙ୍କର ଘୋର ବିରୋଧୀ ହୋଇ ଯାଇଛନ୍ତି। ସରକାରଙ୍କ ନୀତିକୁ ସମାଲୋଚନା କରିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଆଜି ବ୍ୟବସାୟୀ ମସ୍କଙ୍କୁ ଟ୍ରମ୍ପ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରିଆତି ବନ୍ଦ ହୋଇଗଲେ ମସ୍କଙ୍କୁ ନିଜ କମ୍ପାନୀ ବନ୍ଦ କରିବାକୁ ପଡ଼ିବ। ତାଙ୍କୁ ଦକ୍ଷିଣ ଆଫ୍ରିକା ଫେରିଯିବାକୁ ପଡିବ। ରିଆତି ବନ୍ଦ କରିଦେଲେ ଟେସ୍‌ଲା ଇଲେକ୍‌ଟ୍ରିକ କାର୍ ଉତ୍ପାଦନ କରିପାରିବନି। ସ୍ପେସ୍‌ଏକ୍ସ ରକେଟ୍ ଏବଂ ଉପଗ୍ରହ ମଧ୍ୟ ଉତ୍‌କ୍ଷେପଣ କରିପାରିବ ନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ସରକାରୀ ରିଆତିରୁ ମସ୍କ ଯେତିକି ଟଙ୍କା ପାଉଛନ୍ତି ସେତିକି ଆଉ କେହି ପାଇ ନାହାନ୍ତି। ଏହି ମାମଲାର ବିସ୍ତୃତ ଯାଞ୍ଚ ପାଇଁ ସେ ଡୋଜ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ଦେଶର ଅର୍ଥ ସଞ୍ଚୟ ହେବ। ଟ୍ରମ୍ପ କହିଛନ୍ତି ଯେ ରାଷ୍ଟ୍ରପତି ପଦ ପାଇଁ ସମର୍ଥନ କରିବା ପୂର୍ବରୁ ମୁଁ ଇଭି ନିର୍ଦ୍ଦେଶର ବିରୋଧୀ ବୋଲି ସେ ଜାଣିଥିଲେ। ଇଲେକ୍‌ଟ୍ରିକ ଗାଡ଼ି ଭଲ, କିନ୍ତୁ ସମସ୍ତଙ୍କୁ ଏହା କିଣିବା ପାଇଁ ବାଧ୍ୟ କରିବା ଭୁଲ୍। ସୂଚନାଯୋଗ୍ୟ ଯେ ଆମେରିକା ମସ୍କଙ୍କୁ ଗତ ୨୦ ବର୍ଷରେ ୩୧ ଲକ୍ଷ କୋଟି ଟଙ୍କାର ସହାୟତା ଦେଇଛି। ଏହା ପୂର୍ବରୁ ଗତ ଶନିବାର ଟ୍ରମ୍ପଙ୍କ 'ବିଗ୍ ବ୍ୟୁଟିଫୁଲ ବିଲ୍'କୁ ମସ୍କ ପୁଣିଥରେ ବିରୋଧ କରି ଏହା ଆମେରିକାର ଲକ୍ଷ ଲକ୍ଷ ଚାକିରି ଖାଇଦେବ ଏବଂ ଦେଶର ରଣନୈତିକ କ୍ଷତି ହେବ ବୋଲି କହିଥିଲେ।

# ଆଜି ତିନିରଥର ଦକ୍ଷିଣ ମୋଡ଼



ପୁରୀ, ୧୭ (ସମିସ): ଭାଇ-ଭଉଣୀଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ଆସିଥିବା ମହାପ୍ରଭୁ ଏବେ ଜନ୍ମବେଦୀରେ ଲୀଳା କରୁଛନ୍ତି। ଗୁଣ୍ଡିଚା ମନ୍ଦିର ମୁଖ୍ୟ ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ଅଛନ୍ତି ତିନିରଥ।

- ସରିଲା ତିନିରଥ ଯାଞ୍ଚ
- ତାଳଧ୍ୱଜ ରଥର ୯ ଚକରେ ଲାଗିଲା ୧୮ ଖଣ୍ଡ ପ୍ଲେଟ୍

ଆସନ୍ତା ୫ ତାରିଖରେ ବାହୁଡ଼ା ଯାତ୍ରା। ଏଥିପାଇଁ ବୁଧବାର ତିନିରଥର ହେବ ଦକ୍ଷିଣ ମୋଡ଼। ଅର୍ଥାତ୍ ତିନିରଥକୁ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିକୁ ନିଆଯିବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବୈଷୟିକ ଟିମ୍ ଦ୍ୱାରା ମଙ୍ଗଳବାର ତିନିରଥର ଯାଞ୍ଚ କରାଯାଇଛି। ତିନିରଥର ମହାରଣା ସେବକ, ଭୋଇ ସେବକ, କମାର ସେବକଙ୍କ ଉପସ୍ଥିତିରେ ଆବଶ୍ୟକ ଛୋଟମୋଟ ମରାମତି ହୋଇଛି। ରଥଯାତ୍ରାରେ ତିନିରଥ ପ୍ରାୟ ୨.୬କିମି ବଡ଼ଦାଣ୍ଡରେ ଗଡ଼ିଥିଲା। ଶ୍ରଦ୍ଧାଳୁମାନେ ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ରଥ ଟାଣିଥିଲେ। ତେଣୁ ରଥରେ କେଉଁଠି କ'ଣ ତ୍ରୁଟି ଥାଇପାରେ, ସେଥିଲାଗି ମଙ୍ଗଳବାର ପୂର୍ତ୍ତ ବିଭାଗ ନେତୃତ୍ୱରେ ଯାଞ୍ଚ କରାଯାଇଥିଲା। କେତେକ ଜାଗାରେ କଣ୍ଟା ଖସିଥିବା ବେଳେ



ତାହାକୁ ବାଡ଼ାଯାଇଛି। ଫାଟ ଜାଗାରେ ପହିପାତିଆ ଓ ଲୁହା କ୍ଲାମ୍ପ୍ ଦିଆଯାଇ ମରାମତି ହୋଇଛି। ବଡ଼ ଠାକୁରଙ୍କର ତାଳଧ୍ୱଜ ରଥର ୯ଚକରେ ୧୮ଖଣ୍ଡ ପହିପାତିଆ (ପ୍ଲେଟ୍) ଏବଂ ନନ୍ଦିଘୋଷ ରଥରେ ୨ଖଣ୍ଡ ପହିପାତିଆ ବାଡ଼ିଆ ଯାଇଛି। ଗୋଟିଏ ପ୍ଲେଟ୍‌ର ଚଉଡ଼ା ୬ ଇଞ୍ଚ ଏବଂ ଲମ୍ବ ୨ଫୁଟ୍ ରହିଥିଲା। ଏହାକୁ ଚକ ପହି ଫାଙ୍କ ଜାଗାରେ ଦୁଇପଟେ ଦିଆଯାଇ ସେଟ୍ କରାଯାଇଛି। ସେହିପରି ଖସିଥିବା ବଳାକୁ ଠିକ୍ ଭାବେ ଲଗାଯାଇଥିବା ବେଳେ ଅନ୍ୟ ଛୋଟମୋଟ ଯାହା ବି ତ୍ରୁଟି ଥିଲା, ତାହାର ସମାଧାନ କରାଯାଇଛି। ଏଥିପାଇଁ ରେଲୱେ ଜଗ୍ ବ୍ୟବହାର କରାଯାଇଥିଲା। ଏହାସହ ବଡ଼ଦାଣ୍ଡରେ ବାଲି ବି ପକାଯାଇଛି। ଆସନ୍ତାକାଲି ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ଦକ୍ଷିଣ ମୋଡ଼ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ରଥ ଆଜ୍ଞାମାଳ ବିଜେ ପରେ ଦକ୍ଷିଣ ମୋଡ଼ ହେବ ବୋଲି ସ୍ଥିର କରାଯାଇଛି। ସୂଚନାଥାଉ କି, ଦକ୍ଷିଣୀ ମୋଡ଼ ପୂର୍ବରୁ ବୈଷୟିକ ଟିମ୍ ଦ୍ୱାରା ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏହି ଯାଞ୍ଚ କରାଯାଇଥିଲା।

### ଆଜିଠୁ ଆଡ଼ପ ମଣ୍ଡପରେ ରାସଲୀଳା

## ଗୋପୀଙ୍କ ସହ ରାସ କରିବେ ମହାପ୍ରଭୁ

ପୁରୀ,୧୭ (ସମିସ): ଚତୁର୍ଦ୍ଧାବିଗ୍ରହ ଏବେ ଗୁଣ୍ଡିଚା ମନ୍ଦିରରେ ବିଜେ କରିଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରୁଛନ୍ତି ଭକ୍ତ। ମହାପ୍ରଭୁଙ୍କ ନୀତିକାନ୍ତି ସୁରୁଖୁରୁରେ ଆଗେଇ ଚାଲିଛି। ବୁଧବାରଠାରୁ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଆରମ୍ଭ ହେବ ତିନିଦିନିଆ ରାସଲୀଳା। ଗୋପୀମାନଙ୍କ ସହିତ ରାସଲୀଳା କରିବେ ମହାପ୍ରଭୁ ଶ୍ରୀଜଗନ୍ନାଥ।

ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ସବୁ ଯୁଗର ଦେବତା। ସେ ସତ୍ୟ ଯୁଗର ନୃସିଂହ ଓ ବାମନ। ତ୍ରେତୟା ଯୁଗର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରମ ଆଉ ଦ୍ୱାପର ଯୁଗର ରସରାଜ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ସହିତ ବୃନ୍ଦାବନରେ ରାସଲୀଳା କରୁଥିଲେ ଭଗବାନ ଶ୍ରୀକୃଷ୍ଣ। ଗୋପୀମାନଙ୍କ ମନ କଥା ଜାଣିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥ। ଭଗବାନଙ୍କୁ କ'ଣ ସୁଖ ଲାଗେ ସେହିଭଳି କାର୍ଯ୍ୟ କରୁଥିଲେ ଗୋପୀମାନେ। ତେଣୁ ଏଠାରେ ମଧ୍ୟ ଶ୍ରୀଗୁଣ୍ଡିଚା ମଣ୍ଡପ ତିନିଦିନ ଧରି ରାସମଣ୍ଡପରେ ପରିଣତ ହୁଏ। ମହାପ୍ରଭୁ ପତିତପାବନ ଯାତ୍ରା କରିବା ପାଇଁ ଜନ୍ମବେଦୀକୁ ଆସିଥିବା ସମୟରେ ଗୋପୀମାନଙ୍କ ସହିତ ଏହି ମଣ୍ଡପରେ ରାସ ରସରେ ମଗ୍ନ ହୁଅନ୍ତି। ସେଥିପାଇଁ ସାଙ୍ଗରେ ପ୍ରିୟତମା ପତ୍ନୀ ମହାଲକ୍ଷ୍ମୀଙ୍କୁ ଆଣି ନ ଥା'ନ୍ତି। ତଥାପି ହେରାପଞ୍ଚମୀ ଦିନ ଲକ୍ଷ୍ମୀ ଠାକୁରାଣୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଆସିଥା'ନ୍ତି। ଠାକୁରଙ୍କଠାରୁ ଆଜ୍ଞାମାଳ ପାଇବା ପରେ ପୁନଶ୍ଚ ଶ୍ରୀମନ୍ଦିରକୁ ଫେରିଯାଇଥା'ନ୍ତି। ଏହା ପରଦିନଠାରୁ ଅର୍ଥାତ୍ ଆଷାଢ଼ ଶୁକ୍ଳ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଶ୍ରୀଗୁଣ୍ଡିଚା ମଣ୍ଡପରେ ଗୋପୀମାନଙ୍କ ସହିତ ରାସଲୀଳା ଅନୁଷ୍ଠିତ ହୋଇଥାଏ। ଏହି ତିନିଦିନ ପ୍ରତ୍ୟହ ସନ୍ଧ୍ୟାଧୂପ ବଢ଼ିଲେ ମଦନମୋହନ ଜଗମୋହନ ସିଂହାସନ ଉପରେ ବିଜେ କରନ୍ତି। ସେଠାରେ ଶର୍କରା, କୋରା ଆଦି ଭୋଗ ସର୍ପାମଣୋହି ହୁଏ। ଏହାପରେ ବନ୍ଦାପନା କରାଯାଏ। ଏହାକୁ ରାସ ନୀତି ବୋଲି କୁହାଯାଏ। ଏହିଭଳି ଭାବେ ତିନିଦିନ ଧରି ରାସବିହାରୀ ଶ୍ରୀଜଗନ୍ନାଥ ବର୍ଷାକାଳୀନ ରାସଲୀଳା ଶ୍ରୀଗୁଣ୍ଡିଚା ମଣ୍ଡପରେ କରିଥା'ନ୍ତି। ମହାପ୍ରଭୁଙ୍କର ଏହି ରାସଲୀଳାକୁ ଯେଉଁମାନେ ଭକ୍ତିପୂର୍ବକ ଦର୍ଶନ କରନ୍ତି ସେମାନେ ଅନନ୍ତ ପୁଣ୍ୟର ଅଧିକାରୀ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

## ନଦୀ ପାର୍ ବେଳେ ଭାସି ଗଲେ; ୨ ମୃତ



ଖଇରପୁଟ, ୧୭ (ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ୍ ଅନ୍ତର୍ଗତ ନାଲିଗୁଡ଼ା କଲୋନୀ ନଦୀରେ ଭାସି ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗାଁର ଲବ ଡେରା (୪୫) ଓ ଶୁକ୍ରି ଫଟକା(୪୦)। ଖଇରପୁଟ ଦମକଳ ବାହିନୀ ଉଭୟଙ୍କ ମୃତଦେହକୁ ଉଦ୍ଧାର କରିଛି। ସୂଚନାନୁସାରେ, ଲବ ଓ ଶୁକ୍ରୁ ଗତକାଲି ଜମିକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳେ ବର୍ଷା ଯୋଗୁଁ ନଦୀର ସୁଅ ବଢ଼ି ଯାଇଥିଲା। ଫଳରେ ଉଭୟ ନଦୀ ପାର୍ ହେବା ବେଳେ ସୁଅରେ ଭାସି ଯାଇଥିଲେ। ଗାଁଲୋକେ ଖୋଜାଖୋଜି କରି ଲବଙ୍କ ମୃତଦେହ ଉଦ୍ଧାର କରିଥିଲେ। ଆଜି ସକାଳେ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ଶୁକ୍ରିଙ୍କ ମୃତଦେହ ଠାବ କରିଥିଲା। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## କାନ୍ଥ ବାଡ଼ରେ ସାଂସଦଙ୍କ ନିଖୋଜ ପୋଷ୍ଟର




ପୁରୀ, ୧୭ (ସମିସ): ଶରଧାବାଲିରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ଏବଂ ରଥଯାତ୍ରାରେ ବହୁ ଭକ୍ତ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହେବା ଘଟଣା ସମସ୍ତଙ୍କୁ ବ୍ୟଥିତ କରିଛି। ମହାପ୍ରଭୁଙ୍କ ରଥଯାତ୍ରା ଦେଖିବାକୁ ଆସି ଯଦି ଜୀବନ ଚାଲିଯାଉଛି, ତେବେ ସରକାର, ପ୍ରଶାସନ କରୁଛନ୍ତି କ'ଣ। ଜନପ୍ରତିନିଧି କୁଆଡ଼େ ଗଲେ। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ପୁରୀ ସାଂସଦ ଡ. ସମ୍ବିତ ପାତ୍ରଙ୍କର ଦେଖାନାହିଁ। ଏଭଳି ଏକ ଚର୍ଚ୍ଚା ଭିତରେ ପୁରୀ ସହରର ବିଭିନ୍ନ କାନ୍ଥବାଡ଼ରେ ଲାଗିଛି ସାଂସଦଙ୍କ ନିଖୋଜ ପୋଷ୍ଟର। ପୋଷ୍ଟର୍‌ରେ ସାଂସଦ ଡ. ପାତ୍ରଙ୍କ ଫଟୋ ଥିବା ବେଳେ ସାଂସଦ ପୁରୀ ନିଖୋଜ ବୋଲି ଲେଖାଯାଇଛି। ଏହାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି।

### ଅତିରିକ୍ତ କମିଶନରଙ୍କୁ ଆକ୍ରମଣ

## ୫ ଅଭିଯୁକ୍ତ ବିଜେପିରୁ ନିଲମ୍ବିତ

ଭୁବନେଶ୍ୱର,୧୭ (ସମିସ): ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ଅତିରିକ୍ତ କମିସନର୍ ରତ୍ନାକର ସାହୁଙ୍କୁ ଆକ୍ରମଣରେ ସଂପୃକ୍ତ ଥିବା ୫ ଜଣଙ୍କୁ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରାଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ ସେମାନଙ୍କୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ, କର୍ପୋରେଟର୍ ଅପରୂପ ନାରାୟଣ ରାଉତ, ରଶ୍ମିରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ର।

### ■ ୨୩ ନକଲି ହୋଟେଲ ୱେବସାଇଟ୍ ଠାବ

## ବନ୍ଦ କରିବାକୁ କ୍ରାଇମବ୍ରାଞ୍ଚର ପ୍ରକ୍ରିୟା ଆରମ୍ଭ

କଟକ, ୧୭ (ସମିସ): ବିଭିନ୍ନ ହୋଟେଲ ନାମରେ ନକଲି ୱେବସାଇଟ୍ ପ୍ରସ୍ତୁତ କରି ଏହା ଜରିଆରେ ହେଉଥିବା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ ଟିମ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଦ୍ୟାବଧି କ୍ରାଇମବ୍ରାଞ୍ଚର ସାଇବର କ୍ରାଇମ୍ ୟୁନିଟ୍ ୨୩ଟି ନକଲି ହୋଟେଲ ୱେବସାଇଟ୍ ଚିହ୍ନଟ କରିବା ସହ ସେଗୁଡ଼ିକୁ ବନ୍ଦ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି। ସେଥିମଧ୍ୟରୁ ୧୫ଟି ୱେବସାଇଟ୍‌କୁ ପୂର୍ବରୁ ବ୍ଲକ କରାଯାଇଥିବା ବେଳେ ଅନ୍ୟ ୱେବସାଇଟ୍‌ଗୁଡ଼ିକୁ ବନ୍ଦ କରାଯିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ରଥଯାତ୍ରା ସମୟରେ ସାଇବର ଅପରାଧୀମାନେ ବିଭିନ୍ନ ହୋଟେଲଗୁଡ଼ିକର ନକଲି ୱେବସାଇଟ୍ ପ୍ରସ୍ତୁତ କରୁଛନ୍ତି। ସାଧାରଣ ଲୋକଙ୍କୁ ଅନଲାଇନ୍ ବୁକିଂ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରିବା ନାଁରେ ଠକୁଛନ୍ତି। କମ୍ ଟଙ୍କାରେ ହୋଟେଲ ଖୋଜୁଥିବା ପର୍ଯ୍ୟଟକମାନେ ଏହି ନକଲି ୱେବସାଇଟ୍‌ଗୁଡ଼ିକର ଜାଲରେ ପଡି ଠକାମିର ଶିକାର ହେଉଛନ୍ତି। ଏହି ନକଲି ୱେବସାଇଟ୍‌ଗୁଡ଼ିକ ଅସଲି ପରି ଦୃଶ୍ୟମାନ ହୋଇଥାଏ। ଫଳରେ ସାଧାରଣ ଲୋକଟି ପାଇଁ ଅସଲି ଏବଂ ନକଲି ମଧ୍ୟରେ ପାର୍ଥକ୍ୟ କରିବା ବହୁତ କଷ୍ଟକର ହୋଇପଡ଼େ। ଏହି ଠକମାନେ ପ୍ରାୟତଃ ଗୁଗୁଲ୍ ସର୍ଚ୍ଚର ଶୀର୍ଷରେ ନକଲି ୱେବସାଇଟ୍ ରଖନ୍ତି। ଏହାକୁ ଦୃଷ୍ଟିରେ ରଖି

**ଠକେଇର ଶିକାର ହେଉଛନ୍ତି ପର୍ଯ୍ୟଟକ**

ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଅତୀତରେ ଘଟିଥିବା ଘଟଣା ଯୋଗୁଁ ଚଳିତବର୍ଷ ଓଡ଼ିଶାରେ କ୍ରାଇମବ୍ରାଞ୍ଚର ସୋସିଆଲ ମିଡିଆ ଟିମ୍ ସତର୍କ ରହିଛି। ଗତବର୍ଷ ଏହି ପ୍ରକାରର ଠକେଇରେ ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟର ଅନେକ ଲୋକ ବହୁତ ଟଙ୍କା ହରାଇଛନ୍ତି। ଏହି ବର୍ଷ, ଟିମ୍ ୨୨ଜୁନ୍ ୨୦୨୫ ରୁ ଆଜି ପର୍ଯ୍ୟନ୍ତ ନକଲି ହୋଟେଲ ସାଇଟ୍ ଖୋଜିବା, ସେଗୁଡ଼ିକୁ ରିପୋର୍ଟ କରିବା ଏବଂ ଯଥାଶୀଘ୍ର ସତର୍କତା ପଠାଇବା ପାଇଁ ଦିନରାତି କାମ କରୁଛି। ଚଳିତବର୍ଷ ସୁନାବେଶ ପର୍ଯ୍ୟନ୍ତ ଏହି ଅଭିଯାନ ଜାରି ରହିବ।

### ବିଏମ୍‌ସି ଅତିରିକ୍ତ କମିସନରଙ୍କୁ ମାଡ଼ ଘଟଣା

## କଳାବ୍ୟାଜ୍ ପିନ୍ଧି କଲମଛାଡ଼ ଆନ୍ଦୋଳନରେ କର୍ମଚାରୀ

ଭୁବନେଶ୍ୱର,୧୭ (ସମିସ): ବିଏମ୍‌ସି ଅତିରିକ୍ତ କମିସନର୍ ରତ୍ନାକର ସାହୁଙ୍କୁ ମାଡ଼ ଘଟଣାରେ ବିଏମ୍‌ସି କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ କମିସନର୍ ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଭେଟି ଅଧିକାରୀମାନେ ସୁରକ୍ଷା ଲୋଡ଼ିଛନ୍ତି। ଖୋଦ୍ କାର୍ଯ୍ୟାଳୟ ଭିତରେ ପଶି ଜଣେ

- କମିସନର୍‌ଙ୍କ ପାଖରେ ସୁରକ୍ଷା ଲୋଡ଼ିଲେ ଅଧିକାରୀ
- ଦୁର୍ବୃତ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ବରିଷ୍ଠ ଅଧିକାରୀଙ୍କ ସହ ଦୁର୍ବୃତ୍ତମାନେ ଏଭଳି ଅମାନୁଷିକ କାର୍ଯ୍ୟକୁ ପ୍ରତ୍ୟେକ କର୍ମଚାରୀ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଯେମିତି ଏ ଘଟଣାର ପୁନରାବୃତ୍ତି ନ ହେବ, ସେଥିପାଇଁ କର୍ମଚାରୀମାନେ ନିଜ ସୁରକ୍ଷା ଦାବି କରିଛନ୍ତି। ଏଥିସହ ଘଟଣାରେ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଗିରଫ କରାଯିବା ସହ କଠୋର୍ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ନଚେତ କାର୍ଯ୍ୟରେ ଯୋଗ ଦେବେନି ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି।

ଆଜି ସକାଳେ ବିଏମ୍‌ସି ଅଫିସ୍‌କୁ ସବୁଦିନ ଭଳି ସମସ୍ତ କର୍ମଚାରୀ ଆସିଥିଲେ। କିନ୍ତୁ କେହି କୌଣସି କାମ କରି ନଥିଲେ। ସମସ୍ତେ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ବନ୍ଦ ଡାକରା ଦେଇଥିଲେ। ତାଙ୍କୁ ସୁରକ୍ଷା ଦେବା ସହ ଆକ୍ରମଣ କରିଥିବା ଦୁର୍ବୃତ୍ତଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ବିଏମ୍‌ସି କମିସନର ଶ୍ରୀ ପାଟିଲ୍ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ପ୍ରତିବାଦ କରୁଥିବା କର୍ମଚାରୀଙ୍କୁ ବୁଝାସୁଝା କରି କାର୍ଯ୍ୟରେ ଯୋଗ ଦେବାକୁ



କହିଥିଲେ। ଭବିଷ୍ୟତରେ ଲୋକଙ୍କ ପାଇଁ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ଉପରେ ଅମାନବୀୟ ଘଟଣା ନହେବ, ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଏଥିସହ ଆଗାମୀ ଦିନରେ ବିଏମ୍‌ସି କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ବଢ଼ାଯିବ। ଏଥିସହ ବିଏମ୍‌ସି କାର୍ଯ୍ୟାଳୟରେ ପରିଚାଳନା କାହିଁକି ଖରାପ ରହିଥିଲା, ସିସିଟିଭି କାହିଁକି ଚାଲୁ ନଥିଲା; ସେନେଇ ଦାୟିତ୍ୱରେ ଥିବା ସ୍ମାର୍ଟ ସିଟି ଲିମିଟେଡ୍‌କୁ ରିପୋର୍ଟ ମଗାଯାଇଛି। ମାଷ୍ଟରମାଇଣ୍ଡ ସହ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବା ନେଇ ତଦନ୍ତ ଚାଲିଛି। ବର୍ତ୍ତମାନ ରତ୍ନାକର ସାହୁଙ୍କ ମାନସିକ ସ୍ଥିତି ଭଲ ନାହିଁ। ତେଣୁ କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା, ତା'ର ତଦନ୍ତ ହେବା ସହ ଯେଉଁ ସ୍ୱଚ୍ଛସାଥୀଙ୍କ କାର୍ଯ୍ୟକଳାପକୁ ନେଇ ଏହି ଘଟଣା ଘଟିଛି, ସେ ସୁସ୍ଥ ହେବା ପରେ ତାର ରିପୋର୍ଟ ଜଣାଇବେ ବୋଲି କମିସନର୍ ଶ୍ରୀ ପାଟିଲ୍ କହିଛନ୍ତି।

ଅନ୍ୟପଟେ ବିଏମସିର ଅତିରିକ୍ତ ଆୟୁକ୍ତ, ଉପାୟୁକ୍ତ ସହ ଅନ୍ୟ ଅଧିକାରୀ କମିଶନରଙ୍କୁ ଭେଟିବା ପରେ କାର୍ଯ୍ୟସ୍ଥଳରେ ଅସୁରକ୍ଷିତକୁ ଥିବା କହିଛନ୍ତି ବିଏମ୍‌ସିର ମହିଳା ଉପାୟୁକ୍ତ ପ୍ରିୟଙ୍କା ମଲ୍ଲିକ। ସେ କହିଛନ୍ତି କାର୍ଯ୍ୟସ୍ଥଳୀରେ ଆମେ ସୁରକ୍ଷିତ ନାହୁଁ। ଯାହାଙ୍କ ପ୍ରରୋଚନାରେ ଏହି କାଣ୍ଡ ହୋଇଛି, ତାଙ୍କୁ ଗିରଫ କରାଯାଉ। ଯେପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ହୋଇନି, ସେ ପର୍ଯ୍ୟନ୍ତ କାମ କରିବୁନି। ଏଘଟଣାରେ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବୁ ବୋଲି ସେ କ୍ଷୋଭର ସହ କହିଛନ୍ତି। ଏହି ଘଟଣାକୁ ନେଇ ସାଧାରଣରେ ବି ତୀବ୍ର ନିନ୍ଦା କରାଯାଇଛି। ବିଏମ୍‌ସି ଭଳି ଏକ ସରକାରୀ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସରକାରଙ୍କ ଉପରକୁ ସମସ୍ତେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ତିନି ବ୍ୟାଙ୍କର ଅଧିକାରୀ

ଭୁବନେଶ୍ୱର,୧୭ (ସମିସ): ଆଇସିଆଇସିଆଇ, ଆକ୍ସିସ୍ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ପ୍ରତିନିଧିମାନେ ମଙ୍ଗଳବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣ ଯୋଜନାରେ ଉପରୋକ୍ତ ୩ ବ୍ୟାଙ୍କର ଋଣ ପ୍ରଦାନ ପ୍ରଦର୍ଶନକୁ ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗରିବ ଲୋକମାନଙ୍କୁ ଅଧିକରୁ ଅଧିକ ଋଣ ଦେବାପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଥିବା ଜଣାପଡ଼ିଛି।

- ଋଣ ପ୍ରଦାନରେ ପ୍ରଦର୍ଶନକୁ ନେଇ ଅସନ୍ତୋଷ ଜଣାଇଲେ
- ଜନକଲ୍ୟାଣ ଯୋଜନାରେ ଅଧିକ ଋଣ ଦେବାକୁ ପରାମର୍ଶ

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଅନେକ ଗରିବ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଲୋକମାନଙ୍କୁ ଋଣ ଜରିଆରେ ଆର୍ଥିକ କାର୍ଯ୍ୟକ୍ରମରେ ସାମିଲ କରିବା ସହିତ ସେମାନଙ୍କ ରୋଜଗାର ବୃଦ୍ଧି କରିବା ହେଉଛି ସରକାରଙ୍କ ଲକ୍ଷ୍ୟ। ମାତ୍ର ଏହି ସବୁ ଯୋଜନା ଗୁଡ଼ିକରେ ଏହି ତିନୋଟି ବ୍ୟାଙ୍କର ପ୍ରଦର୍ଶନ ଓଡ଼ିଶାରେ ଆଦୌ ସନ୍ତୋଷଜନକ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସରକାରଙ୍କ ଗରିବ କଲ୍ୟାଣ ଯୋଜନାରେ ବ୍ୟାଙ୍କ ଗୁଡିକ ହେଉଛନ୍ତି ଏକ ବଡ଼ ମାଧ୍ୟମ। ତେଣୁ ଏହି ସବୁ ବ୍ୟାଙ୍କ ଗୁଡ଼ିକ ବିଭିନ୍ନ ଯୋଜନାରେ ଯେଉଁଥିରେ ଗରିବ ଲୋକମାନେ ଉପକୃତ ହେଉଛନ୍ତି, ସେଥିରେ ଅଧିକ ଲୋକଙ୍କୁ ଋଣ ଦେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବ୍ୟାଙ୍କଗୁଡ଼ିକର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣ କରି କହିଥିଲେ ଯେ ସେମାନେ ଏହି ସବୁ ଯୋଜନାରେ ଲୋକଙ୍କୁ ଋଣଦେବା ପାଇଁ ଆଗ୍ରହୀ। ଖୁବ୍ ଶୀଘ୍ର ଏହି ପ୍ରଦର୍ଶନରେ ଉନ୍ନତି ଆସିବ ବୋଲି ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଭରସା ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ବ୍ୟାଙ୍କ ମାନଙ୍କ ପ୍ରଦର୍ଶନ ବିଷୟରେ ଅବଗତ କରିଥିଲେ। ବୈଠକରେ ଆକ୍ସିସ୍ ବ୍ୟାଙ୍କର ଏକଜୁକ୍ୟୁଟିଭ ଡାଇରେକ୍ଟର ମୁନୀଷ ସାରଦା, ସରକାରୀ ବିଜନେସ କଣ୍ଟ୍ରିହେଡ୍ ଅନୀଲ ଅଗ୍ରୱାଲ୍, ଇଷ୍ଟ ରିଜିଓନାଲ ହେଡ୍ ସୌରଭ ଦତ୍ତା, ଏଚଡିଏଫସି ବ୍ୟାଙ୍କ ପକ୍ଷରୁ କଣ୍ଟ୍ରି ହେଡ୍ ସ୍ମିତା ଭଗତ୍, ବ୍ରାଞ୍ଚ ବ୍ୟାଙ୍କିଙ୍ଗ ହେଡ୍ ଇଷ୍ଟ ସନ୍ଦୀପ କୁମାର, ରିଜିଓନାଲ ହେଡ୍ ଦୀପକ ସିଂହ ଏବଂ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ବିଜନେସ ହେଡ ସୁମିତ ମେହେରୋତ୍ରା, ଓଡ଼ିଶା ସିଟି ବିଜିନେସ ହେଡ୍ ବିନୋଦ ଏଲ୍ ଏବଂ ରିଜିଓନାଲ ହେଡ୍ ଅମିୟ ନାୟକ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଯୋଗ୍ୟ ଯେ ସରକାରଙ୍କ ଫ୍ଲାଗସିପ୍ ଯୋଜନା, କାର୍ଯ୍ୟକ୍ରମକୁ କାର୍ଯ୍ୟନ୍ୱୟନରେ ଅବହେଳା ପ୍ରଦର୍ଶନ ଅଭିଯୋଗରେ ଗତ ୨୧ତାରିଖରେ ଉପରୋକ୍ତ ୩ଟି ବ୍ୟାଙ୍କ ସହ ନେଣଦେନ ଏବଂ ବ୍ୟବସାୟିକ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ଏହାସହ ଏହି ୩ ବ୍ୟାଙ୍କକୁ ସରକାରୀ ଅନୁବନ୍ଧିତ ବ୍ୟାଙ୍କ ତାଲିକାରୁ ବାଦ୍ ଦିଆଯିବା ସହ ତୁରନ୍ତ ଅନ୍ୟତ୍ର କୌଣସି ଅନୁବନ୍ଧିତ ବ୍ୟାଙ୍କରେ ନୂଆ ଆକାଉଣ୍ଟ ଖୋଲିବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାର ୩ ଦିନ ପରେ ଅର୍ଥ ବିଭାଗ ପକ୍ଷରୁ ଏକ ସ୍ପଷ୍ଟୀକରଣ ଜାରି କରାଯାଇ କିଛି ନିର୍ଦ୍ଦିଷ୍ଟ ବ୍ୟବସାୟିକ କାରବାର ଜାରି ରହିବ ବୋଲି କୁହାଯାଇଥିଲା।

### ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ

କଟକ, ୧୭ (ସମିସ): ଚୁକ୍ତିଭିତ୍ତିକ ନିଯୁକ୍ତି ହେତୁ ଜଣେ ମହିଳା କର୍ମଚାରୀଙ୍କୁ ପ୍ରସୂତି ଛୁଟି ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ। ଏହା ମାନବିକତା ଓ ନାରୀତ୍ୱ ପ୍ରତି ଘୃଣ୍ୟାସ୍ପଦ। ହାଇକୋର୍ଟ ଆଜି ଏକ ମାମଲାର ବିଚାର କରି ଏଭଳି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣକିଆ ବିଚାରପତିଙ୍କ ରାୟ ବିରୋଧରେ ସରକାରଙ୍କ ପକ୍ଷରୁ ରୁଜୁ ଏକ ରିଟ୍ ଆବେଦନକୁ ଖାରଜ କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏବଂ ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ରାୟ ପ୍ରକାଶ କରିଛନ୍ତି। ଖଣ୍ଡପୀଠ କହିଛନ୍ତି, ଯେଉଁଠାରେ ନାରୀମାନଙ୍କୁ ସମ୍ମାନିତ କରାଯାଏ, ସେଠାରେ ଦେବତାମାନେ ବି ଆନନ୍ଦିତ ହୁଅନ୍ତି। ମହିଳା କଲ୍ୟାଣ ସମ୍ପର୍କିତ ରାଜ୍ୟ ନୀତିରେ ଏଭଳି କଥାକୁ ଗୁରୁତ୍ୱ ଦିଆଯିବା ଉଚିତ। ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରସୂତିକାଳୀନ ଛୁଟି ସୁବିଧା ପ୍ରଦାନ ସଂକ୍ରାନ୍ତରେ ଜଣକିଆ ବିଚାରପତିଙ୍କ ଆଦେଶକୁ ଦୁଇଜଣିଆ ଖଣ୍ଡପୀଠ କାଏମ ରଖିବା ସହ ଆସନ୍ତା ୮ ସପ୍ତାହ ମଧ୍ୟରେ ଉକ୍ତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କହିଛନ୍ତି। ଜଣେ ଚୁକ୍ତିଭିତ୍ତିକ ମହିଳା କର୍ମଚାରୀଙ୍କ ପ୍ରସୂତିକାଳୀନ ଛୁଟି ସୁବିଧା ଆବେଦନ ଖାରଜ ହେବାରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରସୂତି ଛୁଟି ସମ୍ପର୍କିତ ଆଇନ ଉପରେ ତର୍ଜମା କରି ପ୍ରତିପକ୍ଷଙ୍କୁ ପ୍ରସୂତି ଛୁଟିର ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସରକାରୀ କର୍ତ୍ତୃପକ୍ଷ ଉକ୍ତ ନିର୍ଦ୍ଦେଶ ବିରୋଧରେ ଏହି ରିଟ୍ ଦାୟର କରିଥିଲେ। ସରକାରଙ୍କ ଯୁକ୍ତି ଥିଲା ଯେ ପ୍ରତିବାଦୀ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବାରୁ ସେ ପ୍ରସୂତି ଛୁଟିର ଲାଭ ପାଇବାକୁ ହକଦାର ନୁହଁନ୍ତି।

### ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣା

## ବ୍ରିଟିଶ ଅତ୍ୟାଚାରଠୁ ବଳିଗଲା ବିଜେପିର ବର୍ବରୋଚିତ ଆକ୍ରମଣ: ବିଜେଡି


ଭୁବନେଶ୍ୱର,୧୭ (ସମିସ): ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ସ୍ପଷ୍ଟ ଦିବାଲୋକରେ ବିଜେପି ନେତାଙ୍କ ଦ୍ୱାରା ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ବ୍ରିଟିଶ ଅତ୍ୟାଚାରଠାରୁ ବଳିଯାଇଛି। କ୍ଷମତା ନିଶାରେ ବିଜେପି ନେତା ଶାନ୍ତିପ୍ରିୟ ଓଡ଼ିଶାକୁ ଅଶାନ୍ତ କରିବାକୁ ଉଦ୍ୟମ କରୁଛନ୍ତି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ଆକ୍ରମଣକାରୀଙ୍କ ଉପରେ ମୁଖ୍ୟମନ୍ତ୍ରୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜେଡି ପକ୍ଷରୁ ଦାବି ହୋଇଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ବିଜେଡିର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା, ବିଏମ୍‌ସି ମେୟର ସୁଲୋଚନା ଦାସ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ ଅଭିଯୋଗ କରିଥିଲେ ଯେ ଆକ୍ରମଣକାରୀମାନେ ହେଉଛନ୍ତି ଶାସକ ବିଜେପିର କାର୍ଯ୍ୟକର୍ତ୍ତା। ସେମାନେ କହିଥିଲେ ଯେ ବିଜେପି ନେତା ତଥା ଗତ ନିର୍ବାଚନରେ ଭୁବନେଶ୍ୱର(ମଧ୍ୟ) ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ପ୍ରଧାନଙ୍କ ପ୍ରରୋଚନାରେ ଏଭଳି କାଣ୍ଡ ଘଟିଛି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାର ନଗ୍ନ ନମୁନା ଏବଂ ଶାସକ ବିଜେପିର ଅତ୍ୟାଚାର ମନୋବୃତ୍ତିର ପରିଚୟ। ଶ୍ରୀ ପଣ୍ଡା କହିଥିଲେ ଯେ ବିଏମସିର ଜଣେ ପ୍ରଶାସନିକ ଅଧିକାରୀଙ୍କ ଉପରେ ଯେପରି ଆକ୍ରମଣ କରାଗଲା ତାହା ଚଳଚ୍ଚିତ୍ରରେ ପ୍ରଦର୍ଶିତ ହେଉଥିବା ଗୁଣ୍ଡାରାଜ ଦୃଶ୍ୟଠାରୁ କୌଣସି ଗୁଣରେ

- ଶାନ୍ତିପ୍ରିୟ ଓଡ଼ିଶାକୁ କ୍ଷମତା ନିଶାରେ ଅଶାନ୍ତ କରୁଛି ବିଜେପି
- ମୁଖ୍ୟ ଷଡ଼ଯନ୍ତ୍ରକାରୀ ଓ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ

କମ୍ ନୁହେଁ। ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ସ୍ପଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିବା, ସମଗ୍ର ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିବା ସହ ଦେଶରେ ଓଡ଼ିଶାର ଛବିକୁ ମଳିନ କରିଛି। ରାଜ୍ୟ ଓଏଏସ୍ ସଂଘ ଏହି ଘଟଣାରେ ପ୍ରଦାନ କରିଥିବା ସ୍ମାରକପତ୍ରରେ ଗତ ଏକ ବର୍ଷରେ ବିଭିନ୍ନ ସ୍ଥାନରେ ସେମାନଙ୍କ ଉପରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଉଛି ବୋଲି ଅଭିଯୋଗ କରିବା ସହ ସେମାନଙ୍କ ସୁରକ୍ଷା ଓ ସମ୍ମାନ ବିପଦରେ ପଡିଛି ବୋଲି ଉଲ୍ଲେଖ କରିଛନ୍ତି। ଗତ ଏକ ବର୍ଷ ଧରି ରାଜ୍ୟର ପ୍ରଶାସନିକ ଢାଞ୍ଚା ଉପରେ ଯେଉଁଭଳି ଭାବେ ଆକ୍ରମଣ କରାଯାଉଛି, ତାହା ଗ୍ରହଣୀୟ ନୁହେଁ।

ବିଏମସି ମେୟର ସୁଲୋଚନା ଦାସ ଏହି ଘଟଣାକୁ ନିନ୍ଦା କରିବା ସହ ଲୋକଙ୍କ ଅଭିଯୋଗ ଶୁଣାଣି କରୁଥିବା




ଜଣେ ବରିଷ୍ଠ ଅଧିକାରୀଙ୍କୁ ଅଫିସରୁ ଘୋଷାଡ଼ି ଆଣି ଯେଉଁଭଳି ବର୍ବରୋଚିତ ଆକ୍ରମଣ କରାଗଲା, ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଘଟଣାରେ ଛଅ ସାତ ଜଣଙ୍କ ସମ୍ପୃକ୍ତି ରହିଥିବା ବେଳେ ପୁଲିସ କେବଳ ପାଞ୍ଚ ଜଣଙ୍କୁ ଗିରଫ କରିଛି। ତେଣୁ ତୁରନ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ଓ ଯାହାଙ୍କ ପ୍ରରୋଚନାରେ ଏହି ଘଟଣା ଘଟିଛି, ତାଙ୍କୁ ଗିରଫ କରି ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ୧୦୯ ଦଫା ଲଗାଯାଉ ବୋଲି ସେ ଦାବି କରିଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା କହିଥିଲେ ଗତ ୩୦ ବର୍ଷ ଭିତରେ ଏଭଳି ଅମାନବୀୟ କାଣ୍ଡ କେବେ ଘଟିନଥିଲା। ଏଭଳି ଏକ ହୃଦୟ ବିଦାରକ ଘଟଣା ବ୍ରିଟିଶ ଅତ୍ୟାଚାରଠୁ ମଧ୍ୟ ବଳିଯାଇଛି। ଘଟଣାସ୍ଥଳରେ ଦୁଇ ଜଣ ମହିଳା କର୍ପୋରେଟର ବୁଝାସୁଝା କରିବାକୁ ଚେଷ୍ଟା କରିବା ବେଳେ ସେମାନେ ମଧ୍ୟ ଆକ୍ରମଣକାରୀଙ୍କ ଦ୍ୱାରା ଆହତ ହୋଇଛନ୍ତି। ବିଧାୟକ ସୁଶାନ୍ତ କୁମାର ରାଉତ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଥିରେ ସମ୍ପୃକ୍ତ ସମସ୍ତ ବିଜେପି ନେତା ଓ କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦିଅନ୍ତୁ। ଏହି ସାମ୍ବାଦିକ ସମ୍ମିଳନୀରେ ଡେପୁଟି ମେୟର ମଞ୍ଜୁଲତା କହଁର ମଧ୍ୟ ଉପସ୍ଥିତ ଥିଲେ।

## ହେରାପଞ୍ଚମୀରେ ଲକ୍ଷ୍ମୀ ଭାଙ୍ଗିଲେ ରଥ

# ହରିହର ବେଶ ଦେଖିବାକୁ ପ୍ରବଳ ଭିଡ଼





**ବାରିପଦା, ୧।୭ (ସମିସ)**

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ପରମ୍ପରା ଅନୁଯାୟୀ ପାଳିତ ହୋଇଛି ହେରାପଞ୍ଚମୀ। ଆଲୋକ ମାଳାରେ ସଜ୍ଜିତ ମାଉସୀ ମା' ମନ୍ଦିରରେ କୋଳାହଳ ଲାଗି ରହିଥିବାବେଳେ ରାତି ପ୍ରାୟ ୧୦ଟାରେ ହଠାତ୍ ସମସ୍ତେ ଚୁପ୍‌ଚାପ୍ ହୋଇଯାଇଥିଲେ। ମହାପ୍ରଭୁଙ୍କୁ ଶ୍ରୀମନ୍ଦିରରେ ନ ପାଇ ମହାଲକ୍ଷ୍ମୀ ରାଗ ଜର୍ଜରିତ ହୋଇ ପହଞ୍ଚିଥିଲେ ନନ୍ଦିଘୋଷ ନିକଟରେ। ସେଠାରେ ନିରାଶ ହୋଇ ରଥକାଠ ଭାଙ୍ଗି ଆଡ଼ପ ମଣ୍ଡପକୁ ଯାଇଥିଲେ। ତେବେ ବାହୁଡ଼ାପରେ ଦେଖା ହେବ ବୋଲି ମହାପ୍ରଭୁଙ୍କଠାରୁ ସୂଚନା ପାଇ ଅଭିମାନରେ ଫେରିଯାଇଥିଲେ ଶ୍ରୀମନ୍ଦିରକୁ। ପୂର୍ବ ଦିନ ପରି ମଙ୍ଗଳବାର ସକାଳେ ପହଡ ଭଙ୍ଗାପରେ ମଙ୍ଗଳ ଆଳତୀ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତା'ପରେ ଅବକାଶ ପୂଜା ସାଙ୍ଗକୁ ସାଧାରଣ ପୂଜା, ଭୋଗ ଲାଗି ପରେ ଠାଁ କାର୍ଯ୍ୟ ସମ୍ପନ୍ନ ହୋଇ ପହଡ ପଡ଼ିଥିଲା। ଅପରାହ୍ଣରେ ସେହିଭଳି ସମସ୍ତ ନୀତି ପରେ ଦିଅଁଙ୍କ ବେଶକାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟା ବେଳକୁ ହରିହର ବେଶରେ ଦିଅଁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀଜଗନ୍ନାଥ ବିଷ୍ଣୁ ତତ୍ତ୍ୱ, ଦେବୀ ସୁଭଦ୍ରା ବ୍ରହ୍ମା ତତ୍ତ୍ୱ ଓ ବଳରାମ ଶିବ ତତ୍ତ୍ୱ ହରି-ହର ଅଭିନ୍ନ କେବଳ ଲୀଳାପାଇଁ ସେମାନେ ବିଭିନ୍ନ ସମୟରେ ବିଭିନ୍ନ ଅବତାର ଧାରଣ କରିଥାନ୍ତି। ଏହା ହିଁ ପଞ୍ଚମୀ ବେଶର ତାତ୍ପର୍ଯ୍ୟ। ଏହି ବେଶ ଦେଖିବାକୁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ବଡ଼ଦାଣ୍ଡ ସମେତ ସହରରେ ରଥଯାତ୍ରା ମେଳାରେ ଜନସମାଗମ ମଧ୍ୟ ଅଧିକ ଥିଲା। ସନ୍ଧ୍ୟାରୁ ରାତି୧୧ଟା ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗିରହିଛି। ବାଣ୍ଟିଆ ଜଗନ୍ନାଥ ମନ୍ଦିରରେ ମଧ୍ୟ ଅନୁରୂପ ବେଶ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ତକତପୁରରେ ତିନି ଦିଅଁଙ୍କ ସୁନାବେଶ ଆକର୍ଷଣୀୟ ହୋଇଛି।

# ତାରିଣୀ ମନ୍ଦିରରେ ବ୍ରତ ପାଳିଲେ ମହିଳା



**ବାରିପଦା, ୧।୭ (ସମିସ):** ସଂକଟ ତାରିଣୀ ବ୍ରତକୁ ନେଇ ବାରିପଦା ସହରର ମା' ତାରିଣୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ଲାଲବଜାର, ଷ୍ଟେସନ ବଜାର, ଭଞ୍ଜପୁର ସମେତ ଅନ୍ୟାନ୍ୟ ସ୍ଥାନରେ ସ୍ଥିତ ମା' ତାରିଣୀଙ୍କ ମନ୍ଦିରରେ ମଙ୍ଗଳବାର ସକାଳୁ ଭକ୍ତଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସଙ୍କଟ ତାରିଣୀ ବ୍ରତରେ ମହିଳାମାନେ ନିଜ ପରିବାର ସଦସ୍ୟଙ୍କ ଶୁଭ ମନାସୀ ନୀତିନିୟମ ପାଳନ ପୂର୍ବକ ପୂଜାର୍ଚ୍ଚନା କରି ବ୍ରତ ରଖିଥାନ୍ତି। ନିଷ୍ଠାର ସହିତ ବ୍ରତ ପାଳନ ଦ୍ୱାରା ବିପଦ ଆପଦରୁ ମା' ତାରିଣୀ ରକ୍ଷା କରିଥାନ୍ତି; ଯାହାକୁ ନେଇ ମା' ତାରିଣୀଙ୍କ ମନ୍ଦିରରେ ଶହ ଶହ ମହିଳା ଭକ୍ତ ନିଷ୍ଠାର ସହିତ ପୂଜାର୍ଚ୍ଚନା କରିଛନ୍ତି। ଯାହାକୁ ନେଇ ମଙ୍ଗଳବାର ପ୍ରାୟ ଦିନତମାମ ମା' ତାରିଣୀଙ୍କ ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ମନ୍ଦିର ପୂଜକଙ୍କ ଦ୍ୱାରା ପୂଜା ଓ ଅନ୍ୟ କାର୍ଯ୍ୟ ସମ୍ପାଦନ ହୋଇଥିଲା।

## ରଥଯାତ୍ରା ସମୟରେ ଚୋରି ବଢ଼ିଛି

**ବାରିପଦା, ୧।୭ (ସମିସ):** ବାରିପଦା ସହରରେ ପୂର୍ବରୁ ଘରୁ ଚୋରି ଓ ଛିନତାଇ ନେଇ ଅଭିଯୋଗ ହେଉଥିବା ବେଳେ ରଥଯାତ୍ରା ସମୟରେ ବୃଦ୍ଧି ପାଇଛି। ରଥମେଳାରୁ ଦୁର୍ବୃତ୍ତମାନେ ପକେଟ ମାର ଓ ଚୋରି କରୁଥିବାର ବାରମ୍ବାର ଅଭିଯୋଗ ହେଉଛି। ସାରସକଣା ଅଞ୍ଚଳର ମଧୁସ୍ମିତା ସେଠୀ ରଥଯାତ୍ରା ମେଳା ବୁଲିବାକୁ ଆସିଥିବା ବେଳେ ଚୋରିର ଶିକାର ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସନ୍ଧ୍ୟାରେ ବଡ଼ବଜାର ଅଞ୍ଚଳରେ ରଥ ମେଳା ବୁଲୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ପର୍ସ ଚୋରି କରିଥିଲେ। ଯେଉଁଥିରେ କି ଜରୁରୀ କାଗଜପତ୍ର, ଟଙ୍କା, ମୋବାଇଲ ଆଦି ରହିଥିଲା। ସେହିପରି ଭାବେ ରଥ ମେଳା ପରିସର ନିକଟରୁ ଗାଡି ଚୋରି ଘଟଣା ମଧ୍ୟ ସମ୍ମୁଖକୁ ଆସୁଛି। ପୁଲିସ ପକ୍ଷରୁ ମେଳା ଅଞ୍ଚଳରେ କଡାକଡି ଯାଞ୍ଚ ପ୍ରକ୍ରିୟା କରିବା ପାଇଁ ଜନସାଧାରଣ ଦାବି

# ଡିଭାଇନରେ ଧାମରା ବନ୍ଦରର ଉଚ୍ଚପଦସ୍ଥ ଅଧିକାରୀ; ଚୟନ ହେଲେ ୬ ଛାତ୍ର



**ବାରିପଦା, ୧।୭ (ସମିସ):** ଉତ୍ତର ଓଡ଼ିଶାର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଡିଭାଇନ୍‌କୁ ମଙ୍ଗଳବାର ଧାମରା ବନ୍ଦରର ଉଚ୍ଚ ପଦାଧିକାରୀ ସମୂହ ଆସିଥିବାବେଳେ ଏହାର ପରିବେଶ ଏବଂ ଶିକ୍ଷା ଆୟତନକୁ ପ୍ରଶଂସା କରିଛନ୍ତି। ଏଥିସହିତ ଇଲେକଟ୍ରିକାଲ୍ ବିଭାଗର ୪ ଏବଂ ମେକାନିକାଲ୍ ବିଭାଗର ୨ଜଣ ଛାତ୍ରଙ୍କୁ ଧାମରା ବନ୍ଦରରେ ନିଯୁକ୍ତିର ସୁଯୋଗ ଦେଇଛନ୍ତି। ଧାମରାପୋର୍ଟ କମ୍ପାନୀ ଲିମିଟେଡର ମାନବ ସମ୍ବଳ ଅଧିକାରୀ ଦୁର୍ଗା ପଟ୍ଟନାୟକ ଓ ବରେଣ୍ୟ ସାହୁ, ଆରନି ଇଂ. ପ୍ରା.ଲିଃ.ର ରେସିଡେଣ୍ଟ ମ୍ୟାନେଜର ବେଲାଲ ଆହମ୍ମଦ ଓ ମାନବ ସମ୍ବଳ ଅଧିକାରୀ ହରିହର ମିଶ୍ର ପ୍ରମୁଖ ପରିଦର୍ଶନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇ ଧାମରା ବନ୍ଦରର ମୁଖ୍ୟ ପରିଚାଳନା ପ୍ରବନ୍ଧକ ଦେବେନ୍ଦ୍ର ଠାକୁର ଓ ଅନ୍ୟ ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସୂଚନା ଥାଉକି, ୧୭ ବର୍ଷ ମଧ୍ୟରେ ଏହି ଶିକ୍ଷାନୁଷ୍ଠାନ ସୋପାନ ପରେ ସୋପାନ ଚଢିଚାଲିଛି ଏବଂ ସିଭିଲ୍, ମେକାନିକାଲ୍, ଏଲେକ୍ଟ୍ରିକାଲ୍ ଓ କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଡିପ୍ଲୋମା ପାଠ୍ୟକ୍ରମ ପ୍ରଦାନ କରି ନିଜର ଶୈକ୍ଷିକ ଅନୁଶୀଳନକୁ ବହୁ ଗୁଣିତ କରିଚାଲିଛି। ରାଜ୍ୟ ସରକାରଙ୍କ କ୍ୱାଲିଟି କଣ୍ଟ୍ରୋଲ ଅଫ୍ ଇଣ୍ଡିଆ ଦ୍ୱାରା କରାଯାଇଥିବା ସର୍ବେକ୍ଷଣରେ ଡିଭାଇନ ସମଗ୍ର ଓଡ଼ିଶାରେ ସପ୍ତମ ଓ ପଞ୍ଚମ ସ୍ଥାନ ଅଧିକାର କରିଛି। ଉତ୍କର୍ଷତାର ମାନଦଣ୍ଡକୁ ବଜାୟ ରଖିବାରେ ସାଲିସ ନ କରି ଏଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଉତ୍କୃଷ୍ଟ ତଥା ନିରାପଦ ଭବିଷ୍ୟତ ପାଇଁ ସର୍ବଦା ଚେଷ୍ଟିତ। ଯେଉଁଥିପାଇଁ ରାଷ୍ଟ୍ରୀୟ ତଥା ବହୁରାଷ୍ଟ୍ରୀୟ କମ୍ପାନୀ, ଦେଶବିଦେଶ ତଥା ଦୁବାଇ ଏବଂ ସରକାରୀ କ୍ଷେତ୍ରରେ ନିଯୁକ୍ତିର ସୁଯୋଗ ଆଣିଦେବା ଡିଭାଇନ୍ ପାଇଁ ଗୌରବର ବିଷୟ। ଉଲ୍ଲେଖଯୋଗ୍ୟ ଯେ ଡିଭାଇନ ସ୍ନାଇଡାର ଇଣ୍ଡିଆ ଭଳି କମ୍ପାନୀ ସହିତ ଅନୁବନ୍ଧିତ ହେବା ସହ ସେହି କମ୍ପାନୀ ଦ୍ୱାରା ଚାକିରିର ସୁଯୋଗ ଏକ ବିରଳ କୃତିତ୍ୱ ବହନ କରେ। ପୂର୍ବ ବର୍ଷ ଭଳି ଏବର୍ଷ ମଧ୍ୟ ବିଭିନ୍ନ କମ୍ପାନୀରେ ଛାତ୍ରଛାତ୍ରୀ ନିଯୁକ୍ତିର ସୁଯୋଗ ପାଇଛନ୍ତି।

## ଖବର ପ୍ରକାଶ ପରେ ଜିଲ୍ଲା ପ୍ରଶାସନ ତତ୍ପର

# ଲୋଧା ସମ୍ପ୍ରଦାୟ ନିକଟରେ ପହଞ୍ଚିଲା ସହାୟତା

**ବାରିପଦା, ୧।୭ (ସମିସ):** ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଅନ୍ୟତମ ଲୋଧା ଜନଜାତି ସମ୍ପ୍ରଦାୟ ସରକାରୀ ଉଦାସୀନତାର ଶିକାର ହୋଇଥିଲା; ଯାହାକୁ ନେଇ ସ୍ୱାଧୀନତାର ଦୀର୍ଘ ୭ ଦଶନ୍ଧି ପରେ ବି ବାରିପଦା ନିକଟ ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ହାତୀମଡା ଓ ବଜ୍ରତୁଣ୍ଡି ଅଞ୍ଚଳର ଲୋଧା ସମ୍ପ୍ରଦାୟ ଲୋକଙ୍କ ପାଖରେ ମୌଳିକ ସୁବିଧା ଅପହଞ୍ଚ ଥିଲା। ଏ ନେଇ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ଏହି ସମ୍ପ୍ରଦାୟକୁ ସରକାରୀ ସହାୟତା ମିଳିଛି। ଗାଁର ୨୫ଟି ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରି ଆସୁଛନ୍ତି। ତେବେ ସେମାନଙ୍କୁ ଆବାସ ଯୋଜନାରେ ଗୃହ ମିଳି ନ ଥିଲା। ଏହାସହିତ ପାନୀୟ ଜଳ ସୁବିଧା ନଥିବା ବେଳେ ନଦୀରେ ଚୁଆ ଖୋଳି ପାଣି ପିଉଥିଲେ। ବିଦ୍ୟୁତ ସଂଯୋଗ, ଅଙ୍ଗନବାଡ଼ି, ଶୌଚାଳୟ, ଶିକ୍ଷା, ଜୀବନଜୀବିକା ଆଦି ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ଥିଲେ। ଲୋଧା ସମ୍ପ୍ରଦାୟଙ୍କୁ ସୁବିଧା ସୁଯୋଗ ଯୋଗାଇବାକୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅନୁଦାନ ଦେଉଥିବା ବେଳେ ପ୍ରକୃତ ଚିତ୍ର ଅଲଗା। ଏନେଇ ଖବର ପ୍ରସାରଣ କରିବା ସହ ଏକ୍ସ ଯୋଗେ ଜିଲ୍ଲା ପ୍ରଶାସନଙ୍କୁ ସୂଚିତ କରିଥିଲେ। ଯାହାକୁ ନେଇ ଶ୍ୟାମାଖୁଣ୍ଟା ବିଡ଼ିଓ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଶିକ୍ଷା ବିଭାଗ ସମେତ ଅନ୍ୟ ବିଭାଗର ଅଧିକାରୀ ଉକ୍ତ ଗ୍ରାମ ପରିଦର୍ଶନ କରିଥିଲେ। ଘଟଣାର ଯାଞ୍ଚ କରି ସରକାରୀ ଯୋଜନା ଅଧିନରେ ପ୍ରାଥମିକ ପର୍ଯ୍ୟାୟରେ ଆବାସ ଗୃହ ଓ ପାନୀୟ ଜଳ ପାଇଁ ଗ୍ରାମରେ ଦୁଇଟି ନଳକୂପ ବ୍ୟବସ୍ଥା କରିଛନ୍ତି। ଏନେଇ ଶ୍ୟାମାଖୁଣ୍ଟା ବିଡ଼ିଓ ପତ୍ର ଯୋଗେ ସୂଚିତ କରିଛନ୍ତି। ବିଳମ୍ବରେ ହେଲେ ବି ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରିଥିବାରୁ ବଜ୍ରତୁଣ୍ଡି ଓ ହାତୀମଡା ଗ୍ରାମ ଲୋଧା ପରିବାରଙ୍କ ନିକଟରେ ମୌଳିକ ସୁବିଧା ଉପଲବ୍ଧ ହୋଇପାରିଛି।

ସକାଳ ପ୍ରଭାବ

# ସମୂହ ଛୁଟିରେ ଓଏଏସ୍, ଓଆର୍‌ଏସ୍ ଅଧିକାରୀ

**ବାରିପଦା, ୧।୭ (ସମିସ):** ରାଜ୍ୟରେ କାର୍ଯ୍ୟରତ ଓଏଏସ ଓ ଓଆରଏସ ଅଧିକାରୀଙ୍କ ପ୍ରତି ଆକ୍ରମଣ ଘଟଣାରେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଛି। ପୁଲିସ ଉପସ୍ଥିତିରେ ଓଏଏସ ଅଧିକାରୀଙ୍କୁ ଅସମ୍ମାନ ଜନକ ଓ ଶାରିରୀକ ହିଂସାକୁ ନେଇ ରାଜ୍ୟବ୍ୟାପୀ ପ୍ରତିବାଦର ସ୍ୱର ଉଠିଛି। ରାଜ୍ୟ ସଂଘର ନିଷ୍ପତ୍ତିକୁ ସମର୍ଥନ ଜଣାଇ ମଙ୍ଗଳବାରଠାରୁ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟରତ ଓଏଏସ ଓ ଓଆରଏସ ଅଧିକାରୀ ଅନିର୍ଦ୍ଦିଷ୍ଟ କାଳଯାଏ ଛୁଟିରେ ରହିଛନ୍ତି। ଅତିରିକ୍ତ ବିଏମସି କମିଶନର, କୁଳିଅଣା ତହସିଲଦାର, କପ୍ତିପଦା ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା କରିବା ସହିତ ପ୍ରଥମ ଦୁଇ ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ନହେବା ପର୍ଯ୍ୟନ୍ତ ରାଜ୍ୟ ସଂଘର ନିଷ୍ପତ୍ତି ଆନୁସାରେ ଆନ୍ଦୋଳକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ସଂଘର ଜିଲ୍ଲା ଶାଖା ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ପ୍ରଦାନ କରାଯାଇଛି। ଏଥିସହିତ ଦାବିପତ୍ରର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ସର୍ବସାଧାରଣଙ୍କ ସ୍ଥାନରେ ଓ ପୁଲିସ ଉପସ୍ଥିତିରେ ଅଧିକାରୀଙ୍କ ପ୍ରତି ଘଟୁଥିବା ଅମାନୁଷିକ ଆକ୍ରମଣକୁ ନେଇ ସଂଘ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଦାବି ମଧ୍ୟରେ ସମସ୍ତ ଓଏଏସ ଓ ଓଆରଏସ ଅଧିକାରୀଙ୍କ ମଧ୍ୟରୁ ସାଧାରଣ ବ୍ୟବହାର ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱରେ ନିୟୋଜିତ ରହୁଥିବା ଅଧିକାରୀଙ୍କୁ ପିଏସଓ ଯୋଗାଇ ଦିଆଯାଉ। ଫଳରେ ଏଭଳି ଆକ୍ରମଣରୁ ଅଧିକାରୀ ସୁରକ୍ଷିତ ରହିପାରିବେ। ସେହିପରି ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୁଳିଅଣା ତହସିଲଦାର ଦୁର୍ଗାଚରଣ ମୁର୍ମୁଙ୍କ ପ୍ରତି ଆକ୍ରମଣରେ ସମ୍ପୃକ୍ତ




## ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ସମସ୍ତ ଅଭିଯୁକ୍ତଙ୍କୁ ଓ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିବାକୁ ମଧ୍ୟ ସଂଘ ଦାବି କରିଛି। ଏହିସବୁ ଘଟଣାର ପୁଲିସ ଉପଖଣ୍ଡ ଅଧିକାରୀ କିମ୍ବା ଅତିରିକ୍ତ ଏସପିଙ୍କ ତଦନ୍ତଭାର ଦିଆଯାଉ। କାର୍ଯ୍ୟରତ ଅଧିକାରୀଙ୍କୁ ସୁରକ୍ଷା ଦେବା ପାଇଁ ଅଣଜାମିନ ବ୍ୟବସ୍ଥା ଏବଂ ଆକ୍ରମଣକାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ ସମେତ କଠୋର ଆଇନଗତ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ରହିଛି। ସଂଘର ନିଷ୍ପତ୍ତି ଅନୁଯାୟୀ ମୟୂରଭଞ୍ଜରେ କାର୍ଯ୍ୟରତ ୧୧୫ରୁ ଊର୍ଦ୍ଧ୍ୱ ଓଏଏସ ଓ ଓଆରଏସ ଅଧିକାରୀ ସମୂହ ଛୁଟିରେ ରହିବା ଫଳରେ ବିଭିନ୍ନ ଉନ୍ନୟନ ମୂଳକ ଓ ଜନ କଲ୍ୟାଣ କାର୍ଯ୍ୟ ବନ୍ଦ ରହିଛି। ଦୂରଦୂରାନ୍ତରୁ ଆସୁଥିବା ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବାକୁ ଅଧିକାରୀ ନଥିବାରୁ ଲୋକେ ନିରାଶରେ ଫେରୁଛନ୍ତି। ଜିଲ୍ଲାରେ ୨ଜଣ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ, ଅତିରିକ୍ତ ଅଧିକାରୀ, ୪ଜଣ ଉପଜିଲ୍ଲାପାଳ, ୪ଜଣ ଆଦିବାସୀ ଉନ୍ନୟନ ସଂସ୍ଥା ଅଧିକାରୀ, ସହକାରୀ ଜିଲ୍ଲାପାଳ/ଉପଜିଲ୍ଲାପାଳ, ୨୬ ବିଡିଓ/ତହସିଲଦାର ଓ ଅନ୍ୟାନ ଅଧିକାରୀ କାର୍ଯ୍ୟ କରୁଛନ୍ତି। ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ କ୍ଷେତ୍ରରେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ବିବିଧ ପ୍ରୟାସ ଜାରି ରଖିଛନ୍ତି। ମାତ୍ର ଉଚ୍ଚ ଶିକ୍ଷା ଲାଭ କରି ଚାକିରୀ କରୁଥିବା ଅଧିକାରୀଙ୍କ ସୁରକ୍ଷା ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ମତ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଓ ଈଶ୍ୱର ଚନ୍ଦ୍ର ନାଏକ, ଉପ ଜିଲାପାଳ ଡ.ଦୟାସିନ୍ଧୁ ପରିଡ଼ା, ପିଡି ଡିଆରଡିଏ ଧର୍ମାନନ୍ଦ ବେହେରାଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମିଳିତ ମଞ୍ଚର ଭାରତ ବନ୍ଦ ଡାକରା ପ୍ରଭାବହୀନ



**ବାରିପଦା, ୧।୭ (ସମିସ):** ବିଜେପି ସରକାର ବିରୋଧରେ ମିଳିତ ମଞ୍ଚ ପକ୍ଷରୁ ଆହୂତ ଭାରତ ବନ୍ଦ ଡାକରା ମୟୂରଭଞ୍ଜ ଜିଲ୍ଲାରେ ପ୍ରଭାବ ହୀନ ହୋଇଛି। ବାରିପଦା ସହର ଉପକଣ୍ଠ ଦାମଦୋରପୁର ନିକଟରେ ୧୮ ନଂ. ଜାତୀୟ ରାଜପଥର ପାର୍ଶ୍ୱରେ ଶତାଧିକ ଆନ୍ଦୋଳନକାରୀ ପହଞ୍ଚି ଏକଘଣ୍ଟା ବିକ୍ଷୋଭ କରିଥିଲେ। ଫଳରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାଘାତ ହୋଇନଥିଲା। ରାଷ୍ଟ୍ରୀୟନେତା ୱାମନ ମେଶ୍ରାମ ସାହେବଙ୍କ ଆହ୍ୱାନ କ୍ରମେ ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଏବଂ ରାଷ୍ଟ୍ରୀୟ ଖ୍ରୀଷ୍ଟିୟାନ ମୋର୍ଚ୍ଚା ପକ୍ଷରୁ ମିଳିତ ତତ୍ତ୍ୱାବଧାନରେ ଜିଲ୍ଲା ସଂଯୋଜକ କାମେଶ୍ୱର ହେମ୍ବ୍ରମ, ସହ ସଂଯୋଜକ ଗିରିଶ ଚନ୍ଦ୍ର ମାର୍ଣ୍ଡି, ଭାରତୀୟ ବେରୋଜଗାର ମୋର୍ଚ୍ଚାର ଜିଲ୍ଲା ସଭାପତି ବୈଦ୍ୟନାଥ ସିଂ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଜିଲ୍ଲା ସଂଯୋଜିକା ଶାନ୍ତିଲତା ଚାତାର, ବହୁଜନ ମୁକ୍ତି ପାର୍ଟିର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗାଚରଣ ସିଂହଙ୍କ ନେତୃତ୍ୱରେ ବହୁ ଆନ୍ଦୋଳନକାରୀ ଯୋଗଦେଇଥିଲେ। ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଦେଶରେ ଶାନ୍ତି ଓ ନ୍ୟାୟ ପ୍ରସ୍ଥାପିତ କରିବା ପାଇଁ ସରକାର ଏବଂ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆହୁରି ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ୪୧ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



**କରଞ୍ଜିଆ, ୧।୭ (ସମିସ):** ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ରରୁଆଁ ଥାନା ଅନ୍ତର୍ଗତ ଜାମୁଡି ନିକଟରୁ ୪୧ କିଲୋ ଗଞ୍ଜେଇ ଜବତ କରିବା ସହିତ ଅଭିଯୁକ୍ତ ଗଞ୍ଜେଇ ବ୍ୟବସାୟୀ କାଳିଚରଣ ମହାନ୍ତଙ୍କୁ ଗିରଫ କରାଯାଇଛି। ଏହି ଚଢ଼ଉରେ କରଞ୍ଜିଆ ଅବକାରୀ ଥାନା ନିରୀକ୍ଷକ ସଞ୍ଜୟ କାଣ୍ଡିଙ୍କ ନେତୃତ୍ୱରେ କରଞ୍ଜିଆ ଅବକାରୀ ସହ ନିରୀକ୍ଷକ ରଶ୍ମିରଞ୍ଜନ ନାଏକ, ଶୁକ୍ଳି ଅବକାରୀ ସହ ନିରୀକ୍ଷକ କୃଷ୍ଣଚନ୍ଦ୍ର ବିନ୍ଧାଣିଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ଅବକାରୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ କାଳିଚରଣ ମହାନ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଶିମିଳିପାଳକୁ ଶିକାରୀ ମୁକ୍ତ ପାଇଁ ପାଟ୍ରୋଲିଂ କଡ଼ାକଡ଼ି

# ବନ କର୍ମଚାରୀଙ୍କୁ ୧୫ ଦିନିଆ ବନ୍ଧୁକ ତାଲିମ

**ବାରିପଦା, ୧।୭ (ସମିସ)**

ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଭାବେ ପ୍ରସିଦ୍ଧ ଲାଭ କରିଥିବା ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜାତୀୟ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି। ଜଙ୍ଗଲର ସୁରକ୍ଷା ନିମନ୍ତେ ନିୟୋଜିତ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ର ଫ୍ରଣ୍ଟ ଲାଇନ ବନ କର୍ମଚାରୀଙ୍କୁ ବନ୍ଧୁକ ଦିଆଯାଇଥିବାବେଳେ ତାଲିମ ପ୍ରଦାନ କରାଯାଇଛି। ଅଭୟାରଣ୍ୟର ବନ୍ୟଜନ୍ତୁଙ୍କୁ ଶିକାରୀଙ୍କ ଦାଉରୁ ଏବଂ କାଠ ମାଫିଆଙ୍କ ଦୌରାତ୍ମ୍ୟରୁ ସୁରକ୍ଷା ନିମନ୍ତେ ୧୫ ଦିନିଆ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଛି। ଜିଲ୍ଲାର ଖୁଣ୍ଟା ଥାନା ଅନ୍ତର୍ଗତ ଶିଳଘାଟୀ ଗ୍ରାମ ପଞ୍ଚାୟତର ବାଲିଯୋଡ଼ା ଗ୍ରାମ ନିକଟରେ ଥିବା ଜିଲ୍ଲା ପୁଲିସ ଫାଇରିଂ ରେଞ୍ଜର ବନ୍ଧୁକ ଚାଳନା କୌଶଳ ନେଇ ବନ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଏ ନେଇ ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର ଝା ଏକ୍ସ ଯୋଗେ ସୂଚନା ଦେଇଛନ୍ତି। ଅଭୟାରଣ୍ୟର ୨୭୫୦ବର୍ଗ କିମି ପରିବ୍ୟାପ୍ତ। ତନ୍ମଧ୍ୟରୁ ୩୦୩ ବର୍ଗ କିମି ଆଭ୍ୟନ୍ତରୀଣ ଅଞ୍ଚଳ (କୋର ଏରିଆ)। ଯାହାକି ଭାରତର ଏକ ପ୍ରସିଦ୍ଧ ଅଭୟାରଣ୍ୟ, ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭାବେ ପରିଚୟ ଲାଭ କରିଛି। ଉକ୍ତ କୋର ଏରିଆରେ ଅଧିକ ପରିମାଣର ବନ୍ୟଜନ୍ତୁ ବସବାସ କରିଥାନ୍ତି। ତେବେ ଉକ୍ତ ବନ୍ୟଜନ୍ତୁଙ୍କ ଉପରେ ଶିକାରୀଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଶିକାରୀଙ୍କୁ ଧରିବାକୁ ଯାଇ ଶିକାରୀ ଗୁଳିରେ ଦୁଇ ଜଣ ବନ କର୍ମଚାରୀ ସହିଦ ହୋଇଥିଲେ। ପରେ ଅଭୟାରଣ୍ୟକୁ ଶିକାରୀ ମୁକ୍ତ କରିବା ଅଭିଯାନ ଆରମ୍ଭ ହୋଇଥିଲା। ବର୍ତ୍ତମାନ ମୌସୁମୀକାଳୀନ ପାଟ୍ରୋଲିଂ ଜରିଆରେ ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି। ଶିକାରୀଙ୍କ ପ୍ରାଦୁର୍ଭାବକୁ ରୋକିବା ପାଇଁ ଅଭୟାରଣ୍ୟ ମଧ୍ୟରେ ଏଆଇ କ୍ୟାମେରା ସମେତ ପୁଲିସ, ଏସଟିପିଏଫ ଓ ବନ ବିଭାଗର ସଶସ୍ତ୍ର ଟିମ ନିୟୋଜିତ ରହିଛନ୍ତି। ବିଭିନ୍ନ ସ୍ଥାନରେ ଚଢଉ କରି ବିପୁଳ ପରିମାଣର ବନ୍ଧୁକ ଜବତ କରିବା ସହ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହେଉଛନ୍ତି। ଏ ନେଇ ଅତ୍ୟାଧୁନିକ ବନ୍ଧୁକ ଯଥା ଇନସାକ, ଏକେ ୪୭, କମ୍ପାକସ, ପିଏଜି ଏବଂ ୯ଏମଏମ ପିସ୍ତଲ ମଧ୍ୟ ପ୍ରଦାନ କରାଯାଇଛି। ତେବେ ଏଥିପରେ ଅଭୟାରଣ୍ୟର ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଶିକାରୀ ଦମନ କରିବା ନିମନ୍ତେ ଅଭିଯାନରେ ନୂଆ ଫର୍ଦ୍ଦ ସାମିଲ କରିବା ସହ ଫ୍ରଣ୍ଟ ଲାଇନ ବନ କର୍ମଚାରୀଙ୍କୁ ନିୟମିତ ବ୍ୟବଧାନରେ ତାଲିମ ଦିଆଯାଉଛି। ପାଟ୍ରୋଲିଂରେ ନିୟୋଜିତ ବନ୍ଧୁକଧାରୀ ଫରେଷ୍ଟ ଗାର୍ଡ, ଏସଟିପିଏଫ ଓ ଅନ୍ୟ ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ଓ ରକ୍ଷଣାବେକ୍ଷଣ ନେଇ ତାଲିମ ପ୍ରଦାନ ହୋଇଛି। ପୂର୍ବରୁ ବନ କର୍ମଚାରୀ ବନ୍ଧୁକ ଧରୁ ନ ଥିବାରୁ ଏଭଳି ଘଟଣା ଘଟିଥିଲା। ଯାହାକୁ ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବନ କର୍ମଚାରୀମାନେ ବନ୍ଧୁକ ଧାରଣ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ତେଣୁ ମୟୂରଭଞ୍ଜ ଜିଲ୍ଲା ପୁଲିସ ଓ ରିଜର୍ଭ ପୁଲିସ ସହିତ ମିଳିତ ଭାବେ ବ୍ୟାଚ ଅନୁଯାୟୀ ବନ କର୍ମଚାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି। ଏଥିରେ ଏସଟିପିଏଫ ସମେତ ରେଞ୍ଜର, ଡେପୁଟି ରେଞ୍ଜର, ଫରେଷ୍ଟ ଗାର୍ଡଙ୍କୁ ତଥ୍ୟଗତ ଜ୍ଞାନ ସହ ପ୍ରାକ୍ଟିକାଲ, ବନ୍ଧୁକ ଚାଳନା ନେଇ ମକଡ୍ରିଲ ଆଦି ତାଲିମ ଦିଆଯାଇଛି। ଶିକାରୀ ଦାଉରୁ ସୁରକ୍ଷା ନିମନ୍ତେ ଶିକାରୀଙ୍କ ଗତିବିଧି ଉପରେ ନଜର ରଖିବେ। ଅଭୟାରଣ୍ୟର ବଫର ଅଞ୍ଚଳରୁ କୋର ଅଞ୍ଚଳକୁ ପ୍ରବେଶ ନିମନ୍ତେ ୨୩ଟି ଚିହ୍ନଟ ସ୍ଥାନରେ ମଧ୍ୟ ପାଟ୍ରୋଲିଂ କରିବେ। ଅଭୟାରଣ୍ୟର ଶିକାରୀଙ୍କ ପ୍ରାଦୁର୍ଭାବକୁ ସମ୍ପୂର୍ଣ୍ଣ ଭାବେ ରୋକିବା ଏହାର ମୂଳଲକ୍ଷ୍ୟ। ଗତ ୬ ମାସ ମଧ୍ୟରେ ୧୦୭ ଜଣ ତୃଣମୂଳ ସ୍ତର ବନ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିବା ବେଳେ ଭବିଷ୍ୟତରେ ସମସ୍ତ ଫିଲ୍ଡ କର୍ମଚାରୀଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ସ୍ଥିର କରାଯାଇଛି।

## ୬ ମାସରେ ତାଲିମ ନେଲେଣି ୧୦୭ କର୍ମଚାରୀ








ବାରିପଦାର ତକତପୁର ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ସୁନାବେଶ।

## ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଚେତାବନୀ

ବଡସାହି, ୧୭ (ସମିସ): ରାଜସ୍ୱ ଅମଲା ସଂଘ ପକ୍ଷରୁ ୧୦ ଦାବି ନେଇ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏହି ଦାବି ନେଇ ସଂଘ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି। ମାତ୍ର ଦାବି ପୂରଣରେ ସରକାର ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି। ଏହାର ପ୍ରତିବାଦରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ତେଣୁ ବଡସାହି ତହସିଲର ଅମଲାମାନେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ନେତୃତ୍ୱରେ ତହସିଲଦାର କରୁଣାକର ଧିନ୍ଦାଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୫ ତାରିଖ ସୁଦ୍ଧା ସଂଘର ପ୍ରତିନିଧିଙ୍କ ସହିତ ଆଲୋଚନା କରି ଦାବି ପୂରଣ କରିବାରେ ଯଦି ବିଫଳ ହୁଅନ୍ତି ତେବେ ୭ରୁ ୧୧ ଯାଏ ଅମଲାମାନେ କଳା ବ୍ୟାଜ୍ ପରିଧାନ କରି କାର୍ଯ୍ୟ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହା ସତ୍ତ୍ୱେ ସରକାର ଦାବି ପୂରଣ ନ କରନ୍ତି ତେବେ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅମଲାଙ୍କ ମୂଳ ଦରମା ୨୦୧୭ ମସିହା ନିୟମ ଅନୁଯାୟୀ ଲେବଲ-୯ କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ, କନିଷ୍ଠ ରାଜସ୍ୱ ଅମଲାଙ୍କ ରେସିଡେନସି ପିରିୟଡ ୬ ବର୍ଷ ଜାଗାରେ ୪ ବର୍ଷ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏ.ଏସ୍.ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏ.ଏସ୍.ଓ ରଖାଯାଉ ଏବଂ କନିଷ୍ଠ ରାଜସ୍ୱ ସହାୟକର ୪ ବର୍ଷ ରେସିଡେନସି ପିରିୟଡ ରଖାଯାଇ ଏ.ଏସ୍.ଓ ପଦବୀକୁ ପଦୋନ୍ନତି, ସମସ୍ତ ସରକାରୀ କର୍ମଚାରୀ ଏବଂ ସେମାନଙ୍କର ପରିବାର ବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହାରେ ଲାଗୁ କରାଯାଇଥିବା ନିୟମାବଳୀକୁ ପୁନଃ ପ୍ରଚଳନ ଆଦି ଦାବି ରହିଛି।



## ମୌଳିକ ସୁବିଧାରୁ ବଞ୍ଚିତ ବାତିକୋଚା ସାହିର ୧୦ ପରିବାର

# ରାସ୍ତା, ପାନୀୟ ଜଳ ଓ ବିଦ୍ୟୁତ୍ ଅପହଞ୍ଚ

ବିଶୋଇ, ୧୭ (ସମିସ): ସ୍ୱାଧୀନତା ପରେ ବି ଆଜିଯାଏ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ବହୁ ଆଦିବାସୀ ଗାଁ। ଗ୍ରାମକୁ ବିକାଶମୁଖୀ କରିବା ପାଇଁ ବିଜେପି ସରକାର ମାଳମାଳ ଯୋଜନା କରୁଥିବାବେଳେ ବାସ୍ତବରେ ତାହା ବିଗିଡ଼ା ହୋଇପଡ଼ିଛି। ପିଇବା ପାଣିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି ବହୁ ଆଦିବାସୀ ପରିବାର। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ବିଜାତଲା ବ୍ଲକ ଚଡେଇପାହାଡ଼ି

### ■ ଡିବିରି ଆଲୁଅରେ କଟୁଛି ରାତି; ଖଟିଆରେ ରୋଗୀଙ୍କୁ ବୁହାଯାଏ



### ■ ରାମଦୋଳି ଯୁବକ ସଂଘ ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର

ପଞ୍ଚାୟତ ଧାନଟାଙ୍ଗର ହିଲର ବାତିକୋଚା ସାହିରେ। ଏହି ସାହିରେ ସାନ୍ତାଳୀ ଓ ମୁଣ୍ଡା ସମ୍ପ୍ରଦାୟର ପ୍ରାୟ ୧୦ଟି ପରିବାର ବସବାସ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଗ୍ରାମରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ ସେବା ଅପହଞ୍ଚ ହୋଇଥିବାରୁ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ଚଡେଇପାହାଡ଼ି-ଗୋରୁମହିଷାଣି ମୁଖ୍ୟ ରାସ୍ତାରୁ ୫ କିମି ଭିତରକୁ ଗଲେ ପଡେ ବାତିକୋଚା ସାହି। ଧାନଟାଙ୍ଗର ଯାଏଁ ୨ କିମି ରାସ୍ତା ଭଲ ଥିବା ବେଳେ ୩ କିମି ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ଏହି ୩ କିମି ବିଶିଷ୍ଟ ରାସ୍ତା ଜଙ୍ଗଲ ଓ ପଥୁରିଆ ରାସ୍ତା ରହିଥିବା ବେଳେ ଦୁଇ ଚକିଆ ଯାନ ଯିବା ମଧ୍ୟ ସମ୍ଭବ ହେଉନି। ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ, ଦମକଳ ବାହିନୀ ଯାନ ସାହି ପର୍ଯ୍ୟନ୍ତ ପହଞ୍ଚିପାରେ ନାହିଁ। ସେହିପରି କୌଣସି ରୋଗୀ କିମ୍ବା ପ୍ରସୂତିଙ୍କୁ ୩ କିମି ଖଟିଆରେ ବୁହା ହୋଇ ଧାନଟାଙ୍ଗର ଯାଏଁ ଅଣାଯାଉଥାଏ। ଉକ୍ତ ସାହିରେ ଆବାସ ଯୋଜନାରେ ୫ଟି ପରିବାରକୁ ପକ୍କା ଘର ମିଳିଛି। ଘର ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ସାହିକୁ ପହଞ୍ଚିବା ପାଇଁ ରାସ୍ତା ବାଧକ ସାଜିଥିବା ହେତୁ ନୂତନ ଘର ନିର୍ମାଣ କାର୍ଯ୍ୟ ମଧ ହିତାଧିକାରୀ ଆରମ୍ଭ କରିପାରୁନାହିଁ। ଜଙ୍ଗଲ ବିପଦପୂର୍ଣ୍ଣ ରାସ୍ତା ଦେଇ ସାହିର କୁନି କୁନି ପିଲାଙ୍କୁ ଅଙ୍ଗନବାଡି କିମ୍ବା ସ୍କୁଲକୁ ଛାଡିବା ଅଭିଭାବକ ମହଲରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସାହିର ଅନ୍ୟ ଏକ ମୁଖ୍ୟ ସମସ୍ୟା ପାନୀୟଜଳ। ସାହି ନିକଟରେ ବିଲ ମଧ୍ୟରେ ଅବସ୍ଥିତ ଏକ ଚୁଆରୁ ସାହିବାସିନ୍ଦା ନିଜର ଦୈନନ୍ଦିନ ଜୀବନ ପାଇଁ ଜଳ ସଂଗ୍ରହ କରିଥାନ୍ତି। ଚୁଆରେ ଜମା ହୋଇଥିବା ବର୍ଷା, ଦୂଷିତ ପାହାଡିଆ ଜଳକୁ ସାହିବାସିନ୍ଦା ପାନୀୟଜଳ ଭାବେ ବ୍ୟବହାର କରୁଥିବା କାରଣରୁ ଆଗାମୀ ଦିନରେ ହଇଜା, କିଡନୀ ରୋଗ ଭଳି ମାରାତ୍ମକ ରୋଗ ଉପୁଜିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଗତ ୨ ବର୍ଷ ପୂର୍ବରୁ ସାହିକୁ ବିଦ୍ୟୁତ ଖୁଣ୍ଟ ସହିତ ବିଦ୍ୟୁତ ତାର ଟଣା ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ପ୍ରବାହ ପ୍ରଦାନ କରାଯାଇପାରିନାହିଁ। ଫଳରେ ସାହିବାସିନ୍ଦାଙ୍କ ବିଦ୍ୟୁତ ସେବା ସ୍ୱପ୍ନ ପାଲଟିଛି। ସାହିରେ କିଛି ପରିବାର ବ୍ୟକ୍ତିଗତ ଭାବରେ ସୋଲାର ଲାଇଟ୍ ବ୍ୟବସ୍ଥା କରି ବିଦ୍ୟୁତ ବ୍ୟବହାର କରୁଥିବା ବେଳେ ଅନ୍ୟ କିଛି ପରିବାର ସନ୍ଧ୍ୟା ହେଲେ ଡିବିରି ଆଲୁଅକୁ ଭରସା କରି ରାତି କାଟିବାକୁ ପଡୁଛି। ଗ୍ରାମ ତଥା ଉପାନ୍ତ ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଥିରେ ବାତିକୋଚା ସାହି ସତରେ ଯେପରି ଅଲୋଡା ହୋଇପଡ଼ିଛି। ଏହି ସମସ୍ୟାର ପ୍ରଶାସନ ସ୍ତରରେ ଦୃଷ୍ଟିଗୋଚର ପାଇଁ ଆଜି ରାମଦୋଳି ଯୁଥ ପାୱାର ଆସୋସିଏସନ ପକ୍ଷରୁ ବିଜାତଲା ବ୍ଲକ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର ସମସ୍ୟା ସମାଧାନ କରି ସାହିବାସିନ୍ଦାଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ସଂଘ ଦାବି ରଖିଛି। ଆସୋସିଏସନର ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା, ସଭାପତି ବୁଧୁରାମ ମୁଣ୍ଡା ସମେତ ସମେତ ଅନ୍ୟ ସଦସ୍ୟ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ।





## ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ



ବାରିପଦା, ୧୭ (ସମିସ): ବାରିପଦା ବନଖଣ୍ଡ ଆନୁକୂଲ୍ୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ବାରିପଦା ବନଖଣ୍ଡ ଅଧିକାରୀ ଉମା ମହେଶ ସବୁଜ ପତାକା ଦେଖାଇ ରଥ ପରିକ୍ରମାକୁ ଶୁଭାରମ୍ଭ କରିଥିଲେ। ଏହି ରଥ ବାରିପଦା ବନଖଣ୍ଡ ଅଧୀନରେ ଥିବା ସମସ୍ତ ଗ୍ରାମ ପଞ୍ଚାୟତରେ ବୃକ୍ଷ ରୋପଣର ବାର୍ତ୍ତା ପହଞ୍ଚାଇବା ସହିତ ପ୍ରଧାନମନ୍ତ୍ରୀଙ୍କ 'ମା'ଙ୍କ ପାଇଁ ଗଛଟିଏ' ବାର୍ତ୍ତା ପହଞ୍ଚାଇବ। ଜଙ୍ଗଲ ମହୋତ୍ସବ ପାଳନ ଆନୁକୂଲ୍ୟରେ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଜନସାଧାରଣଙ୍କ ପାଇଁ ଚାରା ବଣ୍ଟନ କେନ୍ଦ୍ରର ମଧ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଲୋକଙ୍କୁ ଚାରା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ମେହେରବାନ ଅଲ୍ଲି, ବାରିପଦା ରେଞ୍ଜ ଅଫିସର ଶ୍ରଦ୍ଧେୟ ମନ୍ତ୍ରୀ ଓ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକଙ୍କ ସମେତ ବନଖଣ୍ଡର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଅରବିନ୍ଦ ଦାସ ଜିଲ୍ଲା କଂଗ୍ରେସ ସଭାପତି

ବାରିପଦା, ୧୭ (ସମିସ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଅରବିନ୍ଦ ଦାସ ଓରଫ ବାପିଙ୍କୁ ପୂର୍ବ ମୟୂରଭଞ୍ଜ ଜିଲ୍ଲା ସଭାପତି ଭାବେ ଅନ୍ତରୀଣ ଦାୟିତ୍ୱ ଅର୍ପଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ଜଣେ ଯୁବ ସଂଗଠକଙ୍କୁ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିବାରୁ ଆଗାମୀ ଦିନରେ ଦଳ ଜିଲ୍ଲାରେ ନିଜର ପୂର୍ବ ସଂଗଠନକୁ ସୁଦୃଢ କରିବା ସହ ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟ କରିବ ବୋଲି କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ବୟୋଜ୍ୟେଷ୍ଠ ନେତୃବୃନ୍ଦ ଯଥା ପୂର୍ବତନ ଏଆଇସିସି ସଦସ୍ୟା ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପୂର୍ବତନ ରାଷ୍ଟ୍ରୀୟ ଏସଟି ସେଲ ଉପାଧକ୍ଷ ଶ୍ୟାମ ସୁନ୍ଦର ହାଁସଦା, ରାଜ୍ୟ ବାଣିଜ୍ୟ ସେଲ ଅଧକ୍ଷ ଯୋଗେଶ ଅଗ୍ରୱାଲ, ରାଜ୍ୟ ସମ୍ପାଦକ ଲକ୍ଷ୍ମୀଧର ନାଏକ, ପୂର୍ବତନ ଜିଲ୍ଲା ସଭାପତି ପ୍ରଦୀପ ରଥ, ହେମନ୍ତ ଦାସ, ନିରୋଜ ଲୋଚନ ଦାସ, ପୂର୍ବତନ ପି.ପି ବିଜନ ଦାସ, ଆଇନସେଲ ଅଧକ୍ଷ ଜ୍ୟୋତିପ୍ରକାଶ ରଥ, ପଞ୍ଚାୟତ ରାଜ ବିଭାଗର ରାଜ୍ୟ ସମ୍ପାଦକ ମୀନକେତନ ବେହେରା, ମହିଳା କଂଗ୍ରେସର ପୂର୍ବତନ ଜିଲ୍ଲା ସଭାପତି ଆଇନଜୀବି ସୁସ୍ମିତା ଘୋଷାଲ, ପୂର୍ବତନ ସମ୍ପାଦକ ତାରାକାନ୍ତ ବେହେରା, ପୂର୍ବତନ ଛାତ୍ର ସଭାପତି ମୋତିପ୍ରକାଶ ଦାଶ, କିଶାନସେଲ ଅଧକ୍ଷ ଦୀପକ ଦାସ, ଓବିସି ସେଲର ଦୀଲ୍ଲିପ ନାଏକ ପ୍ରମୁଖ ନବନିଯୁକ୍ତ ସଭାପତି ଅରବିନ୍ଦ ଦାସଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଓ ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଷ୍ଟେଟ୍ ବ୍ୟାଙ୍କ୍‌ର ପ୍ରତିଷ୍ଠା ଦିବସ

ବୈଶିଙ୍ଗା, ୧୭ (ସମିସ): ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ବାଲେଶ୍ୱର ପକ୍ଷରୁ ୭୦ତମ ପ୍ରତିଷ୍ଠା ଦିବସ ପିଞ୍ଛାବଣିଆ ସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ'ଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ଉପମହାପ୍ରବନ୍ଧକ ପ୍ରଭାତ କୁମାର ମୁଖ୍ୟଅତିଥି ଭାବେ ଯୋଗଦାନ କରି ବୃକ୍ଷରୋପଣ କରିବା ସହ ଗୁରୁକୁଳର ବ୍ରହ୍ମଚାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ବାଲେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଯଶୋବନ୍ତ ଦାସଙ୍କ ସମେତ ମୀନକେତନ ବାର୍ଲାବେଡିଆ, ରାଜେଶ କୁମାର ବେହେରା, ମନ୍ମଥ କୁମାର ସାହୁ, ଅଜୟ କୁମାର ପହି ଯୋଗଦାନ କରିଥିଲେ। ଏହି ଅବସରରେ ଗୁରୁକୁଳ ପରିସରରେ ବୃକ୍ଷରୋପଣ, ଗୋମାତା ସେବା, ଓ ବ୍ରହ୍ମଚାରୀଙ୍କୁ ଅନ୍ନଦାନ ସହ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅନନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭୦ତମ ସିଦୋ-କାହ୍ନୁ କ୍ରାନ୍ତୀ ଦିବସ ପାଳିତ

ବହଳଦା, ୧୭ (ସମିସ): ବହଳଦା ଓ ଜାମଦା ବ୍ଲକର ବିଭିନ୍ନ ସ୍ଥାନରେ ସାନ୍ତାଳୀ ହୁଲ ଦିବସ ପାଳିତ ହୋଇଛି। ଏହି ଅବସରରେ ତିରିଂ ବ୍ଲକ ଅନ୍ତର୍ଗତ ନାରାନପୁର ପଞ୍ଚାୟତ ବଡସାଦମ ଛକକୁ ସିଦୋ-କାହ୍ନୁଙ୍କ ନାମରେ ନାମିତ କରାଯିବା ସହ ପ୍ରତିମୂର୍ତ୍ତି ପ୍ରତିଷ୍ଠା ନେଇ ଭୂମି ପୂଜନ କରାଯାଇଛି। ବଡସାଦମ ଗ୍ରାମ ମାଝୀବାବା



(ଗ୍ରାମମୁଖ୍ୟ) ଦୁର୍ଗା ମାର୍ଣ୍ଡିଙ୍କ ପୌରୋହିତ୍ୟରେ ବଡସାଦମ ଛକରେ ସାନ୍ତାଳୀ କ୍ରାନ୍ତୀ ଦିବସ ପାଳିତ ହୋଇଛି। ଇଂରେଜଙ୍କ ଅନ୍ୟାୟ, ଅତ୍ୟାଚାର ବିରୋଧରେ ୧୮୫୫ରେ ଝାରଖଣ୍ଡର ସାହିବଗଞ୍ଜ ସ୍ଥିତ ଭୋଗନାଡିହିରୁ ବୀର ସହୀଦ ଭ୍ରାତ୍ରା ଲଢେଇ ଆରମ୍ଭ କରିଥିଲେ। ଏହି ଲଢେଇରେ ବୀର ସିଦୋ-କାହ୍ନୁଙ୍କ ସହିତ ତାଙ୍କ ଭାଇ ଚାନ୍ଦ-ଭୈରଭ ଓ ଭଉଣୀ ଫୁଲ-ଝାନୋ ସହୀଦ ହୋଇଥିଲେ। ଏହି ସାନ୍ତାଳୀ ବିଦ୍ରୋହରେ ସହିଦ ହୋଇଥିବା ବୀର ସିଦୋ-କାହ୍ନୁ ଭ୍ରାତାଙ୍କ ସ୍ମୃତିରେ ଜୁନ୍ ୩୦ ତାରିଖରେ ଦେଶରେ ଆଦିବାସୀଙ୍କ ପକ୍ଷରୁ ସାନ୍ତାଳୀ ହୁଲ ମାହା ବା ସାନ୍ତାଳୀ କ୍ରାନ୍ତୀ ଦିବସ ପାଳନ ହୋଇଆସୁଛି। ଆୟୋଜିତ କାର୍ଯ୍ୟକ୍ରମରେ ବଡସାଦମ ଗ୍ରାମର ମହିଳା, ପୁରୁଷ ସମେତ ଜିଲ୍ଲାପରିଷଦ ସଦସ୍ୟ ପରେଶ ଚନ୍ଦ୍ର ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ତାଙ୍କ ସହିତ ବଳଦେବ ହେମ୍ବ୍ରମ, ପଳସା ପିଢ ପରଗଣା ବାବା ଭାଗିରଥି ହାଁସଦା, ଛୋଟରାୟ ଟୁଡୁ, ଗୁରୁବା ସୋରେନ୍, ଘୁଳା ମାଝୀବାବା ମଧୁସୂଦନ ମାର୍ଣ୍ଡି, ସାଦମ ୱାର୍ଡ ମେମ୍ବର ପାର୍ବତୀ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ନାଏକେ (ପୂଜକ) କୁଆଁର ହାଁସଦା, ସହଯୋଗୀ ପୂଜକ ରାମ ହାଁସଦା ଓ ସିଦା ଟୁଡୁଙ୍କ ସହିତ ଆଦିବାସୀ ରୀତିନୀତି ଓ ପରମ୍ପରା ଅନୁସାରେ ଭୂମି ପୂଜନ ପାଇଁ ପୂଜାପାଠ କରାଯାଇଥିଲା। ଅତିଥିମାନେ ବୀର ସିଦୋ-କାହ୍ନୁ, ଚାନ୍ଦ-ଭୈରବ ଓ ଫୁଲ-ଝାନୋଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି ଲୁପୁଙ୍ଗ ଗ୍ରାମପଞ୍ଚାୟତର ଭୋଳାଗାଡିଆ ଗ୍ରାମ ହାଁସ-ହାଁସଲି ଅଲଇତୁନ ଆଖ୍ଲା ଶିକ୍ଷାନୁଷ୍ଠାନ ପରିସରରେ ମଧୁସୂଦନ ମାର୍ଣ୍ଡିଙ୍କ ଅଧ୍ୟକ୍ଷତା ଏବଂ ଗିତିଲତା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନସିଆଜାଙ୍ଗ ଗ୍ରାମରେ ମାଝୀବାବା ମେଘ୍ରାୟ ସୋରେନଙ୍କ ନେତୃତ୍ୱରେ ସୋରେନ୍ ସାଓଁତା ମେମୋରିଆଲ କ୍ଲବ ପକ୍ଷରୁ ହୁଲ ଦିବସ ପାଳିତ ହୋଇଛି।

**ବିଶୋଇ :** ଏକଦା ବ୍ରିଟିଶରାଜ ଅଧୀନରେ ଥିବା ଦାମିନ-ଇ-କଇ (ସାନ୍ତାଳୀ ପାର୍ଗାନା) ଅଞ୍ଚଳର ଆଦିବାସୀ ଓ ମୂଳବାସୀଙ୍କୁ ଏକତ୍ରିତ କରି ମହାନ ଆଦିବାସୀ ଯୋଦ୍ଧା ସିଦ ଓ କାହ୍ନୁ ୧୮୫୫ ଜୁନ ୩୦ ତାରିଖରେ ବ୍ରିଟିଶ ବିରୋଧରେ ହୁଲ ତଥା କ୍ରାନ୍ତିର ଆହ୍ୱାନ ଦେଇଥିଲେ। ଏହି ଯୁଦ୍ଧରେ ପ୍ରାୟ ଦଶ ହଜାର ଆଦିବାସୀ ପ୍ରାଣବଳି ଦେଇଥିଲେ। ଏହାର ୧୭୧ତମ କ୍ରାନ୍ତି ଦିବସକୁ ବିଚ୍ଛିନ୍ନାଞ୍ଚଳ ଝାଡ଼ଖଣ୍ଡ ଆଦିବାସୀ ଓ ମୂଳବାସୀ ମଞ୍ଚ (ବିଜେଏଏମ୍ଏମ୍) ପକ୍ଷରୁ ବିଶୋଇ ଡାକବଙ୍ଗଳା ପ୍ରାଙ୍ଗଣରେ ପାଳନ କରାଯାଇଥିଲା। ଏହି ଅବସରରେ ମଞ୍ଚର ସଭାପତି ରାମଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ସାଂସଦ ଇଂ ରାମଚନ୍ଦ୍ର ହାଁସଦା ମୁଖ୍ୟଅତିଥି, ଜେଏମଏମର ରାଜ୍ୟସମ୍ପାଦକ ପଦ୍ମଲୋଚନ ମହାନ୍ତ ମୁଖ୍ୟବ୍ୟକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ବେଣୁଧର ଘୋଷ ଓ ଯତୀନ୍ଦ୍ରନାଥ ବେହେରା ଯୋଗଦେଇ ସିଦ-କାହ୍ନୁଙ୍କ ସଂଗ୍ରାମୀ ଜୀବନୀ ଓ ବଳିଦାନ ଉପରେ ବକ୍ତବ୍ୟ ରଖିଥିଲେ। ଉତ୍ତର ଓଡ଼ିଶା ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପରିଷଦ ଗଠନ କରିବା, ବାଙ୍ଗରିପୋଷି-ଗୋରୁମହିଷାଣି ରେଳପଥକୁ ୮୫.୬ କି.ମି ପରିବର୍ତ୍ତେ ୪୨ କିମି ହ୍ରାସ କରିବା, ଓବିସିଙ୍କୁ ଉଚ୍ଚଶିକ୍ଷା ଓ ଚାକିରି କ୍ଷେତ୍ରରେ ୨୭% ସଂରକ୍ଷଣ ବ୍ୟବସ୍ଥା, ସାନ୍ତାଳୀ ମିଡ଼ିୟମରେ ପ୍ରାଥମିକ ସ୍ତରରୁ ଶିକ୍ଷା ବ୍ୟବସ୍ଥା, ହୋ, ମୁଣ୍ଡାରୀ ଓ କୁରମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା, ଉଚ୍ଚ ଶିକ୍ଷାରେ ଆଦିବାସୀଙ୍କ ସଂରକ୍ଷଣକୁ ୧୨%ରୁ ୨୨.୫% ଓ ଦଳିତଙ୍କ ସଂରକ୍ଷଣକୁ ୮%ରୁ ୧୬.୨୫%କୁ ବୃଦ୍ଧି କରିବା ଏବଂ ଚଳିତ ଜନଗଣନାରେ 'ସାରନାକୋଡ଼'କୁ ସ୍ଥାନିତ କରିବା ନେଇ ସରକାରଙ୍କ ପାଖରେ ଦାବି ରଖି ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସଭାରେ ଦାଶ୍ମାତ ସୋରେନ, ମୋହନ ହାଁସଦା, ଜୟନାଥ ମୁର୍ମୁ, ପଞ୍ଚାନନ ମୁର୍ମୁ, ରଘୁନାଥ ଟୁଡୁ ଓ ଗୋବିନ୍ଦ ବାସ୍କେ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସମିତି ସଭ୍ୟ କାଶୁ ମାଝୀ ଧନ୍ୟବାଦ ଦେଇଥିଲେ।



## ବଡ଼ସିମୁଳିଆ-ଠାକୁରାସାହି ରାସ୍ତା ଶୋଚନୀୟ



କପ୍ତିପଦା, ୧୭ (ସମିସ): କପ୍ତିପଦା ବ୍ଲକ ଅଧୀନ ଜଡ଼ିଦା ଗ୍ରାମ ପଞ୍ଚାୟତ ଠାକୁରା ସାହି ଆଦିବାସୀ ଗ୍ରାମକୁ ବଡସିମୁଳିଆରୁ ଯାଇଥିବା ପଞ୍ଚାୟତ ରାସ୍ତାର ଅବସ୍ଥା ବଡ଼ ଶୋଚନୀୟ ହୋଇପଡ଼ିଛି। ପ୍ରକାଶ ଥାଉକି କପ୍ତିପଦା ଶରତ ରାସ୍ତାର ବେହେରା ସାହି ଛକରୁ ଏକ ଗ୍ରାମ୍ୟ ଉନ୍ନୟନ ରାସ୍ତା ବଡସିମୁଳିଆ ଦେଇ ଛଣକଟାକୁ ଯାଇଥିବା ବେଳେ କାମ ପୂର୍ଣ୍ଣାଙ୍ଗ ନ ହୋଇ ବଡସିମୁଳିଆଠାରେ ଅଟକିଛି ଏବଂ ବଡ ସିମୁଳିଆରୁ ଛଣକଟା ପର୍ଯ୍ୟନ୍ତ ରାସ୍ତା କାଦୁଅ ସରସର। ସେପଟେ ବଡସିମୂଳିଆରୁ ପ୍ରାୟ ଦୁଇ କିମି ରାସ୍ତା ଠାକୁରା ସାହି ଆଦିବାସୀ ଗ୍ରାମକୁ ଗ୍ରାମ୍ୟ ଉନ୍ନୟନ ରାସ୍ତା କେଉଁ କାରଣରୁ ସଂଯୋଗ ହୋଇ ନାହିଁ। ତାହା ଆଦିବାସୀଙ୍କ ପ୍ରତି ଅବହେଳାର ନିଦର୍ଶନ ସୂଚାଉଛି। ସବୁ କ୍ଷେତ୍ରରେ ଉକ୍ତ ଗ୍ରାମକୁ ଅବହେଳା କରାଯାଉଥିବାର ଗ୍ରାମ ମୁଖିଆ ଗଣେଶ୍ୱର ମାଝୀ, ଲଗେନ କିସ୍କୁ ଠାକୁରା କିସ୍କୁ ଓ ଦଶରଥ କିସ୍କୁ ଅଭିଯୋଗ କରିଛନ୍ତି। ଏ ନେଇ ବହୁବାର ସରପଞ୍ଚ ଓ ବିଡିଓଙ୍କୁ ଜଣାଇଛନ୍ତି। ରାସ୍ତା ଏଭଳି ହୋଇଛି ଯେ ଅସରାଏ ବର୍ଷା ହେଲେ ଆମ୍ବୁଲାନ୍ସ ଆସିପାରୁନି ନାହିଁ। ରୋଗୀ କିମ୍ବା ପ୍ରସୂତିଙ୍କୁ ଖଟିଆରେ ନେବାକୁ ପଡୁଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ବିକାଶ ପରିଡ଼ାଙ୍କୁ ଯୋଗାଯୋଗ କରିବାରୁ ବର୍ଷା ଛାଡିଲେ କାମ କରାଇବେ ବୋଲି କହିଛନ୍ତି।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ମୋରଡ଼ା, ୧୭ (ସମିସ): ହାଣ୍ଡିଭଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ଏକ୍ସ କ୍ୟାଡାର ଏନପିଏସ ଶିକ୍ଷକ ପଦ୍ମଲୋଚନ ମହାନ୍ତ ଏବଂ ପୁଟିକିଷୋଳ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହଲତା ଗିରି ଜୁନ ୩୦ତାରିଖ ଚାକିରିରୁ ଅବସର ନେଇଛନ୍ତି। ଏହି ଅବସରରେ ମୋରଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ମଙ୍ଗଳବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଇଓ ବିଜୟ କୁମାର ପାଣିଗ୍ରାହୀ ଶ୍ରୀ ମହାନ୍ତଙ୍କୁ ପୁଷ୍ପଗୁଚ୍ଛ ଏବଂ କୋଡିଏ ହଜାର ଜିଆଇଏସ ଟଙ୍କାର ପ୍ରଦାନ କରିବା ସହ ଆଗାମୀ ୭ ଦିନ ମଧ୍ୟରେ ନ୍ୟାସନାଲ ପେନସନ ସ୍କିମ, ଛୁଟି ଟଙ୍କା ଏବଂ ସରକାରଙ୍କ ଯାହା ବ୍ୟବସ୍ଥା ରହିଛି ତାହା ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମ୍ବର୍ଦ୍ଧନା ସଭାରେ ଏବିଇଓ ପାଲୁ ହାଁସଦା, ଲକ୍ଷ୍ମୀଧର ମହାନ୍ତ, ସିନିୟର ଆସିଷ୍ଟାଣ୍ଟ ସଞ୍ଜୀବ ସେନାପତି, ଜୁନିୟର ଆସିଷ୍ଟାଣ୍ଟ ମାନସ ସାହୁ, ସତ୍ୟବ୍ରତ ଦାସ, ଦେବାଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ସଚ୍ଚିଦାନନ୍ଦ ଗୁରୁକୁଳରେ ରଥଯାତ୍ରା



ବାରିପଦା, ୧୭ (ସମିସ): ମୁର୍ଗାବାଡି ସ୍ଥିତ ସଚ୍ଚିଦାନନ୍ଦ ଗୁରୁକୁଳର ଛାତ୍ରଛାତ୍ରୀ ପ୍ରବଳ ଭିଡ଼ ଯୋଗୁଁ ଗତବର୍ଷ ବାରିପଦାର ବଡ଼ଦାଣ୍ଡର ରଥ କିମ୍ବା ବାଣ୍ଡିଆ ଜଗନ୍ନାଥ ମନ୍ଦିର ରଥ ଟାଣିବାରୁ ବଞ୍ଚିତ ହୋଇଥିଲେ। ତେଣୁ ଚଳିତବର୍ଷ ଛାତ୍ରଛାତ୍ରୀ ନିଜ ହାତରେ ରଥ ନିର୍ମାଣ କରି ରଥଯାତ୍ରା ଉତ୍ସବ ପାଳନ କରିଛନ୍ତି। ବିଜୟ ରାମଚନ୍ଦ୍ରପୁର ସ୍ଥିତ ଗୁରୁକୁଳ ଅଧ୍ୟକ୍ଷ ଅଜିତ ବେହେରାଙ୍କ ବାସଭବନରୁ ରଥ ବାହାରି ମୁର୍ଗାବାଡି ସ୍ଥିତ ଗୁରୁକୁଳକୁ ଟାଣି ନେଇଥିଲେ। ଭଜନ କୀର୍ତ୍ତନ ଓ ଘଣ୍ଟା ଶବ୍ଦର ତାଳରେ ତାଳ ଦେଇ ନୃତ୍ୟ କରି ରଥକୁ ଭିଡି ଆଣିଥିଲେ ପିଲା। ବିଷ୍ଣୁପଦ ବେରା, ଅବିନାଶ ବେହେରା, ଅବିନାଶ ବାରିକ୍, ହେମନ୍ତ ଦାସ, ଶୁଭମ ଧୋଡା, ସାହିଲ ସୁଧା ବରାଳ, ଶ୍ରୀଧର ମାଝୀ, ଯୀଶୁ ନାୟକ, ଚନ୍ଦ୍ରଶେଖର ମାଝୀ, ଜିଦାନ୍ ମୁର୍ମୁ, ଲାଲୁ ଟୁଡୁ, ସାଇସଙ୍ଗମ ଗିରି, ଦୁର୍ଗା ଟୁଡୁ ପ୍ରମୁଖ ରଥ ନିର୍ମାଣ କରିଥିଲେ। ଏହି ଅବସରରେ ଲିପିକା ପଣ୍ଡା, ରାଧିକା ଖଣ୍ଡେଲୱାଲା, ଶାନ୍ତି ସିଂ, ହଂସିକା ବେହେରା, ହରପ୍ରିୟା ମହାର୍ନା, ଆଦ୍ୟାଶା ପ୍ରଧାନ, ହରପ୍ରିୟା ମହାନ୍ତ, ସରସ୍ୱତୀ ମାରାଣ୍ଡି ରଥ ଦାଣ୍ଡରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ।

Nippon india Mutual Fund
Wealth sets you free


Mutual Fund Investor Awareness Program

To increase awareness about Mutual Funds, we conduct Investor Awareness Programmes (IAPs) across the country. Schedule of upcoming IAP is as mentioned below:

| Date | Time | Location |
| --- | --- | --- |
| 04th July, 2025 | 06:00 PM | Kantabanji |

Venue: Hotel Royal Tulip, Sh-42, Bolangir Road, Kantabanji, Odisha - 767039.
Name: Shib Prasad Joshi | Mob. No.: 8657417350
Nippon Life India Asset Management Limited | CIN : L65910MH1995PLC220793
Good gets better
Mutual Fund investments are subject to market risks, read all scheme related documents carefully.

ସକାଳ
THE SAKALA



ଇତିହାସର ପୁନରାବୃତ୍ତି ହୁଏ, ପ୍ରଥମେ ଏକ ଦୁଃଖଦ ଘଟଣା ଭାବେ ଏବଂ ଦ୍ୱିତୀୟରେ ଏକ ପ୍ରହସନ ଭାବେ।
-କାର୍ଲ ମାର୍କସ୍

# ସଂକଟ ଟଳିନି

ମଧ୍ୟପ୍ରାଚ୍ୟରେ ଯେ ଶାନ୍ତି ଫେରିଆସୁଛି, ଏକଥା କୌଣସି ଗୋଟିଏ ପକ୍ଷ ଜୋରଦେଇ କହିପାରିବେନି। 'ଅପରେସନ ସିନ୍ଦୂର'ରେ ହଠାତ୍ ବିରତି ବା ବିରାମ ଘୋଷଣା କଲା ଭଳି ରାଷ୍ଟ୍ରପତି ଟ୍ରମ୍ପ ଇସ୍ରାଇଲ-ଇରାନ ଅଘୋଷିତ ଯୁଦ୍ଧ ସ୍ଥଗିତ ରହିଲା କହି ଉତ୍ତେଜନା ପ୍ରଶମିତ କରିଛନ୍ତି। ଏହାର ପୃଷ୍ଠଭାଗରେ ତାଙ୍କର ନୋବେଲ ଶାନ୍ତି ପୁରସ୍କାର ହାସଲ ଲକ୍ଷ୍ୟ ଥାଉ କିମ୍ବା କାତାର ଉପରେ ଇରାନର ପ୍ରତୀକାତ୍ମକ ଆକ୍ରମଣର ସମ୍ଭାବ୍ୟ ଭୟଙ୍କର ପରିଣତି ହେଉ, ଏଭଳି କିଛି ବିଚାର ତାଙ୍କୁ ଏ ଦିଗରେ ନିଶ୍ଚିତ ଅନୁପ୍ରେରିତ କରିଛି। ତେବେ ଘଟଣାକ୍ରମ ଯାହା, ସେଥିରେ ତେହେରାନର ମନୋବଳ ବଢ଼ିଛି। ଦୁଇଦିନ ଧରି ସହରର ରାଜରାସ୍ତାରେ ପାଳିତ ହୋଇଥିବା ବିଜୟୋଲ୍ଲାସ ଏବଂ ଜୁନ ୧୩ରେ ଇସ୍ରାଏଲ ଆକ୍ରମଣରେ ନିହତ ସାମରିକ ମୁଖ୍ୟ ଜେନେରାଲ ମହମ୍ମଦ ବାଘେରି, ପରମାଣୁ ବୈଜ୍ଞାନିକଙ୍କ ସମେତ ୬୦ଜଣଙ୍କୁ କବର ଦେବା ସକାଶେ ଯେଉଁ ଲକ୍ଷ ଲକ୍ଷ ଜନତାଙ୍କ ଶୋଭାଯାତ୍ରା ବାହାରିଥିଲା ତାହା ଇରାନ ଶାସକ ମୁଖ୍ୟ ଖେମିନିଙ୍କ ନେତୃତ୍ୱକୁ ସୁଦୃଢ଼ କରିଛି।

ଅନ୍ୟପକ୍ଷରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ସକାଶେ ହ୍ୱାଇଟ ହାଉସରେ ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ, ମଧ୍ୟପ୍ରାଚ୍ୟ ସହଯୋଗୀଙ୍କ ପ୍ରତିନିଧି ସହ ଟ୍ରମ୍ପ କରିଥିବା ଗୋପନ ଆଲୋଚନା ଏବଂ ନାଟୋ ସହଯୋଗୀଙ୍କ ବୈଠକରେ ଦେଇଥିବା ସୂଚନା କେତେଦୂର ଇରାନ ପାଇଁ ଗ୍ରହଣୀୟ ତାହା ମଧ୍ୟ ସନ୍ଦେହଜନକ। ଇରାନର ତିନିଟି ଆଣବିକ କେନ୍ଦ୍ର ଉପରେ ଆମେରିକା ବି-୨ ବମ୍ବର ମାଧ୍ୟମରେ ନିର୍ଣ୍ଣାୟକ ଆକ୍ରମଣର ପରାକ୍ରମ ଓ ପରିଣତି ନେଇ ଏବେ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଆମେରିକାର ପକ୍ଷରୁ ଯେତେ ଦାବି କରାଯାଉନା କାହିଁକି ତଥାକଥିତ ବିପର୍ଯ୍ୟୟ ଓ ବିଧ୍ୱସ୍ତ ଘଟିବା ନେଇ ଉପଗ୍ରହ ଚିତ୍ରରୁ ପେଣ୍ଟାଗନ ସଂଗ୍ରହ କରିଥିବା ଖବର ଶେଷରେ ପ୍ରଘଟ ହୋଇଯାଇଛି। ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆଣବିକ କେନ୍ଦ୍ର ଫୋର୍ଡୋ ର ଭୂତଳ କଂକ୍ରିଟ ଢାଞ୍ଚାକୁ ଭେଦ କରିପାରିନାହିଁ ବି-୨ ବମ୍ବର। ଅବଶ୍ୟ ଯଥେଷ୍ଟ ପୂର୍ବରୁ ସମ୍ବର୍ଦ୍ଧିତ ୟୁରାନିୟମକୁ ଇରାନ ସ୍ଥାନାନ୍ତର କରିବାକୁ ମଧ୍ୟ ସମର୍ଥ ହୋଇଥିଲା। ସେହି ଫୋର୍ଡୋ କେନ୍ଦ୍ରର ମରାମତି ଆରମ୍ଭ କରି ଆଣବିକ କାର୍ଯ୍ୟକ୍ରମ ପ୍ରତି ଇରାନ ନିଜର ଅଙ୍ଗୀକାରବଦ୍ଧତା ଜାହିର କରିଛି। ଆନ୍ତର୍ଜାତିକ ଆଣବିକ ସଂଗଠନରୁ ସଂପର୍କ ଛିନ୍ନ କରିବାର ନିଷ୍ପତ୍ତି ମଧ୍ୟ ନେଇଛି। ତେହେରାନ ପକ୍ଷରୁ କୁହାଯାଇଛି ଯେ ସଂଗଠନର ଡିଜି ରାଫଲ୍ ମାରିଆନା ଗ୍ରସି ଇରାନ୍ ଆଣବିକ କେନ୍ଦ୍ର ଅନୁଧ୍ୟାନ ଓ ତଦାରଖ ନାମରେ ସମସ୍ତ ଗୋପନ ତଥ୍ୟ ପ୍ରତିପକ୍ଷ ଇସ୍ରାଏଲକୁ ଯୋଗାଉଛି। ଜୁନ ୧୩ ତାରିଖରେ ଇସ୍ରାଏଲ ଆକ୍ରମଣରୁ ଏହା ସ୍ୱଷ୍ଟ ହୋଇଛି। ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଉଛି, ଟ୍ରମ୍ପ ଯେଉଁ ସମାଧାନର ସୂତ୍ର ଉପସ୍ଥାପନ କରିଛନ୍ତି ତାହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ଇରାନର ବୈଦେଶିକ ମନ୍ତ୍ରୀ ଆବାସ୍ ଆରାଗଛି ମଧ୍ୟ ତାଙ୍କ ବିବୃତିରେ ସ୍ୱଷ୍ଟ କରିଛନ୍ତି।

ଇରାନର ଆଣବିକ କାର୍ଯ୍ୟକ୍ରମକୁ ଗତି ଦେବା ପାଇଁ ଟ୍ରମ୍ପ ୨୦ ରୁ ୩୦ ବିଲିୟନ ଡଲାର ସହାୟତା ଦେବା ସକାଶେ ପ୍ରସ୍ତୁତ ଅଛନ୍ତି। ତେବେ ସର୍ତ୍ତ ହେଲା ଇରାନ ୟୁରାନିୟମ୍ ସମ୍ବର୍ଦ୍ଧନ କରିପାରିବନି। ଆଣବିକ ଶକ୍ତିର ବେସାମରିକ ଉପଯୋଗ ସକାଶେ ସେ ସମ୍ବର୍ଦ୍ଧିତ ୟୁରାନିୟମ ବିଦେଶରୁ ଆମଦାନୀ କରିପାରିବ। ଏହି ବିପୁଳ ଅର୍ଥରାଶି ମଧ୍ୟ ପ୍ରାଚ୍ୟର ତାଙ୍କ ସହଯୋଗୀ ଇରାନକୁ ଦେବେ ବୋଲି ସେ ସ୍ୱଷ୍ଟ କରିଛନ୍ତି। ପ୍ରତିବନ୍ଧକ ପ୍ରତ୍ୟାହାରର ପ୍ରଥମ ପଦକ୍ଷେପ ସ୍ୱରୂପ ଜବତ କରାଯାଇଥିବା ବିଦେଶୀ ବ୍ୟାଙ୍କର ୬ ବିଲିୟନ ଡଲାର ମଧ୍ୟ ଇରାନ ଉଠାଇବାରେ ଆଉ କଟକଣା ରହିବ ନାହିଁ। ଏହି ପ୍ରାରମ୍ଭିକ ସର୍ତ୍ତ ମାଧ୍ୟମରେ ଇରାନ ସହ ଆପୋସ ଆଲୋଚନା ସାତଦିନ ମଧ୍ୟରେ ଆରମ୍ଭ ହେବ ବୋଲି ଆମେରିକା ପକ୍ଷରୁ ସୂଚନା ଦିଆଯାଇଛି। ଇରାନ ସକାଶେ ଏହା ଯେ ଗ୍ରହଣୀୟ ନୁହେଁ ତାହା ଖେମିନିଙ୍କ ଜାତି ଉଦ୍ଦେଶ୍ୟରେ କରିଥିବା ଘୋଷଣାରୁ ଜଣାପଡ଼ିଛି।

ଏହି ତଥ୍ୟରୁ ଏବେ ମଧ୍ୟ ଅସ୍ୱଷ୍ଟ ଯେ ଆପୋସ ଆଲୋଚନାରେ ଇସ୍ରାଏଲର ଭୂମିକା କ'ଣ ହେବ। ଆମେରିକା ପକ୍ଷରୁ ଉପସ୍ଥାପିତ ସର୍ତ୍ତରେ ଇସ୍ରାଏଲର ନାମ ଗନ୍ଧ ନଥିବାର ଲକ୍ଷ୍ୟ କରାଯାଇଛି। ଜୁନ ୧୩ ତାରିଖରେ ଇରାନ ଉପରେ ଇସ୍ରାଏଲର ଅତର୍କିତ ଆକ୍ରମଣ ଏବଂ ସେଥିରେ ଯେଉଁ ବିପୁଳ କ୍ଷୟକ୍ଷତି ଘଟିଲା ସେଥିସକାଶେ କାହାକୁ ଦାୟୀ କରାଯାଇନାହିଁ। ଇରାନ ପ୍ରତିଆକ୍ରମଣ ଜାରି ରଖିଥିବା ବେଳେ ଆମେରିକା ସର୍ବଶକ୍ତିମାନ ବି-୨ ବମ୍ବର ମାଧ୍ୟମରେ ତିନିଟି ପରମାଣୁ କେନ୍ଦ୍ର ଉପରେ କରିଥିବା ଘାତକ ଆକ୍ରମଣ ରାଷ୍ଟ୍ରର ସାର୍ବଭୌମତାକୁ କ୍ଷୁଣ୍ଣ କରିଛି। ଏହି ପାତାଳ ଭେଦୀ ବୋମା ଯଦି ଆଣବିକ ତେଜସ୍କ୍ରିୟର ବିକିରଣ ଘଟିଥା'ନ୍ତା ତାହାର ଭୟଙ୍କର ପରିଣତି ନେଇ ଆମେରିକା ସଚେତନ ହେବାର ଥିଲା। ଏହି ନୈତିକ ଅପରାଧ ସକାଶେ କିଏ କାହାକୁ ଦୋଷୀ କରିବ?

ସର୍ବଶକ୍ତିମାନ ଗୋଇନ୍ଦା ସଂସ୍ଥା ମୋସାଡ୍ ମାଧ୍ୟମରେ ଇସ୍ରାଏଲ ଆବଶ୍ୟକତାଠାରୁ ଅଧିକ ବଳୀୟାନ ନୁହେଁ ତ? କେବେଳ ଆମେରିକା ନୁହେଁ ବିଶ୍ୱର ବହୁ ପ୍ରମୁଖ ରାଷ୍ଟ୍ରରେ ମୋସାଡ୍ ସକ୍ରିୟ। ସେଠାକାର ନେତୃତ୍ୱ ବିରୋଧରେ ଗୋପନ ତଥ୍ୟ ସଂଗ୍ରହ ଏବଂ ଆବଶ୍ୟକ ସ୍ଥଳେ ତାହାର ଦୁରୁପଯୋଗ କରିବାରେ ସେମାନେ ସିଦ୍ଧହସ୍ତ। ବିଶ୍ୱ କୂଟନୈତିକ ସଂପର୍କକୁ ପ୍ରଭାବିତ କରି ପ୍ରାଧାନ୍ୟ ଓ ପତିଆରା ଜାହିର କରିଆସିଛି ଇସ୍ରାଏଲ। ଅତ୍ୟାଧୁନିକ ଇଲେକ୍ଟ୍ରୋନିସ୍ ଜ୍ଞାନକୌଶଳର ଉପଯୋଗ ହେଉଛି ମୋସାଡ୍‌ର ଗୋପନ ଅସ୍ତ୍ର। ସମସ୍ତଙ୍କ ଅଜ୍ଞାତରେ ବିଭିନ୍ନ ରାଷ୍ଟ୍ରର ଶୀର୍ଷ ନେତୃତ୍ୱକୁ କବ୍‌ଜା କରିବାରେ ସେମାନେ ସିଦ୍ଧହସ୍ତ। ଆମଦେଶରେ ପେଗାସସ୍‌କୁ ନେଇ ଯେଉଁ ହଟଚମଟ ଘଟିଲା, ତାହାଠାରୁ ଆହୁରି ସଂଗିନ ସରଂଜାମର ଅଧିକାରୀ ସେମାନେ। ଏସବୁ ଉଲ୍ଲେଖ କଲାବେଳେ ଆମେ ଆମ ନିଜକୁ ମଧ୍ୟ ପ୍ରଶ୍ନ କରୁଛୁ। ଜୁନ ୧୩ ର ଆକ୍ରମଣ କ'ଣ ଆମେରିକାର ଅଜ୍ଞାତରେ ହୋଇଥିଲା? ପ୍ରତିଆକ୍ରମଣରେ ଇସ୍ରାଏଲର ବିପୁଳ କ୍ଷତି ତାହାର ପ୍ରତିରୋଧ କ୍ଷମତାକୁ ଦୁର୍ବଳ କରିଥିବା ବେଳେ ହଠାତ୍ ଇରାନ ଉପରେ ଆମେରିକା ଆକ୍ରମଣ କରିବା ସହ ଚଟାପଟ ଯୁଦ୍ଧ ବିରାମ ଘୋଷଣା କରିବାର ଉଦ୍ଦେଶ୍ୟ କ'ଣ? ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନେତୃତ୍ୱ ପ୍ରତି ସମ୍ଭାବ୍ୟ ବିପଦର ମୁକାବିଲା ସକାଶେ ଟ୍ରମ୍ପ ଏତେ ତତ୍ପର କାହିଁକି? ଏସବୁର ଉତ୍ତର ଆମେ ଏହି ଅଗ୍ରଲେଖାରେ ଏକପ୍ରକାର ଦେଇସାରିଛୁ। କିନ୍ତୁ ଏଥିନେଇ କାହାକୁ ସିଧାସଳଖ ଆକ୍ଷେପ କରାଯାଇନପାରେ।

# ଡିଜିଟାଲ୍ ଭାରତର ଏକ ଦଶନ୍ଧି



**ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ**

ଦଶ ବର୍ଷ ପୂର୍ବେ, ଆମେ ପୂର୍ଣ୍ଣ ବିଶ୍ୱାସ ସହିତ ଏପରି ଏକ କ୍ଷେତ୍ରକୁ ଯାତ୍ରା ଆରମ୍ଭ କରିଥିଲୁ ଯେଉଁଠାକୁ ପୂର୍ବରୁ କେହି ଯାଇ ନଥିଲେ। ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରିବେ କି ନାହିଁ ତାହାକୁ ନେଇ ଅନେକ ଦଶନ୍ଧି ଧରି ଶଙ୍କା ବ୍ୟକ୍ତ କରାଯାଉଥିଲା। ଆମେ ସେହି ମାନସିକତାକୁ ପରିବର୍ତ୍ତନ କରିଛୁ ଏବଂ ଭାରତୀୟମାନଙ୍କ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବାର କ୍ଷମତାରେ ବିଶ୍ୱାସ କରିଛୁ। ପ୍ରଯୁକ୍ତିବିଦ୍ୟାର ବ୍ୟବହାର କେବଳ ଧନୀ ଏବଂ ଗରିବଙ୍କ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରିବ ବୋଲି ଅନେକ ଦଶନ୍ଧି ଧରି ଯେଉଁ ମାନସିକତା ରହିଥିଲା ଆମେ ସେହି ମାନସିକତାକୁ ପରିବର୍ତ୍ତନ କରି ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବ୍ୟବଧାନକୁ ଦୂର କରିଛୁ।

ଉଦ୍ଦେଶ୍ୟ ସଠିକ୍ ଥିଲେ ନବସୃଜନ ଅବହେଳିତ ଲୋକଙ୍କୁ ସଶକ୍ତ କରିଥାଏ। ଆଭିମୁଖ୍ୟ ସମାବେଶୀ ହେଲେ ପ୍ରଯୁକ୍ତିବିଦ୍ୟା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଥାଏ। ଏହି ବିଶ୍ୱାସ ଡିଜିଟାଲ୍ ଇଣ୍ଡିଆର ମୂଳଦୁଆ ପାଲଟିଥିଲା। ଏହାର ବିସ୍ତାରକୁ ସାର୍ବଜନୀନ କରିବା, ସମନ୍ୱିତ ଡିଜିଟାଲ୍ ଭିତ୍ତିଭୂମି ନିର୍ମାଣ କରିବା ଏବଂ ସମସ୍ତଙ୍କ ପାଇଁ ସୁଯୋଗ ଉପଲବ୍ଧ କରାଇବାର ଏକ ମିଶନ ଆରମ୍ଭ ହୋଇଥିଲା।

୨୦୧୪ରେ, ଇଣ୍ଟରନେଟ୍ ଉପଲବ୍ଧତା ସୀମିତ ଥିଲା, ଡିଜିଟାଲ୍ ସାକ୍ଷରତା କମ୍ ଥିଲା ଏବଂ ସରକାରୀ ସେବା ପାଇଁ ଅନଲାଇନ୍ ପ୍ରବେଶ ଅତ୍ୟନ୍ତ ସୀମିତ ଥିଲା। ଅନେକ ସନ୍ଦେହ କରୁଥିଲେ ଯେ ଭାରତ ଭଳି ବିଶାଳ ଏବଂ ବିବିଧ ଦେଶ ପ୍ରକୃତରେ ଡିଜିଟାଲ୍ ହୋଇପାରିବ କି ନାହିଁ। ଆଜି ଏହି ପ୍ରଶ୍ନର ଉତ୍ତର ତଥ୍ୟ କିମ୍ବା ଡ୍ୟାସବୋର୍ଡରେ ନୁହେଁ, ବରଂ ୧୪୦ କୋଟି ଭାରତୀୟଙ୍କ ଜୀବନରେ ଉପଲବ୍ଧ। ଶାସନ ଠାରୁ ଶିକ୍ଷା, କାରବାର ଏବଂ ଉତ୍ପାଦନ ପର୍ଯ୍ୟନ୍ତ ଡିଜିଟାଲ ଇଣ୍ଡିଆ ସବୁଠି ରହିଛି।

**ଡିଜିଟାଲ ବିଭାଜନର ଦୂରୀକରଣ:** ୨୦୧୪ରେ ଭାରତରେ ପ୍ରାୟ ୨୫ କୋଟି ଇଣ୍ଟରନେଟ୍ ସଂଯୋଗ ଥିଲା। ଆଜି ଏହି ସଂଖ୍ୟା ୯୭ କୋଟିରୁ ଅଧିକ ହୋଇଛି। ୪୨ ଲକ୍ଷ କିଲୋମିଟରରୁ ଅଧିକ ଅପ୍ଟିକାଲ୍ ଫାଇବର କେବୁଲ୍, ପୃଥିବୀ ଏବଂ ଚନ୍ଦ୍ର ମଧ୍ୟରେ ଦୂରତାର ୧୧ ଗୁଣା, ବର୍ତ୍ତମାନ ସବୁଠାରୁ ଉପାନ୍ତ ଗ୍ରାମଗୁଡ଼ିକୁ ମଧ୍ୟ ସଂଯୋଗ କରୁଛି।

ଭାରତରେ ୫ଜି ସେବା ବିଶ୍ୱର ସବୁଠାରୁ ଦ୍ରୁତତମ ସମୟ ମଧ୍ୟରେ କାର୍ଯ୍ୟକାରୀ ହୋଇଛି। ମାତ୍ର ଦୁଇ ବର୍ଷ ମଧ୍ୟରେ ୪.୮୧ ଲକ୍ଷ ବେସ୍ ଷ୍ଟେସନ୍ ସ୍ଥାପିତ ହୋଇଛି। ହାଇ-ସ୍ପିଡ୍ ଇଣ୍ଟରନେଟ୍ ବର୍ତ୍ତମାନ ସହରାଞ୍ଚଳ କେନ୍ଦ୍ରଗୁଡ଼ିକଠାରୁ ଆରମ୍ଭ କରି ଗଲୱାନ୍, ସିଆଚେନ୍ ଏବଂ ଲଦାଖ ଭଳି ସାମରିକ ପୋଷ୍ଟଗୁଡ଼ିକରେ ପହଞ୍ଚିଯାଇଛି। ଆମର ଡିଜିଟାଲ୍ ଭିତ୍ତିଭୂମି, ଇଣ୍ଡିଆ ଷ୍ଟାକ୍, ୟୁପିଆଇ ଭଳି ପ୍ଲାଟଫର୍ମକୁ ସକ୍ଷମ କରିଛି, ଯାହା ଏବେ ବାର୍ଷିକ ୧୦୦ ବିଲିୟନରୁ ଅଧିକ କାରବାର ପ୍ରକ୍ରିୟାକରଣ କରିଥାଏ। ବିଶ୍ୱର ମୋଟ ବାସ୍ତବ ସମୟ ବା ରିଅଲ୍-ଟାଇମ୍ ଡିଜିଟାଲ୍ କାରବାରର ପ୍ରାୟ ଅଧା ଭାରତରେ ହେଉଛି।

ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ନାଗରିକମାନଙ୍କୁ ସିଧାସଳଖ ୪୪ ଲକ୍ଷ କୋଟି ଟଙ୍କାରୁ ଅଧିକ ହସ୍ତାନ୍ତର କରାଯାଇଛି। ଦଲାଲଙ୍କ ଭୂମିକାକୁ ଦୂର କରି ଏବଂ ୩.୪୮ ଲକ୍ଷ କୋଟି ଟଙ୍କାର ବାଟମାରଣାକୁ ବନ୍ଦ କରାଯାଇପାରିଛି। ସ୍ୱାମୀତ୍ୱ ଭଳି ଯୋଜନାଗୁଡ଼ିକ ୨.୪ କୋଟିରୁ ଅଧିକ ସମ୍ପତ୍ତି କାର୍ଡ ଜାରି କରିଛି ଏବଂ ୬.୪୭ ଲକ୍ଷ ଗ୍ରାମକୁ ମ୍ୟାପ୍ ଅଧୀନକୁ ଆଣିଛି। ଫଳରେ ବର୍ଷ ବର୍ଷ ଧରି ଜମି ସମ୍ପର୍କିତ ଅନିଶ୍ଚିତତାର ସମାପ୍ତି ହୋଇଛି।

**ସମସ୍ତଙ୍କ ପାଇଁ ସୁଯୋଗର ଉପଲବ୍ଧତା :** ଭାରତର ଡିଜିଟାଲ ଅର୍ଥବ୍ୟବସ୍ଥା ଏବେ ପୂର୍ବ ଅପେକ୍ଷା ଅଧିକ ଏମଏସଏମଇ ଏବଂ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ସଶକ୍ତ କରୁଛି। ଓଏନଡିସି (ଓପନ୍ ନେଟୱାର୍କ ଫର୍ ଡିଜିଟାଲ କମର୍ସ) ଏକ କ୍ରାନ୍ତିକାରୀ ପ୍ଲାଟଫର୍ମ ଯାହା ବିକ୍ରେତା ଏବଂ କ୍ରେତାଙ୍କୁ ଏକ ବିଶାଳ ବଜାର ସହିତ ସଂଯୋଗ କରି ନୂତନ ସୁଯୋଗର ଏକ ଦ୍ୱାର ଖୋଲିଥାଏ। ଜିଇଏମ (ସରକାରୀ ଇ-ମାର୍କେଟପ୍ଲେସ୍) ସାଧାରଣ ଲୋକଙ୍କୁ ସରକାରଙ୍କ ସମସ୍ତ ବିଭାଗକୁ ସାମଗ୍ରୀ ଏବଂ ସେବା ବିକ୍ରୟ କରିବାକୁ ଅନୁମତି ଦିଏ। ଏହା କେବଳ ସାଧାରଣ ନାଗରିକଙ୍କୁ ଏକ ବିଶାଳ ବଜାର ପ୍ରଦାନ କରେ ନାହିଁ ବରଂ ସରକାରଙ୍କ ପାଇଁ ଟଙ୍କା ମଧ୍ୟ ସଞ୍ଚୟ କରେ।

**କଳ୍ପନା କରନ୍ତୁ:** ଆପଣ ଅନଲାଇନରେ ମୁଦ୍ରା ଋଣ ପାଇଁ ଆବେଦନ କରିପାରୁଛନ୍ତି। ଆପଣଙ୍କର କ୍ରେଡିଟ ଯୋଗ୍ୟତା ଆକାଉଣ୍ଟ ଏଗ୍ରିଗେଟର ଫ୍ରେମୱାର୍କ ମାଧ୍ୟମରେ ମୂଲ୍ୟାଙ୍କନ କରାଯାଇପାରୁଛି। ଆପଣ ଋଣ ପାଉଛନ୍ତି, ଆପଣ ନିଜର ବ୍ୟବସାୟ ଆରମ୍ଭ କରନ୍ତି। ଆପଣ ଜିଇଏମରେ ପଞ୍ଜୀକରଣ କରିପାରୁଛନ୍ତି, ସ୍କୁଲ ଏବଂ ହସ୍ପିଟାଲଗୁଡ଼ିକୁ ଯୋଗାଣ କରୁଛନ୍ତି ଏବଂ ତା'ପରେ ଓଏନଡିସି ମାଧ୍ୟମରେ ଏହାକୁ ବୃଦ୍ଧି କରୁଛନ୍ତି।

ଓଏନଡିସି ବର୍ତ୍ତମାନ ୨୦ କୋଟି କାରବାର ସୀମା ଅତିକ୍ରମ କରିଛି, ଯେଉଁଥିରେ ୬ ମାସରେ ୧୦ କୋଟି କାରବାର ହୋଇଛି। ବନାରସୀ ବୁଣାକାରଙ୍କଠାରୁ ନାଗାଲାଣ୍ଡର ବାଉଁଶ କାରିଗର ପର୍ଯ୍ୟନ୍ତ, ସବୁ କ୍ଷେତ୍ରର ବିକ୍ରେତାମାନେ ଏବେ ଦଲାଲଙ୍କ ବିନା ଦେଶବ୍ୟାପୀ ଗ୍ରାହକଙ୍କ ପାଖରେ ପହଞ୍ଚି ପାରୁଛନ୍ତି। ଜିଇଏମ ୫୦ ଦିନରେ ୧ ଲକ୍ଷ କୋଟି ଟଙ୍କା ଜିଏମଭି ଅତିକ୍ରମ କରିଛି, ୧.୮ ଲକ୍ଷରୁ ଅଧିକ ମହିଳା ପରିଚାଳିତ ଏମଏସଏମଇ ସମେତ ୨୨ ଲକ୍ଷ ବିକ୍ରେତା ୪୬, ୦୦୦ କୋଟି ଟଙ୍କାର ସାମଗ୍ରୀ ଯୋଗାଇଛନ୍ତି।

**ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି: ଭାରତର ବିଶ୍ୱ ଅବଦାନ:** ଭାରତର ଡିଜିଟାଲ୍ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ) - ଯେପରିକି ଆଧାର, କୋୱିନ, ଡିଜିଲକର, ଫାସଟ୍ୟାଗ, ପିଏମ-ବାଣୀ, ଏବଂ ଏକ ରାଷ୍ଟ୍ର ଏକ ସବସ୍କ୍ରିପସନ୍ - ବର୍ତ୍ତମାନ ବିଶ୍ୱ ସ୍ତରରେ ଗ୍ରହଣ କରାଯାଉଛି। କୋୱିନ ବିଶ୍ୱର ସର୍ବବୃହତ ଟୀକାକରଣ ଅଭିଯାନକୁ ସକ୍ଷମ କରିଛି, ଯାହା ୨୨୦ କୋଟି କ୍ୟୁଆର-ଯାଞ୍ଚ ପ୍ରମାଣପତ୍ର ପ୍ରଦାନ କରିଛି। ୫୪ କୋଟି ଉପଭୋକ୍ତା ଥିବା ଡିଜିଲକର ୭୭୫ କୋଟିରୁ ଅଧିକ ଡକ୍ୟୁମେଣ୍ଟକୁ ସୁରକ୍ଷିତ ଏବଂ ସୁଗମ ଭାବରେ ପରିଚାଳିତ କରୁଛି। ଭାରତ ଏହାର ଜି-୨୦ ଅଧ୍ୟକ୍ଷତା ସମୟରେ ଗ୍ଲୋବାଲ୍ ଡିପିଆଇ ରିପୋଜିଟୋରୀ ଏବଂ ୨୫ ନିୟୁତ ଡଲାରର ସାମାଜିକ ପ୍ରଭାବ ପାଣ୍ଠି ଆରମ୍ଭ କରିଛି, ଯାହାଦ୍ୱାରା ଆଫ୍ରିକା ଏବଂ ଦକ୍ଷିଣ ଏସିଆର ଦେଶଗୁଡ଼ିକୁ ସମନ୍ୱିତ ଡିଜିଟାଲ୍ ଇକୋସିଷ୍ଟମ ଗ୍ରହଣ କରି ପାରିବେ।

**ଷ୍ଟାର୍ଟଅପର ଶକ୍ତି ଏବଂ ଆତ୍ମନିର୍ଭର ଭାରତ :** ଭାରତ ଏବେ ବିଶ୍ୱର ଶ୍ରେଷ୍ଠ ୩ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ ଏବଂ ଭାରତରେ ୧.୮ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍ ରହିଛନ୍ତି। କିନ୍ତୁ ଏହା କେବଳ ଏକ ଷ୍ଟାର୍ଟଅପ୍ ଆନ୍ଦୋଳନ ନୁହେଁ, ଏହା ଏକ ପ୍ରଯୁକ୍ତିବିଦ୍ୟା ପୁନର୍ଜାଗରଣ। ଭାରତ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ଦକ୍ଷତା ଏବଂ ଏଆଇ ପ୍ରତିଭାରେ ବହୁତ ଆଗକୁ ବଢ଼ୁଛି।

୧.୨ ବିଲିୟନ ଡଲାର ଭାରତ ଏଆଇ ମିଶନ ଅଧୀନରେ, ଭାରତ ବିଶ୍ୱସ୍ତରରେ ସବୁଠାରୁ ସର୍ବନିମ୍ନ ମୂଲ୍ୟରେ ୩୪, ହଜାର ଜିପିୟୁ ଉପଲବ୍ଧ କରାଇଛି। ପ୍ରତ୍ୟେକ ଜିପିୟୁ ଘଣ୍ଟା ପ୍ରତି ୧ ଡଲାରରୁ କମରେ ଉପଲବ୍ଧ। ଏହା ଭାରତକୁ କେବଳ ସବୁଠାରୁ ଶସ୍ତା ଇଣ୍ଟରନେଟ୍ ଅର୍ଥବ୍ୟବସ୍ଥା ନୁହେଁ ବରଂ ସବୁଠାରୁ ସୁଲଭ କମ୍ପ୍ୟୁଟିଂ ହବ୍ କରିଛି। ଭାରତ ମାନବିକତା ଆଧାରିତ ଏଆଇକୁ ସମର୍ଥନ କରିଛି। ଏଆଇ ଉପରେ ନୂଆଦିଲ୍ଲୀ ଘୋଷଣାନାମା ଦାୟିତ୍ୱ ସହିତ ନବସୃଜନକୁ ପ୍ରୋତ୍ସାହିତ କରେ। ସାରା ଦେଶରେ ଏଆଇ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଉଛି।

**ଆଗକୁ ଯିବାର ମାର୍ଗ :** ଆଗାମୀ ଦଶନ୍ଧି ଆହୁରି ପରିବର୍ତ୍ତନକାରୀ ହେବ। ଆମେ ଡିଜିଟାଲ୍ ପ୍ରଶାସନ ଠାରୁ ଡିଜିଟାଲ୍ ନେତୃତ୍ୱ ଦିଗରେ ଆଗକୁ ବଢ଼ୁଛୁ। ଇଣ୍ଡିଆ ଫାଷ୍ଟରୁ ଇଣ୍ଡିଆ ଫର ଦି ୱାର୍ଲ୍ଡ ପର୍ଯ୍ୟନ୍ତ ଆମର ଯାତ୍ରା ଜାରି ରହିଛି। ଡିଜିଟାଲ ଇଣ୍ଡିଆ ଆଉ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି। ଏହା ଏକ ଆତ୍ମନିର୍ଭର ଭାରତ ଗଠନ କରିବାରେ ସହାୟକ ହୋଇଛି।

**ସମସ୍ତ ଉଦ୍ଭାବକ, ଉଦ୍ୟୋଗୀଙ୍କ ପାଇଁ:** ପରବର୍ତ୍ତୀ ଡିଜିଟାଲ ବିପ୍ଳବ ନିମନ୍ତେ ସମଗ୍ର ବିଶ୍ୱ ଭାରତକୁ ଚାହିଁ ରହିଛି। ଆସନ୍ତୁ ଯାହା ସଭିଙ୍କୁ ସଶକ୍ତ କରିବ ତାହା ନିର୍ମାଣ କରିବା। ଆସନ୍ତୁ ଏପରି ସମାଧାନ ବାହାର କରିବା ଯାହା ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ ଆମେ ଏପରି ପ୍ରଯୁକ୍ତିବିଦ୍ୟା ସହିତ ନେତୃତ୍ୱ ନେବା ଯାହା ସମସ୍ତଙ୍କୁ ଏକତ୍ରିତ କରିବ, ଅନ୍ତର୍ଭୂକ୍ତୀକରଣକୁ ବଢ଼ାଇବ ଏବଂ ସାମଗ୍ରୀକ ବିକାଶ ଆଣିପାରିବ।

# ବିଳାସରେ ମିତବ୍ୟୟିତା

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଗ୍ରୀଷ୍ମ ଋତୁରେ ଘୋର ବିଦ୍ୟୁତ୍ ଅଭାବର ସମ୍ମୁଖୀନ ହେଉଥିବା ସରକାର ବିଦ୍ୟୁତ୍ ସଞ୍ଚୟ ଏବଂ ବିଦ୍ୟୁତ୍ ବିଲ୍ ହ୍ରାସ କରିବା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସରକାର ଏବେ ଏୟାର କଣ୍ଡିସନର(ଏସି) ର ତାପମାତ୍ରା ସ୍ଥିର କରିବା ସମ୍ପର୍କରେ ଏକ ନୂତନ ନିୟମ ଲାଗୁ କରିବାକୁ ଯୋଜନା କରୁଛନ୍ତି। ଏହି ଯୋଜନା ଲାଗୁ ହେଲେ ଏସିର ତାପମାତ୍ରା ୨୦ ଡିଗ୍ରୀରୁ କମ୍ ଏବଂ ୨୮ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରଖିହେବ ନାହିଁ। ଏହି ନିୟମ ସମସ୍ତ ଘର, କାର୍ଯ୍ୟାଳୟ, ଦୋକାନ, ମଲ୍, ହୋଟେଲ, ରେଷ୍ଟୁରାଣ୍ଟ ଓ ଯାନବାହନ ପାଇଁ ପ୍ରଯୁଜ୍ୟ।

ପ୍ରାୟତଃ ଦେଖାଯାଇଛି ଯେ ଗ୍ରୀଷ୍ମ ଋତୁରେ ଏସି ବ୍ୟବହାର ଏବଂ ଏହାର ତାପମାତ୍ରା ୧୬ ଡିଗ୍ରୀ ପର୍ଯ୍ୟନ୍ତ ରଖିବା ଯୋଗୁଁ ବିଦ୍ୟୁତ୍ ବ୍ୟବହାର ନିରନ୍ତର ବୃଦ୍ଧି ପାଉଛି। ବର୍ତ୍ତମାନ ବଜାରରେ ଉପଲବ୍ଧ ଅଧିକାଂଶ ଏସି ୧୬ଡିଗ୍ରୀରୁ ୩୦ ଡିଗ୍ରୀ ପର୍ଯ୍ୟନ୍ତ ସ୍ଥିର କରାଯାଇପାରିବ, କିନ୍ତୁ ନୂତନ ନିୟମ ଲାଗୁ ହେବା ପରେ ଏହି ସୀମା ୨୦ ରୁ ୨୮ ଡିଗ୍ରୀ ସେଲସିୟସ୍ ମଧ୍ୟରେ ସ୍ଥିର ରହିବ। ପ୍ରଥମ ଥର ପାଇଁ ନିଆଯାଇଥିବା ଏହି ପଦକ୍ଷେପ କେବଳ ବିଦ୍ୟୁତ୍ ବିଲ୍ ସଞ୍ଚୟ କରିବ ନାହିଁ ବରଂ ଦୀର୍ଘକାଳୀନ ଭିତ୍ତିରେ ଦେଶ ଏବଂ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ। ପ୍ରକୃତରେ ବିଦ୍ୟୁତ୍ ବିଲ୍ ହ୍ରାସ ଏବଂ ପରିବେଶର ସୁରକ୍ଷା ପାଇଁ 'ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି' ୨୦୨୦ ରେ ସମସ୍ତ ଷ୍ଟାର ଲେଭଲ୍ ଏସି ପାଇଁ ସର୍ବନିମ୍ନ ତାପମାତ୍ରା ୨୪ଡିଗ୍ରୀରେ ରଖିବାକୁ ସ୍ଥିର କରିଥିଲା। କିନ୍ତୁ ସରକାର ସମସ୍ତ କ୍ଷେତ୍ରରେ ଏସି ତାପମାତ୍ରା ନିର୍ଦ୍ଧାରଣ ନିୟମକୁ ଅଧିକ କଠୋର ଭାବରେ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି। ଏହି ପଦକ୍ଷେପ ଏବେ ପରୀକ୍ଷଣ ଭାବରେ ଆରମ୍ଭ କରାଯାଉଛି ଏବଂ ନିଶ୍ଚିତ ଭାବେ ଭବିଷ୍ୟତରେ ବାଧ୍ୟତାମୂଳକ କରାଯିବ। ସରକାର ଖୁବ୍ ଶୀଘ୍ର ସମସ୍ତ ଏସି ନିର୍ମାତା ଏବଂ ବାଣିଜ୍ୟିକ କୋଠାଗୁଡ଼ିକୁ ସ୍ୱତନ୍ତ୍ର ପରାମର୍ଶ ଜାରି କରିବାର ସମ୍ଭାବନା ଅଛି।

ଆର୍ଥିକ ଦୃଷ୍ଟିରୁ ମଧ୍ୟ ଏହା ବହୁତ ଲାଭଦାୟକ ହୋଇପାରେ। ଯଦି ଦେଶର ଅଧିକାଂଶ ଗ୍ରାହକ ଏହାକୁ ନିୟମିତ ବ୍ୟବହାର କରନ୍ତି ତେବେ ଏହା କୋଟି କୋଟି ୟୁନିଟ୍ ବିଦ୍ୟୁତ୍ ସଞ୍ଚୟ କରିପାରିବ। ସାଧାରଣରେ ବିଶ୍ୱାସ କରାଯାଏ ଯେ ଏସିର ତାପମାତ୍ରା ୧୮ ଡିଗ୍ରୀ ରଖିବା ଦ୍ୱାରା କୋଠରି ଶୀଘ୍ର ଥଣ୍ଡା ହେବ। ଏହି କ୍ଷେତ୍ର ସହିତ ଜଡ଼ିତ ବିଶେଷଜ୍ଞମାନେ କୁହନ୍ତି ଯେ ଏହି ବିଶ୍ୱାସ ଭୁଲ। ଯଦି ବାହାରେ ତାପମାତ୍ରା ୪୦ ଡିଗ୍ରୀ ଥାଏ ତେବେ କୋଠରିକୁ ୨୬ ଡିଗ୍ରୀରେ ପହଞ୍ଚିବାକୁ ସମାନ ସମୟ ଲାଗିବ, ଏସିର ତାପମାତ୍ରା ୧୮ ଡିଗ୍ରୀ ହେଉ ବା ୨୬ ଡିଗ୍ରୀ। ନିଶ୍ଚିତ ଭାବରେ ୧୮ ଡିଗ୍ରୀରେ କୋଠରି ପରେ ଅଧିକ ଥଣ୍ଡା ରହିବ। କିନ୍ତୁ ଆପଣଙ୍କୁ କମ୍ ତାପମାତ୍ରା ପାଇଁ ଅଧିକ ମୂଲ୍ୟ ଦେବାକୁ ପଡ଼ିବ। ଏସିର ତାପମାତ୍ରା ଯେତେ କମ୍ ହୁଏ କମ୍ପ୍ରେସର ଅଧିକ ସମୟ ପାଇଁ କାମ କରେ। ଏହାର



ଅର୍ଥ ଅଧିକ ବିଦ୍ୟୁତ୍ ବ୍ୟବହାର ହୁଏ। ଅନ୍ୟପକ୍ଷରେ ଯଦି ଆପଣ ଏସିର ତାପମାତ୍ରା ୨୪ ଡିଗ୍ରୀ କରନ୍ତି ତେବେ କମ୍ପ୍ରେସରକୁ କମ୍ ସମୟ ପାଇଁ କାମ କରିବାକୁ ପଡ଼େ, ଯାହା ବିଦ୍ୟୁତ୍ ବ୍ୟବହାର ହ୍ରାସ କରେ। ଇଚ୍ଛିତ ତାପମାତ୍ରା ପହଞ୍ଚିବା ମାତ୍ରେ କମ୍ପ୍ରେସର କାମ କରିବା ବନ୍ଦ କରିଦେଇ କେବଳ ଏସି ଫ୍ୟାନ୍ କାମ କରେ। କମ୍ପ୍ରେସର କେବଳ ସେତେବେଳେ କାମ କରେ ଯେତେବେଳେ ଥର୍ମୋସେଟ୍ ତାପମାତ୍ରା ବୃଦ୍ଧିର ସଙ୍କେତ ପାଏ।

ବିଶେଷଜ୍ଞଙ୍କ କହିବା ଅନୁସାରେ ୨୪ ଡିଗ୍ରୀ ତାପମାତ୍ରା ମଧ୍ୟ ଆରାମଦାୟକ। ଯଦି ବାହାରେ ଆର୍ଦ୍ରତା ଅଧିକ ଥାଏ ଏହା ୧୮ କିମ୍ବା ୨୨ ଡିଗ୍ରୀ ତାପମାତ୍ରା ତୁଳନାରେ କମ୍ ଶକ୍ତି ବ୍ୟବହାର କରେ। ଏକ ଅଧ୍ୟୟନ ଅନୁଯାୟୀ ଏସିର ତାପମାତ୍ରାରେ ପ୍ରତ୍ୟେକ ଡିଗ୍ରୀ ବୃଦ୍ଧି ୩ରୁ ୫ ପ୍ରତିଶତ ବିଦ୍ୟୁତ୍ ସଞ୍ଚୟ କରିପାରିବ। ଯଦି ଏସିର ତାପମାତ୍ରା ୧୮ ଡିଗ୍ରୀରୁ ୨୭ ଡିଗ୍ରୀକୁ ବୃଦ୍ଧି କରାଯାଏ ତେବେ ବାର୍ଷିକ ୬୫୦୦ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରାଯାଇପାରିବ। ଏହାସହିତ ଏହି ସମୟ ମଧ୍ୟରେ ପ୍ରଚୁର ପରିମାଣର ଶକ୍ତି ମଧ୍ୟ ସଞ୍ଚୟ କରାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ ଏସିରେ କେବଳ ନିର୍ଦ୍ଧାରିତ ତାପମାତ୍ରା ମାଧ୍ୟମରେ ବିଦ୍ୟୁତ୍ ସଞ୍ଚୟ ହୁଏ ନାହିଁ, ବରଂ ଷ୍ଟାରରେଟିଂ, ବାହାର ତାପମାତ୍ରା, ଏସି ବ୍ୟବହାରର ଅବଧି, କୋଠରିର ଆକାର, କୋଠରିରେ ଥିବା ଲୋକଙ୍କ ସଂଖ୍ୟା ଇତ୍ୟାଦି କାରଣ ଉପରେ ନିର୍ଭର କରେ। ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଏସିର ତାପମାତ୍ରା ୨୦ ଡିଗ୍ରୀରୁ ୨୮ ଡିଗ୍ରୀ ମଧ୍ୟରେ ରଖିବା ଲାଭଦାୟକ।

ପରିସଂଖ୍ୟାନ ଅନୁଯାୟୀ, ଭାରତରେ ଏସିର ସଂଖ୍ୟା ପ୍ରାୟ ୧୦ କୋଟି ଏବଂ ପ୍ରତିବର୍ଷ ପ୍ରାୟ ୧.୫କୋଟି ଏସି ଲଗାଯାଉଛି। ଯଦି ଏସିର ତାପମାତ୍ରା ଗୋଟିଏ ଡିଗ୍ରୀ ବୃଦ୍ଧି କରାଯାଏ ତେବେ ଏହା ଶକ୍ତି ବ୍ୟବହାରକୁ ୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ ଏବଂ ଆମେ ପ୍ରତିବର୍ଷ ଲକ୍ଷ ଲକ୍ଷ ଗିଗାୱାଟ ବିଦ୍ୟୁତ୍ ସଞ୍ଚୟ କରିପାରିବା। ସାମଗ୍ରିକ ଭାବରେ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ୍ ବ୍ୟବହାରକୁ ହ୍ରାସ କରିବା ବିଶେଷକରି ଗ୍ରୀଷ୍ମଦିନରେ। ବିଶେଷଜ୍ଞମାନେ କହିଛନ୍ତି ଯେ ଏସି କୁ ୨୦ ରୁ ୨୮ ଡିଗ୍ରୀ ମଧ୍ୟରେ ରଖିଲେ ଗରମ ସମ୍ବନ୍ଧୀୟ ରୋଗ ହ୍ରାସ, ଭଲ ନିଦ ଏବଂ ଆରାମଦାୟକ ଜୀବନ ମିଳିପାରିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏସିର ଉଚିତ୍ ବ୍ୟବହାର ଶ୍ୱାସ ଓ ସଂକ୍ରମଣ ରୋଗୀ ସଂଖ୍ୟା ହ୍ରାସ କରେ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ବାହୁଡ଼ା ରଥ ଓ ଭକ୍ତ ସାଲବେଗ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ମହାପ୍ରଭୁଙ୍କ ପରମଭକ୍ତ ସାଲବେଗ ଠାକୁରଙ୍କୁ ଆଶ୍ରୟ କରି ଶ୍ରୀକ୍ଷେତ୍ରବାସୀ ହୋଇ ରହିଗଲେ। ସେ ଜାତିରେ ଯବନ ହୋଇଥିବାରୁ ମନ୍ଦିର ଭିତରକୁ ଯାଇ ଦର୍ଶନ କରିବା ସମ୍ଭବ ହେଉ ନ ଥିଲେ ମଧ୍ୟ ଦିବ୍ୟଚକ୍ଷୁରେ ପ୍ରଭୁଙ୍କୁ ଦର୍ଶନ କରି ସ୍ୱରଚିତ ଭଜନମାନ ଗାଇ ଗାଇ ସନ୍ଥ ଓ ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଉଥିଲେ। ଏପରିକି ଗଜପତି ନରସିଂହ ଦେବ ମଧ୍ୟ ସାଲବେଗଙ୍କର ଜଣେ ମୁଗ୍ଧ ପ୍ରଶଂସକ ହୋଇଗଲେ ଏବଂ ବାରମ୍ବାର ତାଙ୍କୁ ନିମନ୍ତ୍ରଣ କରି ସୁଲଳିତ କଣ୍ଠରୁ ଭଜନ ଶୁଣୁଥିଲେ। ଦିନକୁ ଦିନ ସାଲବେଗଙ୍କ ଲୋକପ୍ରିୟତା ବଢ଼ୁଥିବା ଦେଖି କିଛି ସେବକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ। ଥରେ ରାଜା ଏକ ଅଦ୍ଭୁତ ସ୍ୱପ୍ନ ଦେଖିଲେ ଯେ ସାଲବେଗ ରତ୍ନବେଦୀ ଉପରକୁ ଚଢ଼ି ତିନି ଠାକୁରଙ୍କୁ ଚାମର କରୁଛନ୍ତି। ଏ କଥା ସେ ତା'ପରଦିନ ସମସ୍ତଙ୍କୁ କହିଲେ। ନିନ୍ଦୁକମାନଙ୍କୁ ଏକ ସୁଯୋଗ ମିଳିଗଲା। ସେମାନେ ପ୍ରଚାର କଲେ ଯେ ସାଲବେଗଙ୍କୁ ମନ୍ଦିର ବାରଣ ଥିବାରୁ ସେ ଲୁଚିଛପି ଭିତରକୁ ଯାଉଛି ଏବଂ ମନ୍ଦିରକୁ ଅପବିତ୍ର କରୁଛି। ସାଲବେଗ ବ୍ୟଥିତ ହୋଇ କିଛିଦିନ ପାଇଁ ବୃନ୍ଦାବନ ଚାଲିଗଲେ।

ଗୁଣ୍ଡିଚା ଯାତ୍ରାର ସମୟ ଆସି ପହଞ୍ଚିବାରୁ ପୁଣି ପୁରୀ ଉଦ୍ଦେଶ୍ୟରେ ଯାତ୍ରା କଲେ। ଅନେକ ବାଟ ଯିବାପରେ ସେ ତାଙ୍କ ଦିବ୍ୟଚକ୍ଷୁରେ ରଥାରୂଢ଼ ଠାକୁରମାନଙ୍କୁ ଦର୍ଶନ କରୁଥିଲେ ମଧ୍ୟ ଜାଣିଲେ ଯେ ନୀଳାଦ୍ରି ବିଜେ ଆଗରୁ ପୁରୀରେ ପହଞ୍ଚି ପାରିବେ ନାହିଁ। ତେଣୁ ସେ ବିକଳ ହୋଇ ମହାପ୍ରଭୁଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ- 'ଜଗବନ୍ଧୁ ହେ ଗୋସାଇଁ ତୁମ ଶ୍ରୀଚରଣ ବିନୁ ଅନ୍ୟଗତି ନାହିଁ.../... ସାତଶ ପଚାଶ କୋଶ ଚାଲି ନ ପାରଇ ମୋହ ଯିବା ଯାଏ ନନ୍ଦିଘୋଷେ ଥିବ ରହି।'

ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଚାଲିଥିଲା। ବଡ଼ଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ଆଗେ ଆଗେ ରଥାରୋହଣ କରି ଚାଲିଗଲେ। ମହାପ୍ରଭୁଙ୍କ ନନ୍ଦିଘୋଷ ବଳଗଣ୍ଡିଠାରେ ପହଞ୍ଚିଥିବା ବେଳେ ହଠାତ୍ ଅଟକି ଗଲା। ଯେତେ ଚେଷ୍ଟା କଲେ ମଧ୍ୟ ରଥ ହଲିଲା ନାହିଁ। ଗଜପତି ମହାପ୍ରଭୁଙ୍କୁ ଧ୍ୟାନ କରି ଗୁହାରିଆ ପଡ଼ିଲେ। ମହାପ୍ରଭୁ ରାଜାଙ୍କୁ ଶୂନ୍ୟବାଣୀରେ ଆଜ୍ଞା ଦେଲେ, 'ରାଉତ, ମୋର ପରମଭକ୍ତ ବର୍ଷରେ ଦୁଇଥର ମୋତେ ରଥରେ ଦର୍ଶନ କରେ। ସେ ବୃନ୍ଦାବନରୁ ଫେରିବା ପର୍ଯ୍ୟନ୍ତ ମୋତେ ରଥରେ ଅପେକ୍ଷା କରିବାକୁ ହେବ। ସେ ପର୍ଯ୍ୟନ୍ତ ରଥ ଟାଣିବା ପାଇଁ ସମସ୍ତ ଉଦ୍ୟମ ବନ୍ଦ ରହୁ।'

ସାଲବେଗ ଚାଲିଚାଲି ଆସି ଅଠର ନଳାରେ ପହଞ୍ଚିଲେ। ମହାପ୍ରଭୁ ବଳଗଣ୍ଡିରେ ଅପେକ୍ଷା କରିଥିବା ଶୁଣି ଦୌଡ଼ିଲେ ବଡ଼ଦାଣ୍ଡକୁ। ଅଶ୍ରୁସିକ୍ତ ନୟନରେ ନିବେଦନ କଲେ, 'ମହାପ୍ରଭୁ! ଭକ୍ତବତ୍ସଳ! ମୋ ପରି ଜଣେ ଅଛୁଆଁ ଯବନ ଅକିଞ୍ଚନ ପତିତକୁ ଦର୍ଶନ ଦେବା ପାଇଁ ଭାଇଭଉଣୀଙ୍କୁ ଛାଡ଼ି ବଡ଼ଦାଣ୍ଡରେ ଅଟକି ରହିଲ! ତୁମେ ଧନ୍ୟ, ! ଏବେ ଚାଲ ମହାବାହୁ। ଆମେ ସବୁ ତୁମ ସାଙ୍ଗରେ ଯିବୁ। - ଆହେ ରଥବର ଚଢ଼ା, ମୋ କରମ ଏତେ ପୋଡ଼ା / ମୋ ପାଇଁ ସହିଲ ପ୍ରଭୁ ଏତେ କଷଣ, ଜାତିରେ ମୁହିଁ ଯବନ / କ୍ଷମ ଦୋଷ ନବଘନ, ବଳଗଣ୍ଡି ପଥେ ପ୍ରଭୁ କର ଗମନ / ସାଲବେଗ ହୀନ ସ୍ୱଭାବ, ଦୀନ ହୀନ ଯବନରେ ଏତେ ସରାଗ!' ଏହାପରେ ଥରଥର ହାତରେ ରଥ ଦଉଡ଼ିକୁ ଉଠାଇଲେ। ଭକ୍ତମାନେ ଦଉଡ଼ି ଧରି ଟାଣିବାକୁ ଆରମ୍ଭ କଲେ। ନନ୍ଦିଘୋଷ ହଠାତ୍ ଚଳଚଞ୍ଚଳ ହୋଇ ଉଠିଲା ଏବଂ ଘୋର ଘର୍ଘର ନାଦ କରି ସିଂହଦ୍ୱାର ଆଡ଼କୁ ଚାଲିଲା। ହରିବୋଲ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପମାନ ହେଲା।

ଗଜପତି ମହାରାଜ ଘୋଷଣା କଲେ, ପ୍ରତିବର୍ଷ ବାହୁଡ଼ା ରଥ ବଳଗଣ୍ଡିଠାରେ ଅଟକିବ। ସେଠାରେ ମଠ ସ୍ଥାପନା କରି ନିଜର ସାଧନା ଜାରି ରଖିବାକୁ ମୁଁ ଭକ୍ତ ଶିରୋମଣି ସାଲବେଗଙ୍କୁ ଅନୁରୋଧ କରୁଛି। ରାଜାଙ୍କ ଅନୁରୋଧ ରକ୍ଷାକରି ସାଲବେଗ ସେଠାରେ ସାରା ଜୀବନ ମହାପ୍ରଭୁଙ୍କ ଭଜନ ସେବାରେ ଅତିବାହିତ କଲେ। ମହାପ୍ରୟାଣ ପରେ ତାଙ୍କୁ ସେଠାରେ ସମାଧି ଦିଆଗଲା। ସେହିକାଳରୁ ଆଜି ପର୍ଯ୍ୟନ୍ତ ମହାପ୍ରଭୁଙ୍କ ବାହୁଡ଼ା ରଥ ବଳଗଣ୍ଡିରେ ଅଟକି ସମାଧିସ୍ଥ ସାଲବେଗଙ୍କୁ ପ୍ରଭୁଙ୍କ ଦର୍ଶନର ସୁଯୋଗ ପ୍ରଦାନ କରୁଛି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

## ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA
ବୁଧବାର
୨ ଜୁଲାଇ, ୨୦୨୫



**ସେବାୟତ-ଆଇନ ମନ୍ତ୍ରୀଙ୍କ ବୈଠକ**

# ଅନଧିକୃତ ଶବ୍ଦ ପାଇଁ କ୍ଷମା ମାଗିଲେ ଆଇନମନ୍ତ୍ରୀ

ପୁରୀ, ୧୭ (ସମିସ): ଚଳିତବର୍ଷ ରଥଯାତ୍ରା ନାନା ବିଭ୍ରାଟ ମଧ୍ୟରେ ଚାଲିଛି। ରଥକାଠ ଅଭାବଠାରୁ ଆରମ୍ଭ କରି ଏବେ ଶରଧାବାଲିରେ ଦଳାଚକଟା ଘଟି ୩ ଭକ୍ତଙ୍କ ମୃତ୍ୟୁ ପର୍ଯ୍ୟନ୍ତ ମାଳମାଳ ସମସ୍ୟା ଓ ବିଭ୍ରାଟ ଦେଖିବାକୁ ମିଳିଛି। ଆଗକୁ ପୁଣି ମହାପ୍ରଭୁଙ୍କ ବାହୁଡ଼ା, ସୁନାବେଶ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀ ରହିଛି। ଏ ସବୁକୁ କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯିବ, ସେନେଇ ମଙ୍ଗଳବାର ସର୍କିଟ୍ ହାଉସରେ ସେବାୟତମାନଙ୍କ ସହ ବୈଠକ କରିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ରଥଯାତ୍ରା ଦିନ ଡାକବାଜି ଯନ୍ତ୍ର ଦ୍ୱାରା ସେମାନଙ୍କୁ ଅନଧିକୃତ କହିବା ନେଇ ସେବାୟତଙ୍କ ମଧ୍ୟରେ ଯେଉଁ ଅସନ୍ତୋଷ ଥିଲା, ସେନେଇ ଆଇନମନ୍ତ୍ରୀ କ୍ଷମା ମାଗି ସେଥିରେ ଯବନିକା ପକାଇଛନ୍ତି।

ରଥଯାତ୍ରାରେ ଗୋଟିଏ ପରେ ଗୋଟିଏ ବିଭ୍ରାଟ ଘଟିବାରେ ଲାଗିଛି। ଏବେ ଠାକୁର ଆଡ଼ପ ମଣ୍ଡପରେ ଦର୍ଶନ ଦେଉଛନ୍ତି। ଆଗକୁ ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରିବିଜେ ନୀତିକାନ୍ତି ଯେଭଳି ଶୃଙ୍ଖଳିତ ହେବ, ସେନେଇ ସେବାୟତଙ୍କ ସହ ଆଲୋଚନା କରିଥିଲେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେବାୟତ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଭିତରେ ଉପଯୁକ୍ତ ସମନ୍ୱୟ ରକ୍ଷାକରି କିଭଳି ସମସ୍ତ ନୀତିକାନ୍ତି ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ବିଶେଷକରି ରଥଯାତ୍ରା ଦିନ ରଥ ଉପରୁ କିଛି ସେବାୟତଙ୍କୁ କାଢ଼ି ଦିଆଯିବା ଓ

## ସେବାୟତଙ୍କ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଆଲୋଚନା କଲେ

ବାରମ୍ବାର ଅନଧିକୃତ ଶବ୍ଦ ପ୍ରୟୋଗ କରାଯିବା ଘଟଣାକୁ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷମା ପ୍ରାର୍ଥନା କରିବା ସହ ଭବିଷ୍ୟତରେ କିଭଳି ଏହାର ପୁନରାବୃତ୍ତି ନ ହେବ, ତା' ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପ୍ରତି ୩ମାସରେ ସେ ଛତିଶା ନିଯୋଗ ସେବାୟତଙ୍କ ସହ ଆଲୋଚନା କରି ଶ୍ରୀମନ୍ଦିର ପାଇଁ ବିଭିନ୍ନ ସଂସ୍କାର ଏବଂ ଉନ୍ନତିମୂଳକ କାମ କରିବେ ବୋଲି କହିଛନ୍ତି।

ସେହିପରି ବୈଠକରେ ସେବାୟତ ପିଲାଙ୍କ ପାଇଁ ଆଦର୍ଶ ଗୁରୁକୁଳ, ସେବାୟତ ଆବାସ ଯୋଜନା ଓ ସେବାୟତଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଆଇନ ମନ୍ତ୍ରୀଙ୍କ ସହ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଉପସ୍ଥିତ ଥିଲେ। ଏହି ବୈଠକରେ ଶ୍ରୀମନ୍ଦିରର ବରିଷ୍ଠ ଏବଂ ସେବା ସମ୍ପୃକ୍ତ ସେବାୟତ ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାଳ ଶେଷ ହେବା ପରେ ନୂତନ ମନୋନୀତ ସେବକ ପ୍ରତିନିଧି ଏଯାବତ ଚୟନ ହୋଇନାହାନ୍ତି, ଯାହାକୁ ନେଇ ଅସନ୍ତୋଷ ରହିଛି। ଏ ପ୍ରଶ୍ନରେ ଆଇନ ମନ୍ତ୍ରୀ କହିଛନ୍ତି, ରଥଯାତ୍ରା ପରେ ନୂତନ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ କରାଯିବ।

**ଅତିରିକ୍ତ କମିଶନରଙ୍କୁ ମରଣାନ୍ତକ ଆକ୍ରମଣ**

# ଧର୍ମକୁ ଆଖିଠାର: ବିଜେପିରୁ ୫ ଜଣ ନିଲମ୍ବିତ

ଭୁବନେଶ୍ୱର,୧୭(ସମିସ): ବିଏମସି ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନିଜେ ପ୍ରତିଶ୍ରୁତି ଦେଇଥିଲେ। ଆକ୍ରମଣ ପଛରେ ମୁଖ୍ୟ ନାୟକ କୁହାଯାଉଥିବା ଜଗନ୍ନାଥ ପ୍ରଧାନଙ୍କ ସହ ସମସ୍ତ ଆକ୍ରମଣକାରୀଙ୍କ ବିରୋଧରେ ଉଭୟ ଦଳ ଏବଂ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଓଏଏସ୍ ସଂଘ ଓ ରାଜ୍ୟବାସୀ ଆଶା ରଖିଥିଲେ। ମାତ୍ର ଏପରି ସ୍ପର୍ଶକାତର ଘଟଣାରେ ଦଳ ଯେପରି ଆଭିମୁଖ୍ୟ ରଖିଛି, ତାହା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ରାଜ୍ୟ ସଭାପତି ଆକ୍ରମଣରେ ସଂପୃକ୍ତ ଥିବା ୫ ଜଣଙ୍କୁ ନିଲମ୍ବିତ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି। ରାଜ୍ୟରେ କେବେ ଘଟି ନଥିବା ଏପରି ବର୍ବରୋଚିତ ଆକ୍ରମଣ ଘଟଣାରେ ନିଲମ୍ବନ ଯଥେଷ୍ଟ କି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ବହିଷ୍କାର କରିଥିଲେ ଦଳର ଭାବମୂର୍ତ୍ତି ହୋଇଥାନ୍ତା ବଳିଷ୍ଠ**

ବରିଷ୍ଠ ଓଏଏସ ଶ୍ରୀ ସାହୁଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ କଡ଼ା ନିନ୍ଦା କରିବା ସହ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏପଟେ ସୋମବାର ବିଳମ୍ବିତ ରାତିରେ ମୁଖ୍ୟମନ୍ତ୍ରୀ ଏବଂ ଓଏଏସ ସଂଘ ଆଲୋଚନା ବେଳେ ଅପରାଧୀ ଯେତେ ଶକ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ। ଯାହାଫଳରେ ରତ୍ନାକରଙ୍କୁ ଉଚିତ୍ ନ୍ୟାୟ ମିଳିବ ବୋଲି ଆଶା କରାଯାଉଥିଲା। ମାତ୍ର ମଙ୍ଗଳବାର ରାଜ୍ୟ ବିଜେପି ସଭାପତି ଆକ୍ରମଣକାରୀଙ୍କୁ ନିଲମ୍ବନ କରିବା ପରେ ରାଜ୍ୟ ବିଜେପିର ଉଚ୍ଚାରଣ ଏବଂ ଆଚରଣକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏତେବଡ଼ ଜଘନ୍ୟ କାଣ୍ଡରେ ନିଲମ୍ବନ ଯଥେଷ୍ଟ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଦଳ ଏପରି ସମ୍ବେଦନଶୀଳ ଘଟଣାକୁ ସତରେ ଗୁରୁତର ସହ ନେଇଥାନ୍ତା, ତାହେଲେ ସମସ୍ତ ଅଭିଯୁକ୍ତଙ୍କୁ ଅତିକମରେ ବହିଷ୍କାର କରିଥାନ୍ତା, ମାତ୍ର ଦଳ ସେପରି କିଛି କଲାନାହିଁ। ସେହିପରି ପରଦା ପଛରେ ଥିବା ଦଳର ନେତା ଜଗନ୍ନାଥ ପ୍ରଧାନଙ୍କ ଦେହରେ ହାତ ମାରିବାକୁ ଦଳର ସଭାପତି ସାହସ ଜୁଟାଇ ପାରିଲେ ନାହିଁ। ଯଦି ୫ ଜଣଙ୍କ ସହ ସଭାପତି ଜଗନ୍ନାଥଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ। ଗତ ସରକାର ସମୟରେ ବିଜେଡିର ଜଣେ ବିଧାୟକ ସରୋଜ ମେହେର ଜଣେ ଜେଇଙ୍କୁ ଉଠବସ କରିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତାଙ୍କୁ ଜେଲ୍ ପଠାଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ ଘଟିଥିବା ଘଟଣାରେ ତତ୍କାଳୀନ ବିଧାୟକଙ୍କୁ ଦଳରୁ ବହିଷ୍କାର କରିଥିଲେ। ମାତ୍ର ଗତକାଲି ଘଟଣାରେ ବିଜେପିର କାର୍ଯ୍ୟାନୁଷ୍ଠାନ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଜେପିର ନନିଲମ୍ବନ ଆଦେଶ ଧର୍ମକୁ ଆଖିଠାର ନୁହେଁ ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ସତ୍ୟପାଠ**

କୁଜଙ୍ଗ, ଜଗତସିଂହପୁର ଜିଲ୍ଲାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ଙ୍କ ଅଦାଲତରେ ଦାଖଲ କରାଯାଇଥିବା ଶପଥପତ୍ର ସଂଖ୍ୟା ୨୪୪୦, ତାରିଖ ୦୧.୦୭.୨୦୨୫ ଅନୁଯାୟୀ, ମୁଁ, ମଧୁସ୍ମିତା ସାହୁ, ସ୍ୱାମୀ- ରବି ନାରାୟଣ ସାହୁ, ଠିକଣା- ପ୍ଲଟ ନଂ.-୪୧, ଜିଜେଏଆଇ କଲୋନୀ, ମଧୁବନ, ଥାନା- ପାରାଦୀପ, ଜିଲ୍ଲା- ଜଗତସିଂହପୁର, ମୋର ନାମ ମଧୁସ୍ମିତା ବିଶ୍ୱାଳରୁ ମଧୁସ୍ମିତା ସାହୁକୁ ପରିବର୍ତ୍ତନ କରିଛି। ଏଣିକି ମୁଁ ସମସ୍ତ ଉଦ୍ଦେଶ୍ୟରେ ମଧୁସ୍ମିତା ସାହୁ ନାମରେ ପରିଚିତ ହେବି।

ସ୍ୱାକ୍ଷର/- ମଧୁସ୍ମିତା ସାହୁ

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଥାଇଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ...

ଏହି ରାୟ ଶୁଣାଇଛନ୍ତି। ଏହି ମାମଲା ।।ରେ ଅନ୍ତିମ ରାୟ ଆସିବା ପର୍ଯ୍ୟନ୍ତ ଶିନାୱାତ୍ରାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ସସପେଣ୍ଡ କରାଗଲା ବୋଲି କୋର୍ଟ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ମେ ମାସରେ ଥାଇଲାଣ୍ଡ ଓ କାମ୍ବୋଡିଆ ମଧ୍ୟରେ ସୀମା ବିବାଦକୁ ନେଇ ସଂଘର୍ଷ ହୋଇଥିଲା ।। ଏଥିରେ କାମ୍ବୋଡିଆରେ ଜ ।।ଣେ ସୈନିକ ମୃତ୍ୟୁବରଣ କରିଥିଲେ। ସୀମାରେ ସଂଘର୍ଷ ଚାଲିଥିବା ବେଳେ ଶିନାୱାତ୍ରା କାମ୍ବୋଡିଆର ପୂର୍ବତନ ପ୍ରଧାମନ୍ତ୍ରୀ ହୁନ୍ ସେନଙ୍କୁ ଫୋନ୍ କରିଥିଲେ। ଏବେ ଏହି ଫୋନ୍ କଲର ରେକର୍ଡ଼ିଂ ଲିକ୍ ହୋଇଛି। ନିଜ ଦେଶରେ ଜ ।।ଣେ ବରିଷ୍ଠ କମାଣ୍ଡରଙ୍କୁ ତାଙ୍କର ବିରୋଧୀ ବୋଲି ସେ କହିଛନ୍ତି। ଏହାକୁ ଥାଇଲାଣ୍ଡରେ ଲୋକେ ସହଜରେ ଗ୍ରହଣ କରିପାରୁ ନଥିବା ବେଳେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

### ମୃତ୍ୟୁସଂଖ୍ୟା ୪୨...

ଯୋଗାଇଦେବା ଲାଗି ସେମାନଙ୍କୁ କୁହାଯାଇଛି। ରାଜଧାନୀ ହାଇଦ୍ରାବାଦରୁ ୫୦ କିଲୋମିଟର ଦୂର ସିଗାଚି ଫାର୍ମା କଂପାନୀରେ ଗତକାଲି ଶକ୍ତିଶାଳୀ ବିସ୍ଫୋରଣ ଯୋଗୁଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତକାଲି ୧୬ ଜଣଙ୍କର ମୃତଦେହ ମିଳିଥିବା ବେଳେ ଅନେକ ଆହତ ଶ୍ରମିକଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ତିନି ମହଲା କୋଠା ଭୁଶୁଡ଼ି ପଡ଼ିଥିଲା। ଏବେ ବି ଭଗ୍ନାବଶେଷ ତଳେ ଅନେକ ମୃତାହତ ଶ୍ରମିକ ପୋତି ହୋଇ ରହିଛନ୍ତି। ଅନେକ ମୃତଦେହ ସଂପୂର୍ଣ୍ଣ ରୂପେ ପୋଡ଼ି ହୋଇଯାଇଥିବାରୁ ଚିହ୍ନଟ କରିବା ମୁସ୍କିଲ ହୋଇପଡ଼ିଛି। କେତେକ ମୃତଦେହ ଖଣ୍ଡ ଖଣ୍ଡ ହୋଇଯାଇଛି। ତେଣୁ ଏଥିରେ କେତେଜଣ ଓଡ଼ିଆ ଶ୍ରମିକ ରହିଛନ୍ତି, ତାହା ଜଣାପଡ଼ି ନାହିଁ। ବର୍ତ୍ତମାନ ସୁଦ୍ଧା ମାତ୍ର ୫ ମୃତଦେହ ଚିହ୍ନଟ ହୋଇଛି।

ଗତକାଲି କାରଖାନର ରିଆକ୍ଟର ୟୁନିଟ୍‌ରେ ବିସ୍ଫୋରଣ ହୋଇଥିଲା। ପାଶମିଲାରାମ ଇଣ୍ଡଷ୍ଟ୍ରିଆଲ୍ ଏରିଆରେ ଥିବା ସିଗାଚି ଇଣ୍ଡଷ୍ଟ୍ରିରେ ସକାଳ ୮.୧୫ରୁ ୯.୩୦ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ପରିଜନଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ସେହିପରି ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଦେବାକୁ କୁହାଯାଇଛି। କାରଖାନାରେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, କେତେକ ଶ୍ରମିକ ୧୦୦ ମିଟର ଦୂରରେ ଯାଇ ଛିଟିକି ପଡ଼ିଥିଲେ।

### ଦିନକରେ ୩ ହତ୍ୟା...

ଘଟିଥିବା ଜଣାପଡିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକେ ବେଗୁନିଆପଡ଼ା ଥାନାରେ ଏତଲା ଦେଇଥିବାବେଳେ ପୁଲିସ ୪ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେହିପରି ଅନ୍ୟ ଏକ ଘଟଣାକ୍ରମେ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ପୁଷ୍ପାଞ୍ଜଳି ଗେଷ୍ଟ ହାଉସ୍‌ରେ ଜଣେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା କରିଛି ପ୍ରେମିକ। ମୃତ ଯୁବତୀ ହେଲେ, ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଫାଣ୍ଡି ଇଲାକା ପାଢ଼ୀ କଲୋନୀ ନିବାସୀ ପ୍ରିୟା ମହାରଣା(୨୪)। ପ୍ରିୟାଙ୍କୁ ହତ୍ୟା କରିବା ପରେ ହତ୍ୟାକାରୀ ପ୍ରେମିକ ଲାଞ୍ଜିପଲ୍ଲୀ ଉମାନଗର ୧ମ ଲାଇନ ନିବାସୀ ଅଭୟ କୁମାର ମହାରଣା(୨୪) ଥାନାରେ ଆତ୍ମ ସମର୍ପଣ କରିଛି। ପାଢ଼ୀ କଲୋନୀର ପ୍ରଭାକର ମହାରଣାଙ୍କ ଝିଅ ପ୍ରିୟା ମହାରଣା ବ୍ରହ୍ମପୁର ଉପକଣ୍ଠରେ ଥିବା ଏକ ଘରୋଇ ହସ୍ପିଟାଲରେ ଲାବ୍ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ପୂର୍ବାହ୍ନରେ ପ୍ରିୟା ଡ୍ୟୁଟିକୁ ଯାଉଛି କହି ଘରୁ ବାହାରିଥିଲେ। ହେଲେ ସେ ଡ୍ୟୁଟିକୁ ଯିବା ପରିବର୍ତ୍ତେ ଅଭିଯୁକ୍ତ ତଥା ତାଙ୍କ ପ୍ରେମିକ ଅଭୟ ମହାରଣା ସହ ମିଶି ନୂଆ ବସ୍‌ଷ୍ଟାଣ୍ଡ ସ୍ଥିତ ପୁଷ୍ପାଞ୍ଜଳି ଲଜ୍‌କୁ ଯାଇଥିଲେ। ଉଭୟେ ଉକ୍ତ ଲଜ୍‌ର ୧୧୨ନଂ ରୁମରେ ରହିଥିଲେ। ତେବେ ଅପରାହ୍ନରେ କୌଣସି କାରଣରୁ ଉକ୍ତ ରୁମ୍ ଭିତରେ ଅଭିଯୁକ୍ତ ଅଭୟ ପ୍ରିୟାଙ୍କୁ ନୃଶଂସ ଭାବେ ଶରୀରର ବିଭିନ୍ନ ସ୍ଥାନକୁ ଛୁରିରେ ଆକ୍ରମଣ କରିଥିଲେ। ଏହାପରେ ଅଭୟ ସେହି ରୁମ୍‌ର କବାଟ ବନ୍ଦ କରି ଲଜ୍ କର୍ମଚାରୀଙ୍କୁ କିଛି ନକହି ବାହାରକୁ ଚାଲିଯାଇଥିଲେ। କିଛି ସମୟ ପରେ ଅଭିଯୁକ୍ତ ଅଭୟ ଗୋଷାଣିନୂଆଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିବା ସହ ନିଜ ଦୋଷ ସ୍ୱୀକାର କରି ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଥିଲେ। ଗୋଷାଣିନୂଆଗାଁ ପୁଲିସ ପକ୍ଷରୁ ତୁରନ୍ତ ବୈଦ୍ୟନାଥପୁର ଥାନାକୁ ଅବଗତ କରାଯାଇଥିଲା। ଖବର ପାଇ ବୈଦ୍ୟନାଥପୁର ଥାନା ପୁଲିସ ଉକ୍ତ ଲଜ୍‌କୁ ଯାଇ ୧୧୨ନମ୍ବର ରୁମ୍ ଖୋଲି ପ୍ରିୟା ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଥିବା ଦେଖିଥିଲେ। ପୁଲିସ ଉଦ୍ଧାର କରି ଏମକେସିଜି ମେଡିକାଲକୁ ନେଇଥିଲା। ସେଠାରେ ଡାକ୍ତର ପ୍ରିୟାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସମ୍ପୃକ୍ତ ଲଜ୍‌ରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ଅଭିଯୁକ୍ତ ଅଭୟ ତାଙ୍କୁ ହତ୍ୟା କରିବାକୁ ପୂର୍ବରୁ ଯୋଜନା କରି ସାଙ୍ଗରେ ଛୁରୀ ନେଇ ଲଜ୍‌କୁ ଆସିଥିଲେ ବୋଲି ପୁଲିସ ସନ୍ଦେହ କରୁଛି।

### ଚାନ୍ଦା ନ ଦେଲେ...

ଯୋଗେ ଖୋଲାଖୋଲି ଧମକ ଦେଉଛନ୍ତି। ଆମେ ଯାହା କହିଥିଲୁ, ତାହା କାହିଁକି ଆସିଲା ନାହିଁ ଓ ତାହା ନ ମିଳିଲେ ଆମେ ଆଜ କାମ ଆରମ୍ଭ କରିବୁ ବୋଲି ସେ ସ୍ପଷ୍ଟ ଭାବରେ କହୁଛନ୍ତି। ତୁମେ ଯଦି ଆମ କଥାରେ ରାଜି ନହୁଅ ତେବେ ମୋ କାମ ମୁଁ ଆରମ୍ଭ କରିବି। ପାର୍ଟି ପାଇଁ ଚାନ୍ଦା ଦେବନି ଯଦି ବିଜେପି ଯୁବମୋର୍ଚ୍ଚା ହାଲ୍ଲାବୋଲ କରିବେ ବୋଲି ସେ କହୁଛନ୍ତି। ସେହିପରି ଟୋଲଗେଟ୍‌ରେ କାମ କରୁଥିବା ପିଲାମାନଙ୍କୁ ବାହାର କରି ବିଜେପି ପିଲାଙ୍କୁ ଭର୍ତ୍ତି କରିବାକୁ ମଧ୍ୟ ସେ ଧମକ ଦେଇଛନ୍ତି। ଅପରପକ୍ଷରୁ ଟୋଲ ଗେଟ୍‌ର ଅଧିକାରୀ ଏହା ସେ କରି ପାରିବେ ନାହିଁ ଓ ଏତେ ପରିମାଣରେ ଦାବି ପୂରଣ କରିବାକୁ ଅକ୍ଷମତା ପ୍ରକାଶ କରିବା ପରେ ତାଙ୍କୁ ମଧ୍ୟ ସମ୍ପୃକ୍ତ ଯୁବ ନେତା ଧମକ ଦେଉଥିବା ଅଡ଼ିଓରେ ଶୁଣାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ପୃକ୍ତ ବିଜେପି ଯୁବ ନେତା ସେ କହୁଥିବା କଥାକୁ ରେକଡ଼ିଂ କରି କମ୍ପାନୀ ଓ ସ୍ଥାନୀୟ ବିଧାୟକଙ୍କୁ ଜଣାଇବା ସହ ନିଜେ ସୁରକ୍ଷା ସହ ନ ରହିଲେ ଅସୁବିଧା ହେବ ବୋଲି କହୁଛନ୍ତି।

ଏହି ଅଡ଼ିଓ ପ୍ରଚାରିତ ହେବା ପରେ ଜିଲ୍ଲାରେ ଆଇନଶୃଙ୍ଖଳା ଓ ବିଜେପି ନେତାମାନଙ୍କ ଦାଦାଗିରିକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ହେଲା ଶାନ୍ତ ପଡ଼ିଥିବା ଗଞ୍ଜାମର ସ୍ଥିତି ୮୦ ଦଶକକୁ ଫେରିଯିବା ପରି ଅବସ୍ଥା ସୃଷ୍ଟି ହୋଇଛି। ଏପରିକି ବିଜେପି ନେତାମାନେ ହିଁ ଅପରାଧ ଭଳି ଘଟଣା ଘଟାଇବାକୁ ପଛାଉନାହାନ୍ତି। ନାବାଳିକା ଦୁଷ୍କର୍ମ ଭଳି ସଂଗୀନ ମାମଲାରେ ବିଜେପି ନେତାଙ୍କ ସମ୍ପୃକ୍ତି, ବାଲିଘାଟ ଠାରୁ ଟୋଲଗେଟ ପର୍ଯ୍ୟନ୍ତ ବିଭିନ୍ନ ଜାଗାରେ ଚାନ୍ଦା ମାଗିବା ସହିତ ଏଭଳି ଆଚରଣ ବିଜେପି ଦଳର ଆଦର୍ଶ କି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### ନନ୍ଦିଘୋଷ ରଥ...

ଆସିଥିଲେ। ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ମହାଲକ୍ଷ୍ମୀଙ୍କ ଫେରିବା ଅନୁରୋଧକୁ ରଖିଲେ ନାହିଁ। ଏଥିରେ ରୋଷ କରି ଲକ୍ଷ୍ମୀ ସାଆନ୍ତାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର କିଛି ଅଂଶକୁ ଭାଙ୍ଗି ଦେଇ ହେରାଗୋହିରୀ ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ। ଫେରିବା ସମୟରେ ପନ୍ତି ଭୋଗ ଗ୍ରହଣ କରିଥିଲେ।

ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ହୋଇଥିଲା। ଏହାପରେ ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ସହ ପଟୁଆରରେ ଶ୍ରୀଗୁଣ୍ଡିଚା ଅଭିମୁଖେ ବାହାରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତି ମହାପାତ୍ର ବନ୍ଦାପନା, ଚାମର ଆଲଟ, ଘଷା ବିଡ଼ିଆ ଓ ଦହିପଟି ମଣୋହୀ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଆସିଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହ ଫେରିନଥିଲେ। ଏହାପରେ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଯାଇଥିଲେ। ସେଠାରେ ରଥର କିଛି ଅଂଶ ଭାଙ୍ଗିଥିଲେ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏହି ମହାନ ନୀତିକୁ ଭକ୍ତମାନେ ଦର୍ଶନ କରିଥିଲେ।

### ପାଣିଘେରରେ...

ସେମାନଙ୍କ ପକ୍ଷେ ସମ୍ଭବପର ହୋଇପାରୁନାହିଁ। ଏପରି ସ୍ଥିତିରେ ଲୋକମାନଙ୍କୁ ସଠିକ୍ ଭାବେ ରିଲିଫ୍ ମିଳୁନି। ବର୍ତ୍ତମାନ ସୁଦ୍ଧା ସମସ୍ତ ପଞ୍ଚାୟତରୁ ୩୬୫୬ଜଣଙ୍କୁ ଉଦ୍ଧାର କରାଯାଇ ୧୪ଟି ଆଶ୍ରୟସ୍ଥଳୀରେ ଥଇଥାନ କରାଯାଇଛି। ବନ୍ୟା ଅଞ୍ଚଳରେ ୬ଟି ଓଡ୍ରାଫ୍ଟ ଟିମ ମୁତୟନ ହୋଇଥିବା ବେଳେ ୧୨ଟି ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ଭୁବନେଶ୍ୱର ବିଏମସି କାର୍ଯ୍ୟାଳୟରେ ଓଏଏସ୍ ଅଧିକାରୀଙ୍କୁ ମାଡ଼ ଘଟଣାରେ ଓଏଏସ ସଂଘର ନିଷ୍ପତ୍ତି ଅନୁସାରେ ଆଜିଠାରୁ ଜିଲ୍ଲାର ସମସ୍ତ ଓଏଏସ ଏବଂ ଓଆରଏସ ଅଧିକାରୀ ସମୂହ ଛୁଟିରେ ଯାଇଛନ୍ତି। ଫଳରେ ବନ୍ୟା ପରିଚାଳନା କିପରି ହେବ, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ବାବଦରେ ଅତିରିକ୍ତ ଜିଲ୍ଲାପାଳ ସୁଧାକାର ନାୟକ କହିଛନ୍ତି ଯେ ଓଏଏସ୍ ଏବଂ ଓଆରଏସ ଅଧିକାରୀମାନେ ସମୂହ ଛୁଟିରେ ଯାଇଛନ୍ତି। ଅନ୍ୟ ଅଧିକାରୀମାନେ ବନ୍ୟା ସ୍ଥିତି ପରିଚାଳନା କରିବେ।

### ବନ୍ୟାରେ ଭାସି...

ଘଟଣାସ୍ଥଳରେ ଏନ୍‌ଡିଆରଏଫ୍, ଅଗ୍ନିଶମ ଏବଂ ପୁଲିସ୍ ପହଞ୍ଚି ୨୦ ଫୁଟ୍ ଗଭୀର ନଦୀ ଭିତରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବସ୍ତା ମେଡ଼ିକାଲକୁ ପଠାଇଥିଲେ। ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ତଳେ ବାଲେଶ୍ୱରରେ ଆସିଥିବା ବନ୍ୟାରେ ଜିଲ୍ଲାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଗତକାଲି ସଦର ବ୍ଲକ୍ ଚୂନଭାଟି ଅଞ୍ଚଳରେ ବନ୍ୟାଜଳରୁ ଜଣଙ୍କ ଶବ ଜବତ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS 2025025, ତା.24.06.2025ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳଗଡ଼ BG ରେଳ ଲିଙ୍କ ପ୍ରକଳ୍ପ ସମ୍ବନ୍ଧୀୟ ଅନୁଗୁଳ ଠାରେ ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ /II/ ଅନୁଗୁଳଙ୍କ ଅଧିନରେ କାର୍ଯ୍ୟାଳୟ ଭବନ, କ୍ୱାର୍ଟରଗୁଡ଼ିକର ନିର୍ମାଣ, ମରାମତି, ନବୀକରଣ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 152.77 ଲକ୍ଷ, EMD : ₹ 2,26,400/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.07.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଡ଼ି ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-47/CI/25-26

B-242

WORKS DEPARTMENT
OFFICE OF THE SUPERINTENDING ENGINEER,
RAIRANGPUR (R&B), DIVISION
e-mail: - eerbrairangpur@yahoo.co.in
Government of Odisha "e" Procurement Notice
**Bid Identification No.SE 08 OF 2025-26**

1. Nature of work:- **Building Work**
2. Number of works: **1 ( One )**
3. Amount put to Tender: - **Rs. 97,82,200.00**
4. Class of Contractor: **B Class**
5. Date & Time of availability of bid document in the portal: **- Dt. 08.07.2025 at 10:00 AM**
6. Last Date / Time of receipt of bid in the portal: **- Dt. 17.07.2025 up to 04:00 PM**
7. Date of opening of bid : - **Dt. 18.07.2025 at 11:00 AM**
8. Name & address of the Office inviting bid: **- Superintending Engineer, Rairangpur (R&B)Division**
9. The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in."** All future corrigendum will be available on ONLINE mode only.

**Superintending Engineer**
**Rairangpur (R&B) Division**
*OIPR-34041/11/0010/2526*

n-89

**DISTRICT PROJECT OFFICE**
**SAMAGRA SHIKSHA: CUTTACK (ODISHA)**
**Phone Fax: 0671-2509937 / 2509934**
**E-mail: dpccuttackssa.opepa@nic.in & dpccuttack.ss@gmail.com**
**No. 3153/XXIV-2123 / Plg / Date 30.06.2025**

**NOTICE**

With reference to this office Advertisement No. 701 dated 17.02.2023, it is for information of all concerned that **the Final Merit List, Panel List & Reject list of candidates applied for Different Posts of** Netaji Subas Chandra Bose Awasiya Hostel (NSCBAH) Under Samagra Shiksha ,Cuttack are published in official Website https://www.osepa.odisha.gov.in & https://www.cuttack.odisha.gov.in respectively. The candidates placed at the **serial No. 1** in the final Merit list of the post of Warden, Part Time Teacher (Maths &Science), Part Time Teacher (Sanskrit & Hindi), Asst. Cook are directed to attend the District Project Office, Samagra Shiksha, 2nd Floor, Collectorate Building, Cuttack-02 on 15.07.2025 (Tuesday) at 11A.M with their original Certificates, Mark sheets & other documents for executing the agreements & undertakings. This Panel List shall have the validity of one year from the date of publication of this notice for consideration in event any vacancy arises in future.

**District Project Coordinator,**
**Samagra Shiksha, Cuttack**
OIPR-27121/11/0009/2526

**କବଲା ହଜିଛି**

ଏତଦ୍ୱାରା ଆମ୍ଭେ ଶିବ ସ୍ୱସ୍ତିକ ଶ୍ରୀଚନ୍ଦନ, ପିତା- ବୈଦ୍ୟନାଥ ଶ୍ରୀଚନ୍ଦନ, ଏମ.ବି.- ୮୩, ବଡ଼ଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର, ଜନସାଧାରଣଙ୍କୁ ଅବଗତ କରୁଛି ଯେ, ମୋର ମାତା ଶ୍ରୀମତୀ ଶକୁନ୍ତଳା ଶ୍ରୀଚନ୍ଦନଙ୍କର ପୁରୀ ତହସିଲର : ଗୋପୀନାଥପୁର ଓରଫ ରାଉତରାପୁର, ଖାତା ନମ୍ବର - ୧୬୫/୬୫୧, ପ୍ଲଟ ନମ୍ବର- ୧୮୭/୧୩୮୫ ରେ ଅବସ୍ଥିତ ଏକର ୦.୦୨୨୫ ଡ଼ିସିମିଲ ସମ୍ବନ୍ଧିୟ ଜମିର ଅରିଜିନାଲ ଜମି କବଲା (RSD ନଂ. ୨୧୭୭, ତାରିଖ ୦୨.୦୭.୧୯୯୩) ଗତ ୨୬.୦୬.୨୦୨୫ ଦିନ ହଜିଯାଇଛି

**LOST**

Lost sale Deed of my Property Plot No-1151, Drawing No-177/85, Mouza-Sikharpur,PS-Chauliaganj, Dist-Cuttack, State-Odisha. Document No-RSD 2033 dt-07.05.1999 and RSD 5032 DT-26.12.1988. NCR is lodge on 10.06.2025 at Chauliaganj PS. Finder may send to : Mr. Sanjay Jena at above address. Ph.No-9853086101

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft, 1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

**CONTACT : 6371093914**

**AFFIDAVIT**

I, Duradana Bibi, aged about 58 years, W/o- Abu Taher Khan, resident of Walimian Mohallah, PO-Charinangal, PS-Balichandrapur, Dist-Jajpur, PIN- 754292, Odisha declared by this affidavit No. 1241, dtd-30/06/2025 that now onwards I shall be known as **KANIJ FATMA** for all future purposes.

**AFFIDAVIT**

I, Mahaprangya Jain, aged about 46 years, S/o-Khemchand Jain, resident of Kantabanji, Po- Kantabanji, Ps-Kantabanji, Dist- Balangir, Odisha, Pin- 767039 declare by this affidavit No.1238, dtd-30/06/2025, that now onwards I shall be known as **MAHAPRAGYA JAIN** for all future purposes.

**AFFIDAVIT**

Shaik Faizulla, S/o-SK.Nurulla , Resident of Ward No -13, Muleswar, Po/Ps- Soro, Dist- Balasore, PIN 756045, Odisha declare by this affidavit No- 413, Dated -12.12.24 that now onwards I shall be known as **SK. FAIZULLA** for all future purposes.

**AFFIDAVIT**

I, Kanija Bibi, aged about 58 years, W/o- Abu Taher Khan, resident of Walimian Mohallah, PO-Charinangal, PS-Balichandrapur, Dist-Jajpur, PIN- 754292, Odisha declared by this affidavit No. 1242, dtd-30/06/2025 that now onwards I shall be known as **KANIJ FATMA** for all future purposes.

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 30/06/2025. I, **Sashi Kumbhar,** aged about 48 years, S/O- Manchan Kumbhar, permanent resident of At-Sargiguda, Ward No.1, PO/PO-Titilagarh, Dist. Balangir, (Odisha), PIN-767033 now residing at the same place affirm that I have changed my minor son's name from **Gulshan Kumbhar** (old name) To **Gulsan Ayush Kumbhar** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Gulsan Ayush Kumbhar** (new name).

**Sashi Kumbhar**

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ

**6370964966**

**AFFIDAVIT**

By virtue of an affidavit sworn before Executive Magistrate, G.Udayagiri, dated: 23.06.2025, I, Runima Mallick, W/o- Basanta Kumar Pradhan, Vil.- Dakeringia, PO-Gressingia, PS- G.Udayagiri, Dist.- Kandhamal- 762100 declare that I have changed name of my minor son from Anisas Pradhan to Balabana Pradhan. Henceforth,he will be known as **Balabana Pradhan** for all purposes.

**AFFIDAVIT**

By virtue of an affidavit sworn before Executive Magistrate, G.Udayagiri, Dated: 30.06.2025, I, Nuresh Khatun, D/o- M.D. Islam, resident of Vil.- G. Udaygiri, P.O./P.S.- Dist.- Kandhamal-762100 declare that I have changed my name from Nuraisaha Khatun to Nuresh Khatun. Henceforth, I shall be known as **Nuresh Khatun** for all purposes.

**AFFIDAVIT**

By virtue of an affidavit sworn before Executive Magistrate, G.Udayagiri, dated 21.06.2025, I, Suneina Pradhan, W/o- Subodh Kumar Pradhan, Vil.-Telingia, PO- Gadaguda, PS-G.Udayagiri, Dist.-Kndhamal- 762100 declare that I have changed name of my minor daughter from Shreeya Digal to Shreeya Pradhan. Henceforth she will be known as **Shreeya Pradhan** for all purposes.

**AFFIDAVIT**

By virtue of an affidavit Sl. No.-1687/25, dtd. 13.06.2025 before Notary Public, Malkangiri, I, Mamani Mandal have changed my name from Mamoni Bachar, D/o- Manoranjan Bachar, MV-14, Tamasa, Malkangiri to Mamani Mandal, W/o- Shitu Mandal, MV-7, Tamasa, Malkangiri. Henefroth I shall be known as **Mamani Mandal** for all purposes.

**Sd/- Mamani Mandal**

**AFFIDAVIT**

By virtue of an affidavit sworn before Notary Public, Titilagarh, dated 25.06.2025 I, Rajkishor Dash, At-Bandhapada,Po-Bandhapada, P.s-Deogaon, Dist-Balangir, Odisha, Pin- 767029 declare that I have changed my Son's name from Triyambaka Dash to Tryambak Dash. Henceforth, he shall be known as Tryambak Dash for all purposes.

**Rajkishor Dash**

**AFFIDAVIT**

By virtue of an affidavit Sl. No.-525, dtd. 30.06.2025 before the Executive Magistrate, Koraput, I, Shaym Sameli, have changed my minor son's name from Saiba Sameli to Saheb Sameli. Henefroth I shall be known as **Saheb Sameli** for all purposes.

**Sd/- Shyam Sameli**

**AFFIDAVIT**

I, Munataj Shaikh, aged about 67 years, S/o- Golam Tahir, resident of At/Po-Neulpur, Dharmasala, Jajpur, PIN- 755024, Odisha declared by this affidavit No. 531, dtd-26/06/2025 that now onwards I shall be known as **SK MUNTAJ** for all future purposes.

**AFFIDAVIT**

I, Taher Khan, aged about 60 years, S/o- Alim Khan, resident of Walimian Mohallah, PO-Charinangal, PS-Balichandrapur, Dist-Jajpur, PIN- 754292, Odisha declared by this affidavit No. 1243, dtd-30/06/2025 that now onwards I shall be known as **ABU TAHER KHAN** for all future purposes.

# ବିଜୁଳି ଆଲୁଅରୁ ବଞ୍ଚିତ ତିନି ପଞ୍ଚାୟତର ୧୦୦ ପରିବାର

**ଯୋଡ଼ା, ୧।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ଖଣିଅଞ୍ଚଳରେ ଏମିତି ପଞ୍ଚାୟତ ରହିଛି ଯେଉଁଠି ବସବାସ କରୁଥିବା ଜନସାଧାରଣଙ୍କ ପାଇଁ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ସାତ ସପନ ହୋଇରହିଛି। ବ୍ଲକ ଅଂଶେଇକଳା ପଞ୍ଚାୟତର ଦଣ୍ଡାଗୁଟୁ ସାହିରେ ବସବାସ କରୁଥିବା ପ୍ରାୟ ୫୦ଟି ପରିବାର ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅରୁ ବଞ୍ଚିତ ଅଛନ୍ତି ବୋଲି ଅଭିଯୋଗ ହେଉଛି। ପ୍ରତିଶ୍ରୁତି ମିଳୁଛି ହେଲେ ମିଳିପାରୁ ନାହିଁ ବିଜୁଳି ଆଲୁଅ। ଖଣି, ଜଙ୍ଗଲ ଘେରା ଏହି ଗ୍ରାମଗୁଡ଼ିକରେ ସନ୍ଧ୍ୟା ହେଲେ ବନ୍ୟଜନ୍ତୁ ଓ ସରୀସୃପଙ୍କ ଭୟ ଲୋକଙ୍କୁ ଘାରି ଆସୁଛି। ଗ୍ରାମର କିଛି ବୟୋଜ୍ୟେଷ୍ଠ ଲୋକ ଦୁଃଖ ପ୍ରକାଶ କରି କହିଛନ୍ତି ଯେ ଆମ ସମୟ ଯେମିତିସେମିତି ହୋଇ ବିତିଗଲା। ହେଲେ ଆମ ପୁଅ, ନାତିମାନଙ୍କ କଥା ସରକାର ବୁଝିବା ଉଚିତ। ସରକାର ସବୁ ଗାଁ ତଥା ଘରକୁ ବିଜୁଳି ଯୋଗାଇବା ପାଇଁ ଯୋଜନା କରୁଛନ୍ତି, ହେଲେ ଆମ ପାଖରେ ତାହା ପହଞ୍ଚି ପାରୁନାହିଁ। ସନ୍ଧ୍ୟା ହେଲେ ଚତୁର୍ଦିଗ ଅନ୍ଧାର ହୋଇଯାଉଛି। ପୂର୍ବରୁ କିରୋସିନି ମିଳୁଥିଲା ବୋଲି ଚଳି ହେଉଥିଲା ଏବେ ସେତକ ମଧ୍ୟ ବନ୍ଦ ହୋଇଯାଇଛି। ଯଦ୍ଵାରା ବିଦ୍ୟାଳୟରେ ପାଠ ପଢ଼ିଥିବା ଛାତ୍ରଛାତ୍ରୀ ପଢ଼ାରୁ ବି ବଞ୍ଚିତ ରହୁଛନ୍ତି। ସେହିପରି



ଚମକପୁର ପଞ୍ଚାୟତର ଧଳାଡିହି ସାହିରେ ୨୦ଟି ପରିବାର ବିଜୁଳି ଆଲୁଅରୁ ବଞ୍ଚିତ ରହିଛନ୍ତି। ଏପରିକି କଣ୍ଡରା ପଞ୍ଚାୟତର ଗୋଲେଇ ସାହିରେ ବସବାସ କରୁଥିବା ୩୦ଟି ପରିବାର ମଧ୍ୟ ସମାନ ଅବସ୍ଥା। ବିଜୁଳି ଆଲୁଅ ବିନା ଅତି ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିର୍ବାଚନ ସମୟରେ ସରପଞ୍ଚ ସମିତି ସଭ୍ୟ ପ୍ରତିଶ୍ରୁତି ଦେଇ ଯାଉଛନ୍ତି; କିନ୍ତୁ ପରେ ଗ୍ରାମବାସୀଙ୍କ କୌଣସି କଥା ଶୁଣୁ ନାହାନ୍ତି ବୋଲି ଅଭିଯୋଗ ହେଉଛି। ଏନେଇ ୨୮ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା ଯୋଡ଼ା ବ୍ଲକର ବିଡ଼ିଓଙ୍କୁ ପତ୍ର ମାଧ୍ୟମରେ ଲିଖିତ ଭାବେ ଜଣାଇଥିବା ଜଣାପଡ଼ିଛି। ପ୍ରଯୁକ୍ତିବିଦ୍ୟାରେ ଦେଶ ଢେର ଆଗକୁ ଯାଉଥିବା ବେଳେ ଜନସାଧାରଣଙ୍କ ଜୀବନଚର୍ଯ୍ୟା ସରଳ ଓ ସହଜ ହୋଇପାରିଛି। ଦେଶର ପ୍ରତ୍ୟେକ ନାଗରିକ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହାର ବ୍ୟବହାର କରି ଘଣ୍ଟାକର କାମକୁ ମିନିଟ ମଧ୍ୟରେ ସାରୁଥିବା ବେଳେ ଟିଭି ଓ ମୋବାଇଲ ମାଧ୍ୟମରେ ଦେଶ ବିଦେଶର ପ୍ରତ୍ୟେକ ଖବର ମିନିଟ ମଧ୍ୟରେ ପାଉଛି। ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ନିଜକୁ ଆଗୁଆ କରିପାରିଛି; ହେଲେ ଖଣି ଅଞ୍ଚଳରେ ବସବାସକରୁଥିବା ନିରୀହ ଅଧିବାସୀ ଲୋକ ସାମାନ୍ୟ ବିଜୁଳି ଆଲୁଅରୁ ବଞ୍ଚିତ ରହିବା ସରକାରଙ୍କ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଉଛି।

### କେବେ ସୁଧୁରିବ ଏ ଅବସ୍ଥା

# ଶ୍ରେଣୀଗୃହରେ ବର୍ଷାପାଣି ଜମିଛି

**ଚମ୍ପୁଆ, ୧।୭ (ସମିସ)**



ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବ୍ଲକ କଲୋନୀ ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ବର୍ଷା ହେଲେ ଶ୍ରେଣୀଗୃହରେ ବର୍ଷା ପାଣି ଲହଡ଼ି ମାରୁଛି। ଛାତ୍ରଛାତ୍ରୀମାନେ ନାନା ହୀନସ୍ତା ହେଉଛନ୍ତି। ଦୀର୍ଘ ଦିନ ଧରି ଉପରୋକ୍ତ ବିଦ୍ୟାଳୟର ଛାତରୁ ପାଣି ଗଳୁଥିବା ବେଳେ ଛାତ୍ରଛାତ୍ରୀମାନେ ବିପଦସଂକୁଳ ଅବସ୍ଥାରେ ଅଧ୍ୟୟନ କରୁଛନ୍ତି। ବେଳେ ବିଦ୍ୟାଳୟ ଖୋଲିବା ବେଳେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଜଳ ନିଷ୍କାସନ ପରେ ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ କରାଯାଉଛି। ଏହି ବିଦ୍ୟାଳୟରେ ବାଳ ବାଟିକାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ମାତ୍ର ୫ଟି ଶ୍ରେଣୀ ପାଇଁ ୨ଟି ଶ୍ରେଣୀଗୃହ ରହିଥିବା ବେଳେ ଉଭୟ ଶ୍ରେଣୀ ଗୃହର ଛାତରୁ ପ୍ଲାଷ୍ଟର ଖସି ରଡ ଦେଖାଯାଉଛି। ଅସରାଏ ବର୍ଷା ହେଲେ ଶ୍ରେଣୀ ଗୃହ ମଧ୍ୟରେ ବର୍ଷା ଜଳ ଛାତରୁ ଗଳିବା ସହିତ ଆବଶ୍ୟକ ଉପକରଣ ନଷ୍ଟ କରିଚାଲିଛି। ଏପରିକି ଛାତ୍ରଛାତ୍ରୀମାନେ ଶିକ୍ଷା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଚଳିତ ଲଘୁଚାପ ଜନିତ ବର୍ଷାରେ ଏହି ବିଦ୍ୟାଳୟର ଅବସ୍ଥା କହିଲେ ନ ସରେ। ବିଦ୍ୟାଳୟ ଖୋଲିବା ପୂର୍ବରୁ ଶିକ୍ଷୟିତ୍ରୀମାନେ ମିଳିତ ଭାବରେ ବାଲଟି ମାଧ୍ୟମରେ ପାଣି ନିଷ୍କାସନ ପରେ ଶିକ୍ଷାଦାନ କରୁଥିଲେ ହେଁ ଉପର ଛାତକୁ ଭରଷା ପାଉ ନଥିବା ସୂଚନା ଦେଇଛନ୍ତି। ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଶିକ୍ଷା ବିଭାଗ ନାଚାର ହୋଇପଡିଛି। ଏନେଇ ଚମ୍ପୁଆ ଭାରପ୍ରାପ୍ତ ବିଇଓ ନରେନ୍ଦ୍ର ନାଏକ କହିଛନ୍ତି କି ଯେ ବାରମ୍ବାର ବ୍ଲକ ପ୍ରଶାସନ ଓ ଏନଏସି ପ୍ରଶାସନକୁ ଅବଗତ କରାଯାଇଛି; ମାତ୍ର ଆଜିପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁନାହାନ୍ତି।

## ଅଗ୍ନିକାଣ୍ଡରେ ଜଳିଗଲା ୪ବଖରା



**ହାଟଡ଼ିହୀ,୧।୭ (ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଅକରୁଆ ପଞ୍ଚାୟତ ଦଧିବାମନପୁର ଗ୍ରାମ ୧୧ନଂ ୱାର୍ଡରେ ଅଗ୍ନିକାଣ୍ଡ ଘଟି ୪ବଖରା ଘର ଜଳି ଛାରଖାର ହୋଇଯାଇଛି। ସୋମବାର ବିଳମ୍ବିତ ରାତିରେ ଘଟିଛି ଅଗ୍ନିକାଣ୍ଡ। ଗ୍ରାମର ଶାନ୍ତନୁ କୁମାର ଜେନା ପୁଅ ବାହାଘର କରି ଘରକୁ ବୋହୂ ଆଣିଥିଲେ। ଗୋଟାଏ ଦିନପରେ ଚତୁର୍ଥୀ ବାହାଘର ହୋଇଥାନ୍ତା; କିନ୍ତୁ ଶାନ୍ତନୁଙ୍କ ପରିବାର ଲୋକ ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ସାଢେ ୩ଟା ସମୟରେ ଆକସ୍ମିକ ଭାବେ ବିଦ୍ୟୁତ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟି ଘରର ସମସ୍ତ ଆସବାବପତ୍ର ଓ ବାହାଘର ଖର୍ଚ୍ଚ ପାଇଁ ଘରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସହ କିଛି ସୁନାରୁପା ଅଳଙ୍କାର ଏବଂ ଘରର ପଟ୍ଟା ପାଉତି, ଜରୁରୀ କାଗଜପତ୍ର ଆଦି ନିଆଁରେ ପୋଡ଼ି ଛାରଖାର ହୋଇଯାଇଛି। ଖବର ପାଇ ହାଟଡ଼ିହୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଶାନ୍ତନୁଙ୍କ ଘରର ସବୁ କିଛି ନିଆଁରେ ପୋଡ଼ି ନଷ୍ଟ ହୋଇଯାଇଛି। ନବଦମ୍ପତି ଅଗ୍ନି ସଂସ୍ପର୍ଶରେ ଆସି ଆହତ ହୋଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସେଠାରେ ପହଞ୍ଚି ଅଗ୍ନି ବିପନ୍ନ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ସରକାରୀ ସ୍ତରରେ ଥିବା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ଧକୋଠା ହନୁମାନ ଛକରେ ଆଣ୍ଠୁଏ ପାଣି




**ଆନନ୍ଦପୁର, ୧।୭ (ସମିସ):** ଆନନ୍ଦପୁର ବ୍ଲକ୍‌ର ଧକୋଠା ହନୁମାନ ଛକରେ ବର୍ଷାପାଣି ଜମିଥିବାରୁ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏନେଇ ସ୍ଥାନୀୟ ଅଧିବାସୀ ଅଭିଯୋଗ କଲେ ବି ପଞ୍ଚାୟତ କିମ୍ବା ବ୍ଲକ୍ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। ଏହା ଗ୍ରାମର ମୁଖ୍ୟରାସ୍ତା ହୋଇଥିବାରୁ ପ୍ରତିଦିନ ଶହଶହ ଲୋକ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ବର୍ଷାଦିନେ ରାସ୍ତାରେ ପାଣି ଜମି ରହୁଥିବାରୁ ଯାତାୟାତରେ ସମସ୍ୟା ହେଉଛି। ବିଶେଷ କରି ବାଇକ୍, ସାଇକଲ ଆରୋହୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

## ଲକ୍ଷ୍ମୀଧର ଜେନାଙ୍କ ପରଲୋକ



**ହାଟଡ଼ିହୀ,୧।୭ (ସମିସ):** ହାଟଡ଼ିହୀ ପଞ୍ଚାୟତ ମଠ କୁଣ୍ଡିସାହି ଗ୍ରାମର ଧର୍ମପରାୟଣ ବ୍ୟକ୍ତି ତଥା ସମାଜସେବାରେ ଜଡ଼ିତ ଥିବା ଲକ୍ଷ୍ମୀଧର ଜେନାଙ୍କ (୮୬ ବର୍ଷ) ପରଲୋକ ହୋଇଛି। ମଧ୍ୟାହ୍ନରେ ବିଶ୍ରାମ ନେଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ମୃତ ଘୋଷଣା କରାଯାଇଥିଲା। ତାଙ୍କର ଶେଷକୃତ୍ୟ ଗାଁ ପାହାଡ଼ ନିକଟରେ ହୋଇଥିଲା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ପୁଅ ଭାଗବତ ଜେନା ମୁଖାଗ୍ନି ଦେଇଥିଲେ। ବଡ଼ପୁଅ ବିନୋଦ ବିହାରୀ ଜେନା, ଅକ୍ଷୟ ଜେନା, ହରେକୃଷ୍ଣ ଜେନା, ପ୍ରେମାନନ୍ଦ ଜେନା, ପ୍ରଦୀପ ଜେନାଙ୍କ ସହ ଗାଁର ସୁରେନ୍ଦ୍ର ସା, କୃଷ୍ଣଚନ୍ଦ୍ର ରାଉତ, ରାଧାକୃଷ୍ଣ ପତି, ରବୀନ୍ଦ୍ର ମହଲା, ଶରତ ମହଲାଙ୍କ ସହ ମା' ଦୁଆରଶୁଣୀଙ୍କ କୀର୍ତ୍ତନଦଳର ସଦସ୍ୟ ଉପସ୍ଥିତ ଥିଲେ।

## ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

**ହାଟଡ଼ିହୀ,୧।୭ (ସମିସ):** ହାଟଡ଼ିହୀ ବ୍ଲକ୍‌ର ସହକାରୀ ନିର୍ବାହୀଯନ୍ତ୍ରୀ ଜ୍ଞାନେନ୍ଦ୍ର ଜେନାଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି । ବିଡିଓ ରଞ୍ଜନ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ନୂତନ ଭାବେ ଯୋଗଦେଇଥିବା ସହକାରୀ ନିର୍ବାହୀଯନ୍ତ୍ରୀ ଅମୂଲ୍ୟ ଦାସ, ଏପିଓ ଭୈରେବେନ୍ଦ୍ର ତ୍ରିପାଠୀ ପ୍ରମୁଖ ବିଦାୟୀ ନିର୍ବାହୀ ଯନ୍ତ୍ରୀଙ୍କ ସୁଖମୟ ଅବସର ଜୀବନ କାମନା କରିଥିଲେ। ଯନ୍ତ୍ରୀ ମଦନ ମୋହନ ବେହେରା, ଧୀରେନ ମହାଲିକ, ପ୍ରଫୁଲ୍ଲ ବେହେରା, କ୍ଷେତ୍ରମୋହନ ମାରାଣ୍ଡି, ମିଞ୍ଜି ସହରାଇ, ମୁଖ୍ୟ କିରାଣି ଶ୍ରବଣ ପରିଡ଼ା, ହରେକୃଷ୍ଣ ପ୍ରଧାନ, ଜିପିଡ଼ିଇଓ ଦିବ୍ୟଜ୍ୟୋତି ଦାସ, ପିଇଓ ଶରତ ବେଜ, ଜିତେନ୍ଦ୍ର ଜେନା, ସୁରେଶ ସେଠୀ, ସିପି ସୁବ୍ରତ ନାୟକ, ଏସିପି ପ୍ରଶାନ୍ତ ସେଠୀ, ପ୍ରତୀକ ଆନନ୍ଦ ଉପସ୍ଥିତ ଥିଲେ।

## ଚମ୍ପୁଆ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ତିଆରି ହେଲା ଗ୍ୟାରେଜ





ସକାଳ ପ୍ରଭାବ

**ଚମ୍ପୁଆ,୧।୭ (ସମିସ):** ଚମ୍ପୁଆ ବ୍ଲକ ଶିକ୍ଷା କାର୍ଯ୍ୟାଳୟ କମ୍ପ୍ୟୁଟର ଲ୍ୟାବ ଗ୍ୟାରେଜ ପାଲଟିଛି ଶୀର୍ଷକ ଖବର ପ୍ରକାଶ ପରେ ବିଭାଗ ତତ୍ପର ହୋଇଉଠିଛି। ଆଜିଠାରୁ ଗ୍ୟାରେଜ କାମ ଆରମ୍ଭ ହେଉଛି। ସହକାରୀ ବ୍ଲକ ଶିକ୍ଷା ଅଧିକାରୀଣୀ ସୁମିତ୍ରା ତ୍ରିପାଠୀଙ୍କ ନିଜ ସ୍କୁଟିକୁ କମ୍ପ୍ୟୁଟର ଲ୍ୟାବ ଭିତରେ ନ ରଖି ବାହାରେ ରଖିଛନ୍ତି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗରେ ଥିବା କମ୍ପ୍ୟୁଟର ଲ୍ୟାବ ତଥା ମିଟିଙ୍ଗ ହଲରେ ଏକ ସ୍କୁଟି ଯେଉଁଠି ଅନଲାଇନ କାର୍ଯ୍ୟକ୍ରମ ପାଇଁ କମ୍ପ୍ୟୁଟର ଲ୍ୟାବ ବ୍ୟବସ୍ଥା କରାଯାଇଛି ତଥା ଅଫିସ କର୍ମଚାରୀଙ୍କ ପାଇଁ ମିଟିଙ୍ଗ ହଲ ଭାବେ ବ୍ୟବହାର ହେଉଥିବା ଗୃହ ଅଧିକାରିଣୀଙ୍କ ମୋଟର ସାଇକଲ ରହଣିସ୍ଥଳ ପାଲଟିଥିଲା। ସୋମବାର ସ୍କୁଟି କମ୍ପ୍ୟୁଟର ଲ୍ୟାବ ଭିତରେ ନ ରହି ବାହାରେ ରହିବା ସହ ଗ୍ୟାରେଜ କାମ ବି ଆରମ୍ଭ ହୋଇଛି। ରହିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟାଳୟକୁ ଆସୁଥିବା ଶିକ୍ଷକଠାରୁ ଆରମ୍ଭ କରି କର୍ମଚାରୀମାନେ ଅଫିସ କାର୍ଯ୍ୟାଳୟ ବାହାରେ ନିଜ ଗାଡି ରଖୁଥିବା ବେଳେ ଖୋଦ ସହକାରୀ ବ୍ଲକ ଶିକ୍ଷା ଅଧିକାରୀଣୀ ନିଜ ଗାଡିକୁ କମ୍ପ୍ୟୁଟର ଲ୍ୟାବ ଭିତରେ ରଖିଥିବା ଦେଖିବାକୁ ମିଳିଥିଲା।

## କୁଶଳେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠା ଦିବସ



**ବେଲବାହାଲି,୧।୭ (ସମିସ):** ଘଷିପୁରା ବ୍ଲକ ଦେଓଗାଁ କୁଶଳେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ପ୍ରିୟମ୍ବଦା ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ସଦ୍ୟସ୍ନାନ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ସଭାପତି ନାରାୟଣ ସାହୁ, ଆଇନଜୀବୀ କହ୍ନେଇ ଚରଣ ସାହୁ, ଅଭିଭାବକ ରବିନ୍ଦ୍ରନାଥ ମଲ୍ଲିକ ଓ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ପ୍ରଥମେ ପ୍ରଭୁ ଗଣେଶ, ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ହୃଷୀକେଶ ପତି, ପ୍ରଥମ ପ୍ରଧାନଶିକ୍ଷକ କୈଳାସଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରତିଷ୍ଠାତାଙ୍କ ଗୁଣଗରିମା ବଖାଣିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅନିମା ରାଉତ, ଲିନାରାଣୀ ସାହୁ, ଯଶସ୍ୱିନୀ ସାହୁ, ସ୍ୱର୍ଣ୍ଣମଞ୍ଜୁରୀ ମିଶ୍ର, ନିରୁପମା ବେହେରା, ସୁକାନ୍ତ ଜେନା, ସୂର୍ଯ୍ୟକାନ୍ତ ମଲ୍ଲିକ, ଶୁଭଶ୍ରୀ ମିଶ୍ର, ଅନୁପ ବଳ, ରଶ୍ମିରଞ୍ଜନ ରାଉତ, ଦେବସ୍ମିତା ଚକ୍ର, ଦାଶରଥୀ ଚିକିନିଆ, ରତିରଞ୍ଜନ ଜେନା, ନବେତ ଖାଲକୋ, ମୋହନ ବାରିକ, ରାହାସ ମୁଖି ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଫୁଲକୋବି ଚାଷ ନଷ୍ଟ ଆଶଙ୍କା

**ଚମ୍ପୁଆ, ୧।୭ (ସମିସ):** ଚମ୍ପୁଆ ଅଞ୍ଚଳରେ ଲାଗି ରହିଥିବା ଲଗାଣ ବର୍ଷା ପାଇଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଚାଷୀ ମାନଙ୍କର ଚିନ୍ତା ବଢିବାରେ ଲାଗିଛି। ଏପରିକି କୋବି, ବାଇଗଣ ଆଦି ଚାଷ କରିଥିବା ଚାଷୀମାନେ ନାହିଁ ନଥିବା କ୍ଷତି ସହୁଛନ୍ତି। ଯାହାର ଜଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ଏନଏସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ନୂଆଗାଁ ହୁଡିସାହିରେ। ଜମି ବେଉଷଣ କରିବା ସହିତ ୩ ହଜାରରୁ ଉର୍ଦ୍ଧ୍ୱ ଫୁଲ କବି ଚାରା ଲଗାଇଥିଲେ ହେଁ ଲଗାଣ ବର୍ଷା ଯୋଗୁଁ ଚାରା ପଚିଯାଇଥିବା ଦେଖିବାକୁ ମିଳିଥିଲା। ସାହିର କ୍ରିଷ୍ଣା ମୁଣ୍ଡା ତରଭୁଜ ଚାଷ ପରେ ନିଜ ଜମିରେ ଉନ୍ନତ ମାନର କବି ବିହନକୁ ଅଧିକ ମୂଲ୍ୟ ଦେଇ ଚାରା କରିବା ସହିତ ଚାରା ରୋପଣ କରିଥିଲେ। ମାତ୍ର ଲଗାଣ ବର୍ଷା ଫଳରେ ଚାଷ ଜମିରେ ବର୍ଷା ଜଳ ଜମି ରହିବାରୁ ପ୍ରାୟ ୮୦ ଭାଗ ଗଛ ନଷ୍ଟ ହୋଇଥିବା ଶ୍ରୀ ମୁଣ୍ଡା ସୂଚନା ଦେଇଛନ୍ତି।



ଲଗାଣ ବର୍ଷା ଫଳରେ କେବଳ କୋବି ସହ ବାଇଗଣ, ଲଙ୍କା ଆଦି ଚାଷ ମଧ୍ୟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀ ଚାଷର ମୂଲ୍ୟ ଉଠାଇ ପାରିବକି ନାହିଁ ସେନେଇ ଆଶଙ୍କା ପ୍ରକାଶ ପାଇଛି। ଏହି କ୍ଷତି ଫଳରେ ମୁଠା ମୁଠା ଟଙ୍କା ଖର୍ଚ୍ଚ କରିଥିବା ଚାଷୀର ଅଣ୍ଟା ଦୋହଲି ଯାଇଛି। ଲାଭ ତ ମିଳିବନି ମୂଳ ପଇସା ଉଠିବ କି ନାହିଁ ସେନେଇ ଚାଷୀ ଚିନ୍ତାଗ୍ରସ୍ତ ହୋଇପଡିଛି।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ



**ବେଲବାହାଲି,୧।୭ (ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପଣ୍ଡୁଆ ଉଚ୍ଚବିଦ୍ୟାଳୟରେ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ଶକ୍ତି ବିଭାଗ ଓ ସିଇଏସ୍ ଭୁବନେଶ୍ୱର ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଳମଣୀ କରଙ୍କ ସଭାପତିତ୍ୱରେ ଏନର୍ଜି କ୍ଲବର ଇନ୍‌ଚାର୍ଜ ଶିକ୍ଷୟିତ୍ରୀ ଅଭିଲିପ୍ସା ଦାସ ସଂଯୋଜନା କରିଥିଲା ବେଳେ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟ କମିଟିର ସଦସ୍ୟ, ସଦସ୍ୟାଙ୍କୁ ନେଇ ସଚେତନତା ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଆସିଷ୍ଟାଣ୍ଟ ଇଲେକ୍ଟ୍ରିକାଲ ଇଞ୍ଜିନିୟର ବିନାୟକ ବେହେରା ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବ୍ରଜେନ୍ଦ୍ର ଚକ୍ର, ମିଥୁନ ମୁଣ୍ଡା ଯୋଗ ଦେଇଥିଲେ। ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧରେ ଏକ ବକ୍ତୃତା ପ୍ରତିଯୋଗିତାରେ ଦଶମ ଶ୍ରେଣୀର ଛାତ୍ର ଶୁଭ୍ରଜିତ୍ ବେହେରା, ଛାତ୍ରୀ ଶୁଶ୍ରୀସୌମ୍ୟା ଜେନା, ବିଦୁସ୍ମିତା ଜେନା, ଇତିଶ୍ରୀ ଜେନା, ହୁସନାରା ଖାତୁନଙ୍କୁ କୃତିତ୍ୱର ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ୍ ସଚେତନତାର ବିଭିନ୍ନ ସୁରକ୍ଷା ବିଷୟରେ ଅବଗତ କରାଯାଇଥିଲା।

## ବେଲପଶିରେ ବିଧାୟକଙ୍କ ପରିବେଶ ସୁରକ୍ଷା ବାର୍ତ୍ତା

**ତୁରୁମୁଙ୍ଗା, ୧।୭ (ସମିସ):** ପାଟଣା ବନାଞ୍ଚଳ ବୁଢୀକାପୁଡି ପଞ୍ଚାୟତ ଅନ୍ତର୍ଗତ ବେଲପଶି ଗ୍ରାମରେ ମଙ୍ଗଳବାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଏସିଏଫ୍ ସୁଦୀପ୍ତ ପଣ୍ଡାଙ୍କ ସମେତ ପାଟଣା ବନ ବିଭାଗ କର୍ମଚାରୀ ଏବଂ ବନ ସୁରକ୍ଷା ସମିତି ସଦସ୍ୟ ୭ ହେକ୍ଟର ପରିମିତ ଜାଗାରେ ୧୧ ହଜାର ୨୧୦ଟି ଚାରା ଗଛ ରୋପଣ କାର୍ଯ୍ୟକୁ ଶୁଭାରମ୍ଭ କରିଥିଲେ। ସଚେତନତା ସଭାରେ ମୁଖ୍ୟଅତିଥି ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ବୁଢୀକାପୁଡି ନାଏବ ସରପଞ୍ଚ ଝାଡେଶ୍ୱର ମହାନ୍ତ, ୱାର୍ଡସଭ୍ୟ ପୁଷ୍ପଲତା ମହାନ୍ତ



ଏସିଏଫ୍ ସୁଦୀପ୍ତ ପଣ୍ଡା, ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ପରିବେଶ ସନ୍ତୁଳନରେ ବୃକ୍ଷ ର ଉପକାରିତାର ବାର୍ତ୍ତା ଦେଇଥିଲେ। ବିଧାୟକ, ବନ କର୍ମଚାରୀ ଲୋକଙ୍କୁ ୬୦୦ ଚାରା ବଣ୍ଟନ କରିଥିଲେ। ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ବନରକ୍ଷୀ ଡଲିରାଣୀ ସାହୁ, ପାରା ଷ୍ଟାଫ ଏମ୍‌ଡି ୱାସିମ, ଶିରପାଣି ମହାନ୍ତ, ଭରଦ୍ୱାଜ ମହାନ୍ତ, ସିପୁନ ନାଏକ, ରବୀନ୍ଦ୍ର ମହାନ୍ତ, ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ କୃପାଚାର୍ଯ୍ୟ ମହାନ୍ତ, ଖଗେଶ ମହାନ୍ତ, ବନ ସୁରକ୍ଷା ସମିତିର ସଦସ୍ୟ ସହଯୋଗ କରିଥିଲେ।

## ବରିଷ୍ଠ ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବାଲିବନ୍ଧ, ୧।୭ (ସମିସ):** ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କାର୍ଯ୍ୟରତ ଦୁଇ ବରିଷ୍ଠ ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଆଚାର୍ଯ୍ୟଦ୍ୱୟ ହେଲେ ଝୁମ୍ପୁରା ପଞ୍ଚାୟତ ଭାଲୁକା ଗ୍ରାମର ଘାସିନାଥ ପ୍ରଧାନ ଏବଂ ନହବେଡା ପଞ୍ଚାୟତ ଫକୀରପୁର ଗ୍ରାମର ଗଗନ ବିହାରୀ ମହାନ୍ତ। ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଡମ୍ବରୁଧର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସୁବଳ ସାହୁ, ଉପସଭାପତି ବାସନ୍ତୀ ବେହେରା, ସମ୍ପାଦକ ବିନୟ ସାହୁ, କୋଷାଧ୍ୟକ୍ଷ ସୁମନ୍ତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଗୁରୁଜୀ ଗୁରୁମା, ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଆଚାର୍ଯ୍ୟଦ୍ୱୟଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏକ ଶୋଭାଯାତ୍ରାରେ ସାମିଲ ହେବା ସହ ପରବର୍ତ୍ତୀ ଜୀବନ ସୁସ୍ଥ ଓ ନିରାମୟ କାମନା କରିଥିଲେ।

## ରିମୁଳି ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

**ଚମ୍ପୁଆ, ୧।୭ (ସମିସ):** ରିମୁଳି ମହାବିଦ୍ୟାଳୟରେ ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ନରେନ୍ଦ୍ରନାଥ ମହାନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଶୀଳ ମହାନ୍ତ ଅଭିଭାଷଣରେ କହିଥିଲେ ଯେ ପ୍ରାଧ୍ୟାପକ ନରେନ୍ଦ୍ର ନାଥ ଏକାଧାରରେ ଶିକ୍ଷାବିତ, ସମାଜସେବକ ଓ ପରୋପକାରୀ ମଣିଷ ଥିଲେ। ଶ୍ରୀ ମହାନ୍ତ ପ୍ରଥମେ ଚାକିରି ଜୀବନ ସଡଙ୍ଗି କଲେଜରେ ଆରମ୍ଭ କରି ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଦୀର୍ଘ ୧୭ ବର୍ଷ ଯୋଗ ଦେଇଥିଲେ। ତାଙ୍କ ଅବସରରେ ଉପଢୌକନ ଓ ମାନପତ୍ର ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟକ୍ଷ ଅଧ୍ୟାପିକା ତଥା କର୍ମଚାରୀଙ୍କ ଗହଣରେ ଏହି ଉତ୍ସବ ଅନୁଷ୍ଠିତ ସାଫଲ୍ୟ ମଣ୍ଡିତ ହୋଇଥିଲା।

## ଆନନ୍ଦପୁର ପୌରପାଳିକାର ଉନ୍ନୟନ ସମୀକ୍ଷା ବୈଠକ



**ଆନନ୍ଦପୁର,୧।୭ (ସମିସ):** ଆନନ୍ଦପୁର ପୌରପାଳିକାର ଆନନ୍ଦପୁର ପଦ୍ମପୁର ଫକୀରପୁର ଓ ଶୈଳଙ୍ଗରେ ୪ଟି ଏମପିଏଚ ନୂତନ ଭାବେ ନିର୍ମାଣ ପାଇଁ ଆଜି ପୌରପାଳିକା ବୈଠକରେ ଗୃହୀତ ହୋଇଛି। ପରିଷଦ ସଭାଗୃହରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ ଅଧ୍ୟକ୍ଷତା କରିଥିଲେ। ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ବିବରଣୀ ପ୍ରଦାନ କରିଥିଲେ। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ସମସ୍ତ ସରକାରୀ ଉନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସାଂସଦ ପ୍ରତିନିଧି ରାମଚନ୍ଦ୍ର ସାହୁ, କାଉନସିଲର କୃଷ୍ଣଚନ୍ଦ୍ର ରଣା, ସନତ କର, ସୁଜିତ ସାହୁ, ସମିତ ଦାସ, ସୁରେନ୍ଦ୍ର ଦାସ, ରଶ୍ମିତା ବାରି, ପଦ୍ମାବତୀ ସେଠୀ, ଲକ୍ଷ୍ମୀଧର ଦେହୁରୀ, ଜୟନ୍ତୀ ବେହେରା, ମଣିଲତା ରାମ, ସୁପ୍ରିୟା ମିଶ୍ର, ନିବେଦିତା ବେହେରା, ଜ୍ୟୋସ୍ନାରାଣୀ ଶଣ୍ଢିଆ, ଉର୍ବଶୀ ସାହୁ, ଲିନାରାଣୀ ସାହୁ ପ୍ରମୁଖଙ୍କ ସହ କାର୍ଯ୍ୟାଳୟର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ୧୬ଟି ୱାର୍ଡରେ ଡ୍ରେନ୍ ମରାମତି ସହ ରାସ୍ତା ନିର୍ମାଣ, ୩ରୁ ୫ ନଂ ୱାର୍ଡ଼ ମଧ୍ୟରେ ଶବଦାହ ଗୃହ ନିର୍ମାଣ, ପ୍ରତ୍ୟେକ ୱାର୍ଡ଼କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ କାର୍ଯ୍ୟ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି।

# ବନ ମହୋତ୍ସବ ସପ୍ତାହ

**ହାଟଡ଼ିହୀ,୧।୭ (ସମିସ):** ବନ ମହୋତ୍ସବ ସପ୍ତାହ ୨୦୨୫ ପାଳନ ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ହଦଗଡ଼ ବନାଞ୍ଚଳ ପକ୍ଷରୁ ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଧନୁର୍ଜୟପୁର ହାଇସ୍କୁଲ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ବନାଞ୍ଚଳ ଅଧିକାରୀ ମାର୍ଶାଲ କିସ୍କୁଙ୍କ ସଂଯୋଜନାରେ ହୋଇଥିବା ବେଳେ ଏଥିରେ ବନପାଳ ମଳୟ ସାହୁ, ବନରକ୍ଷୀ ଜ୍ୟୋତିରଞ୍ଜନ ମାଝୀ, ଗ୍ରାମ୍ୟ ଶିକ୍ଷା କମିଟି ଅଧ୍ୟକ୍ଷ ଅନିରୁଦ୍ଧ ନାଇକ, ସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଦାସ, ଶିକ୍ଷକ ଅଚ୍ୟୁତାନନ୍ଦ ସେଠୀ, ଗୌରାଙ୍ଗ ଚରଣ ପଣ୍ଡିତ, ସତ୍ୟନାରାୟଣ ଜେନା, ଶିକ୍ଷୟିତ୍ରୀ ରୋଜାଲିସା ବାରିକ ପ୍ରମୁଖଙ୍କ ସହ ସ୍କୁଲର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସ୍କୁଲ ପରିସରରେ ବନବିଭାଗ ତରଫରୁ ଓଉ, ଜାମୁ, ମେହେଗାନୀ, ଆମ୍ବ, ପିଆଶାଳ ଆଦି ବିଭିନ୍ନ କିସମର ଚାରରୋପଣ କରାଯାଇଥିଲା। ବନବିଭାଗର ସବୁଜବାହିନୀ କର୍ମଚାରୀ ସହଯୋଗ କରିଥିଲେ।

**ଧନୁର୍ଜୟପୁର ହାଇସ୍କୁଲ**



## ଦୁର୍ଘଟଣାରେ ୨ ମୃତ, ଜଣେ ଆହତ

ଚମ୍ପୁଆ, ୧୭ (ସମିସ): ଚମ୍ପୁଆ ଥାନା ରିମୁଳି ଫାଣ୍ଡି ଅନ୍ତର୍ଗତ ତଡୁଆବାହାଲ ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଟ୍ରକ ଧକ୍କାରେ ୨ ଜଣ ସ୍କୁଟି ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ୨ ଜଣ ଯୋଡ଼ା ଥାନା ବିଲେଇପଦା କରଣ ସାହିର ନିରଂଜନ ମଲ୍ଲିକ ଓ ଦାମପୁର ଅଞ୍ଚଳର ଜଗନ୍ନାଥ ମହାକୁଡ ବୋଲି ଜଣାପଡିଛି। ମୁନା ମହାକୁଡ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇ ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ସେଠାରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ଖବର ପାଇ ଚମ୍ପୁଆ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଶବ ଜବତ କରି ପୋଷ୍ଟମର୍ଟମ ପାଇଁ ଚମ୍ପୁଆ ଡାକ୍ତରଖାନା ପଠାଇଛନ୍ତି।

## ଟୁଙ୍କୁଣା ହାଟରୁ ବାଇକ୍ ଚୋରି ଅଭିଯୋଗ

ବେଲବାହାଲି, ୧୭ (ସମିସ): ଘସିପୁରା ଥାନା ଟୁଙ୍କୁଣା ସାପ୍ତାହିକ ହାଟରୁ ମଙ୍ଗଳବାର ଏକ ମୋଟର ସାଇକଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବାଇଲୋ ପଞ୍ଚାୟତ ଟୁଙ୍କୁଣା ଶାସନ ଗ୍ରାମର ନରହରି ମିଶ୍ର ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଅପରାହ୍ନ ସମୟରେ ଏକ ନୀଳ ରଙ୍ଗର ମୋଟର ସାଇକଲ (ଓ ଆର ୦୯ ଏମ୍ ୦୬୫୨) ରଖି ହାଟରୁ ପନିପରିବା କିଣୁଥିବା ବେଳେ କେହି ଲୁଟେରା ଉକ୍ତ ଗାଡିଟିକୁ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଆନନ୍ଦପୁର ଉପଖଣ୍ଡରେ ବିଭିନ୍ନ ସମୟରେ ଲୁଟେରାମାନେ ପୁଲିସକୁ ଚକମା ଦେଇ ଜନଗହଳିପୂର୍ଣ୍ଣ ଜାଗାରୁ ବାଇକଗୁଡିକ ସହଜ ଉପାୟରେ ଚୋରି କରି ନେଉଥିବା ଅଭିଯୋଗ ହୋଇଆସୁଛି।

## ଗଞ୍ଜେଇ ଜବତ; ୧ ଗିରଫ

ହାଟଡ଼ିହୀ, ୧୭ (ସମିସ): ହାଟଡ଼ିହୀ ଅବକାରୀ ଥାନାର ଭାରପ୍ରାପ୍ତ ଅଧିକାରୀ ସ୍ମିତା ବେହେରାଙ୍କ ନେତୃତ୍ୱରେ ଏଏସଆଇ ସୁଶାନ୍ତ ରାଉତ, କନେଷ୍ଟବଳ ଆରତି ବେହେରା, ସୁରେଶଚନ୍ଦ୍ର ବେହେରା ପ୍ରମୁଖ ନନ୍ଦିପଦା ଥାନା ଚୋରଗଡିଆ ଗ୍ରାମର ଶ୍ରୀଧର ନାୟକଙ୍କ ଘରେ ଚଢ଼ଉ କରି ୧କିଲୋ ୨୫୦ଗ୍ରାମ ଗଞ୍ଜେଇ ଜବତ କରିଛନ୍ତି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶ୍ରୀଧର ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

## ନାବାଳିକାକୁ ଅସଦାଚରଣ; ଯୁବକ ଗିରଫ

ରାମଚନ୍ଦ୍ରପୁର, ୧୭ (ସମିସ): ରାମଚନ୍ଦ୍ରପୁର ଥାନା ପୁଲିସ ଜଣେ ନାବାଳିକାକୁ ଅସଦାଚରଣ କରିଥିବା ନେଇ ରୁଜୁ ମାମଲାରେ ଜଣେ ଅଭିଯୁକ୍ତ ଚନ୍ଦନ ମାଝୀ (୨୨)କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛି। ଏ ନେଇ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ଅତି ସମ୍ବେଦନଶୀଳ ହୋଇଥିବାରୁ ପୁଲିସ ଉକ୍ତ ମାମଲାର ଅଧିକ ତଦନ୍ତ ଜାରି ରଖିଛି।

### ବୈଶିଙ୍ଗା-ରୂପସା ରାସ୍ତା ନିର୍ମାଣ ପ୍ରସଙ୍ଗ

# ମିଛ ଡାଟାଦେଇ ଗ୍ରାମବାସୀଙ୍କୁ ଭକୁଆ ବନାଉଛନ୍ତି ଏଏଇ

ବେତନଟୀ, ୧୭ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ରଘୁପୁର ପଞ୍ଚାୟତ ଖୁଣ୍ଟାପୁର ଗ୍ରାମରୁ ବୈଶିଙ୍ଗା-ରୂପସା ପର୍ଯ୍ୟନ୍ତ ପ୍ରସ୍ତାବିତ ୧.୫ କିମି କଂକ୍ରିଟ ରାସ୍ତା ନିର୍ମାଣରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟା ସମ୍ପର୍କରେ ଅକ୍ଷୟ କୁମାର ମିଶ୍ର ଏବଂ କାର୍ତ୍ତିକ ବିଶ୍ୱାଳ ପ୍ରମୁଖ ଗ୍ରାମବାସୀ ବିଭିନ୍ନ ସମୟରେ ଅନଲାଇନରେ ପଞ୍ଜିକରଣ କରିଥିଲେ। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ମିଛ ଉତ୍ତରରେ କେବଳ ଆଂଶିକ କାର୍ଯ୍ୟ ଆରମ୍ଭ ହୋଇଥିବା ଏବଂ ଅବଶିଷ୍ଟ କାର୍ଯ୍ୟ ପରବର୍ତ୍ତୀ ଆର୍ଥିକ ବର୍ଷରେ କରାଯିବ ବୋଲି ଉଲ୍ଲେଖ କରାଯାଇ ଅଭିଯୋଗକୁ ସମାଧାନ ହୋଇ ଯାଇଛି ବୋଲି ମିଛ କୁହାଯାଉଛି। ବେତନଟୀ ବିଡିଓଙ୍କୁ ଯେଉଁ ଅଭିଯୋଗ ଅକ୍ଷୟ କୁମାର ମିଶ୍ରଙ୍କ ଦ୍ୱାରା କରାଯାଇଥିଲା ସେହି ଅଭିଯୋଗରେ କୁହାଯାଇଛି ଯେ, ଖୁଣ୍ଟାପୁର ଡାକଘରଠାରୁ ବୈଶିଙ୍ଗା-ରୂପସା ରାସ୍ତା ପର୍ଯ୍ୟନ୍ତ ସି.ସି. ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। କିନ୍ତୁ ବେତନଟୀ ବ୍ଲକର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଏଏଇ)ଙ୍କ ପକ୍ଷରୁ ଦିଆଯାଇଥିବା ଉତ୍ତରରେ କୁହାଯାଇଛି ଯେ, ୧.୫ କିମି ରାସ୍ତାର ମାତ୍ର ୩୦୦-୪୦୦ ମିଟର ଅଂଶ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (ଏମଜିଏନଆରଇଜିଏସ) ଅଧୀନରେ କଚ୍ଚା ରାସ୍ତାକୁ ମେଟାଲ ମୋରମ ପକାଇ ଉନ୍ନୀତ କରାଯାଇଛି। ଅବଶିଷ୍ଟ ଅଂଶ ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ବାସ୍ତବରେ ସେଠାରେ କୌଣସି ରାସ୍ତା କାମ ହୋଇନାହିଁ। କେବଳ ମିଛ ଡାଟା ଦେଇ ଲୋକଙ୍କୁ ଭକୁଆ ବନାଯାଉଛି ବୋଲି ଅକ୍ଷୟ କୁମାର ମିଶ୍ର ଅଭିଯୋଗ କରିଛନ୍ତି। ସେହିପରି କାର୍ତ୍ତିକ ବିଶ୍ୱାଳଙ୍କ ଅଭିଯୋଗ ପଞ୍ଜିକରଣ ନମ୍ବର ଉପରେ ଏଏଇ ସୌମ୍ୟଶ୍ରୀ ଭୋଇଙ୍କ ପକ୍ଷରୁ ଉତ୍ତରରେ କୁହାଯାଇଛି ଯେ, ବନ୍ୟା କ୍ଷତିଗ୍ରସ୍ତ ରାସ୍ତା ନିର୍ମାଣ ଯୋଜନା ଅଧୀନରେ ଦିଘାନଗର ପୋଖରୀ ଠାରୁ ସତ୍ୟସାଇ ବିଦ୍ୟାପୀଠ ପର୍ଯ୍ୟନ୍ତ ଏକ ଛୋଟ ଅଂଶରେ ସି.ସି. ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଅବଶିଷ୍ଟ ଗ୍ରାମୀଣ ରାସ୍ତା ନିର୍ମାଣ ପାଇଁ ପରବର୍ତ୍ତୀ ଯୋଜନାରେ ବିଚାର କରାଯିବ ବୋଲି ଉଲ୍ଲେଖ କରାଯାଇଛି; ଯାହା ସମ୍ପୂର୍ଣ୍ଣ ମିଛ। ଖୁଣ୍ଟାପୁର ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସେମାନଙ୍କ ଦ୍ୱାରା ପ୍ରସ୍ତାବିତରାସ୍ତା ଗ୍ରାମର ସଂଯୋଗୀକରଣ ପାଇଁ ଅତ୍ୟନ୍ତ ଗୁରୁତ୍ୱ। କଚ୍ଚା ରାସ୍ତା ଯୋଗୁଁ ବର୍ଷା ଋତୁରେ ଯାତାୟାତରେ ଅନେକ ଅସୁବିଧା ହେଉଛି, ବିଶେଷ କରି ସ୍କୁଲ ଯାଉଥିବା ଛାତ୍ରଛାତ୍ରୀ ଏବଂ ବୟସ୍କ ଲୋକଙ୍କ ପାଇଁ। ଗ୍ରାମବାସୀମାନେ ପ୍ରଶ୍ନ ଉଠାଇଛନ୍ତି ଯେ, ବାରମ୍ବାର ଅଭିଯୋଗ ପରେ ମଧ କାହିଁକି ସମ୍ପୂର୍ଣ୍ଣ ରାସ୍ତା ନିର୍ମାଣ କରାଯାଉନାହିଁ? ଏହାକୁ ଆଂଶିକ ଭାବେ ନିର୍ମାଣ କରି ଥିବା ଦର୍ଶାଇ ବେତନଟୀ ବ୍ଲକ୍ ବିଡିଓ ଓ ଏଏଇ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ସେହିଭଳି ବେତନଟୀ ବ୍ଲକର ଏଏଇଙ୍କ ଦୁଇଟି ଉତ୍ତର (୫ ଡିସେମ୍ବର ୨୦୨୩ ଓ ୧୯ ନଭେମ୍ବର ୨୦୨୪) ଏକାଧିକ ଅଭିଯୋଗରେ ଏକା ପ୍ରକାର ଉତ୍ତର ବା ପ୍ରତିଶ୍ରୁତି ଦେଇଛନ୍ତି, ଯେଉଁଥିରେ କେବଳ ଆଂଶିକ କାର୍ଯ୍ୟ ଆରମ୍ଭ ହୋଇଥିବା ଏବଂ ଅବଶିଷ୍ଟ କାର୍ଯ୍ୟ ପରବର୍ତ୍ତୀ ଆର୍ଥିକ ବର୍ଷରେ ହେବ ବୋଲି ଉଲ୍ଲେଖ ଅଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକର ବିଡିଓ ଓ ଏଏଇଙ୍କୁ ଖୁଣ୍ଟାପୁର ଗ୍ରାମବାସୀ ରାସ୍ତା ନିର୍ମାଣ ନେଇ ଯେଉଁ ଅଭିଯୋଗ ଦେଇଛନ୍ତି ତାହା ଏବଂ ବ୍ଲକ ପ୍ରଶାସନର ଉତ୍ତର ମଧ୍ୟରେ ଅସ୍ପଷ୍ଟତା ଓ ଅବହେଳା ସ୍ପଷ୍ଟ ବାରି ହେଉଛି। ଏହି ରାସ୍ତା ନିର୍ମାଣ ନ ହେବା ଯୋଗୁଁ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନଯାତ୍ରା ପ୍ରଭାବିତ ହେଉଛି।



## ଅବସରକାଳୀନ ଶ୍ରଦ୍ଧା ସମ୍ବର୍ଦ୍ଧନା ସଭା




ବଡ଼ସାହି, ୧୭ (ସମିସ): ବଡସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସର ପରିସରରେ ଏକ ଅବସରକାଳୀନ ଶ୍ରଦ୍ଧା ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ସଞ୍ଜୟ କୁମାର ଜେନା ଓ ସଭାପତି ରତିକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅବସର ଗ୍ରହଣ କରିଥିବା ବଡ଼ସାହି ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ବୀରେନ୍ଦ୍ର ପ୍ରଧାନ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଖା ଦଣ୍ଡପାଟଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ସହ ଶ୍ରଦ୍ଧା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆମନ୍ତ୍ରିତ ଅତିଥି ରୂପେ ବଡ଼ସାହି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଧିଆ ଚରଣ ମୁଣ୍ଡା, ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ସଭାପତି ରାଜେନ୍ଦ୍ର କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଚୀନ୍ଦ୍ର କୁମାର ବିଶ୍ୱାଳ, ବଡ଼ସାହି ବ୍ଲକ୍ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ଲଳିତ କୁମାର ମହାନ୍ତି, ଶିକ୍ଷକ ପ୍ରତିନିଧି ସଂଯୁକ୍ତା ରାଉତ, ଶ୍ରୀକୃଷ୍ଣ ମହାନ୍ତ ଓ ଉଜ୍ଜ୍ୱଳ କୁମାର ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷିକାଙ୍କ ସୁଗୁଣାବଳୀର ସ୍ମୃତିଚାରଣ କରିଥିଲେ।

## ଭୁବନ କଂଗ୍ରେସର ମୟୂରଭଞ୍ଜ (ପଶ୍ଚିମାଞ୍ଚଳ) ସଭାପତି

କରଞ୍ଜିଆ, ୧୭ (ସମିସ): ସମାଜସେବୀ ତଥା ଟାଣୁଆ ନେତା ଭୁବନ ବିହାରୀ ସାହୁ ପୁଣି କଂଗ୍ରେସର ମୟୂରଭଂଜ ଜିଲ୍ଲା (ପଶ୍ଚିମାଞ୍ଚଳ) ସଭାପତି ଭାବେ ମନୋନୀତ ହୋଇଛନ୍ତି। ଶ୍ରୀ ସାହୁ ୧୯୭୪-୭୫ରୁ ଛାତ୍ର କଂଗ୍ରେସରେ ଯୋଗଦେଇ ବିଭିନ୍ନ ପଦ ପଦବୀରେ ରହି ଆସିଛନ୍ତି। ସେ ବିଭିନ୍ନ ସମୟରେ ଲ୍ୟାମ୍ପସ, ହାଉସିଂ ବୋର୍ଡ, ଆରଏମସିର ନିର୍ଦ୍ଦେଶକ ଭାବେ ମଧ କାର୍ଯ୍ୟ କରିଛନ୍ତି। ସେ ଏବେ ହାଉସିଂ ବୋର୍ଡର ନିର୍ଦ୍ଦେଶକ ଅଛନ୍ତି। ୧୯୯୨ରେ ସେ କଂଗ୍ରେସ ଦଳ ପକ୍ଷରୁ ଟିକଟ ପାଇ ନଗରପାଳ ଭାବେ ନିର୍ବାଚିତ ହୋଇଥିଲେ। କରଞ୍ଜିଆ ଏନଏସିର ଚାରିଥର କାଉନସିଲର ଭାବେ ନିର୍ବାଚିତ ହୋଇଛନ୍ତି। ସେ ପିସିସି ସଭାପତି ଭକ୍ତଚରଣ ଦାସ, ପ୍ରଭାରୀ ଅଜୟ ଲାଲୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଖବର ଜଣାପଡିବା ପରେ ତାଙ୍କ ବାସଭବନରେ ବହୁ କର୍ମୀ, ଶୁଭେଚ୍ଛୁ ଅଭିନନ୍ଦନ ଜଣାଇଥିଲେ।

## ସମୂହ ଛୁଟିରେ କେନ୍ଦୁଝର ଜିଲ୍ଲାର ଓଏଏସ୍ ଅଧିକାରୀ

କେନ୍ଦୁଝର, ୧୭ (ସମିସ): ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କ ଉପରେ ସମ୍ପ୍ରତି ହୋଇଥିବା ଆକ୍ରମଣର କଡ଼ା ପ୍ରତିକ୍ରିୟା ସ୍ୱରୂପ ଓଡ଼ିଶା ପ୍ରଶାସନିକ ସେବା ଆସୋସିଏସନ, କେନ୍ଦୁଝର ୟୁନିଟର ସମସ୍ତ ଓଏଏସ ଅଧିକାରୀ ସାମୂହିକ ଭାବେ ଅନିର୍ଦ୍ଦିଷ୍ଟକାଳ ପାଇଁ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଜିଲ୍ଲା ଓଏଏସ ସଂଘର ସଭାପତି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାର୍ବଜନୀନ ସେବାର ମର୍ଯ୍ୟାଦା ଉପରେ ଏକ ସ୍ପଷ୍ଟ ଆକ୍ରମଣ ବୋଲି ଘଟଣାକୁ ନିନ୍ଦା କରାଯାଇ କଠୋର ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ଘସିପୁରା ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

ଆନନ୍ଦପୁର, ୧୭ (ସମିସ): କେନ୍ଦୁଝର ଜିଲ୍ଲାର ଘସିପୁରା ତହସିଲଦାର ନିଜ ମନମାନିରେ ମାର୍ଗଦର୍ଶିକା ଜାରି କରିବା ମହଙ୍ଗା ପଡ଼ିଛି। ରାଜସ୍ୱ ବିଭାଗ ପକ୍ଷରୁ ତହସିଲଦାର ଅଭୟ କୁମାର ସ୍ୱାଇଁଙ୍କୁ ନୋଟିସ ଜାରି କରି ୧୫ ଦିନ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ହୋଇଛି। ଲୋକଙ୍କୁ ବାହାରେ ଚପଲ ରଖି ତହସିଲ ଭିତରକୁ ଆସିବାକୁ ଅଫିସ୍ ବାହାରେ ନୋଟିସ୍ ଲଗାଇଥିଲେ ତହସିଲଦାର। ଲୋକଙ୍କୁ ବସାଇବାକୁ ଚୌକି ଦେଉ ନଥିଲେ। ଖରାପ ବ୍ୟବହାର କରୁଥିଲେ। ଏ ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଆକ୍ସନକୁ ଆସିଛି ରାଜସ୍ୱ ବିଭାଗ।

## ସାଇଁକୁଳ ନେହରୁ ହାଇସ୍କୁଲର ପ୍ରତିଷ୍ଠା ଉତ୍ସବ



ରାମଚନ୍ଦ୍ରପୁର, ୧୭ (ସମିସ): ନେହରୁ ଉଚ୍ଚବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାବିତ ବିମ୍ବାଧର ପରିଡାଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଅନନ୍ତ ଚରଣ ସ୍ୱାଇଁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିବା ପରେ ବିଦ୍ୟାଳୟର ଦିବଂଗତ ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ଦ୍ୱିତୀୟ ବର୍ଷର ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୧୧ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟତମ ଅତିଥି ପ୍ରଦିପ ଚକ୍ର, ପ୍ରଧାନଶିକ୍ଷୟିତ୍ରୀ ଲିଲିମା ଖୁଣ୍ଟିଆ, ପୁରାତନ ଛାତ୍ର ହରିହର ବେହେରା, ଭିକାରୀ ଚରଣ କୁଅଁର, ନାରାୟଣ ଦାସ, ଅର୍ଜୁନ କର, ସିମାଦ୍ରୀ ଜେନା, ମୋହନ ଚରଣ ଚକ୍ର, ରବିନ୍ଦ୍ର ବେହେରା, ଗୌରାଙ୍ଗ ନାୟକ, କାସିମ ଖାଁ, ବେଣୁଧର ପରିଡା, ଶ୍ରୀକାନ୍ତ ସେନାପତି ଓ ଉମାକାନ୍ତ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଡ. ସନତ ରଥ ସଂଯୋଜନା କରିଥିବା ବେଳେ କାଳନ୍ଦୀ ପଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। କଳାକର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ସୁରେଶ ଚକ୍ର, ରମେଶ ଚକ୍ର, ସନ୍ତୋଷ ସ୍ୱାଇଁ, ଅଶୋକ ଘଡେଇ, ବ୍ରହ୍ମାନନ୍ଦ ସାମଲ, ଦୈତାରୀ ବିଶ୍ୱାଳ ଓ ବିଷ୍ଣୁ ସାମଲ ପ୍ରମୁଖ ସହଯୋଗ କରିଥିଲେ।

## ପାଣିରେ ବୁଡ଼ି ଶିଶୁକନ୍ୟା ମୃତ

ମହୁଲଡିହା, ୧୭ (ସମିସ): ମହୁଲଡିହା ଥାନା ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ ଜଣେ ଶିଶୁକନ୍ୟା ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛି। ମଙ୍ଗଳବାର ଅପରାହ୍ନରେ ଗ୍ରାମର ବିରଞ୍ଚି ମହାନ୍ତଙ୍କ ୫ ବର୍ଷର ଝିଅ ତୁଳସୀ ଘରଠାରୁ ଅଳ୍ପ ଦୂରରେ ସାଙ୍ଗମାନଙ୍କ ସହିତ ଖେଳି ଶୌଚ ହେବାକୁ ଗାଡ଼ିଆକୁ ଯାଇଥିଲା। ଏହି ସମୟରେ ଗାଡିଆ ପାଣିରେ ପଡି ବୁଡିଯାଇ ଥିଲା ତୁଳସୀ। ସେହି ସମୟରେ ଗାଁରେ କିଛି ଲୋକେ ପରିବାରକୁ ଖବର କରିଥିଲେ। ପାଣିରୁ ତୁଳସୀକୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଶ୍ରୀଗୁଣ୍ଡିଚା ମନ୍ଦିରରେ ବିପଦ ତାରିଣୀ ବ୍ରତ ପାଳିତ



ଖୁଣ୍ଟ, ୧୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଶୁକୁଳିଠାରେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ନବଦିନ ରହଣି ପାଇଁ ତିନି ଠାକୁର ଓ ଦେବ ସୁଦର୍ଶନ ନିକଟ ବଡାମତଳିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି। ପ୍ରଚଳିତ ପରମ୍ପରାନୁଯାୟୀ ରଥଯାତ୍ରା ଓ ବାହୁଡା ଯାତ୍ରା ମଧ୍ୟରେ ପଡୁଥିବା ମଙ୍ଗଳବାର ଏହି ଶ୍ରୀଗୁଣ୍ଡିଚା ମନ୍ଦିରରେ ଶତାଧିକ ମହିଳା ପରିବାର ତଥା ଆତ୍ମୀୟସ୍ୱଜନଙ୍କ ମଙ୍ଗଳ କାମନା କରି ନିଷ୍ଠାର ସହ ବିପଦ ତାରିଣୀ ବ୍ରତ ପାଳନ କରୁଛନ୍ତି। କାର୍ଯ୍ୟକ୍ରମରେ ପୁରୋହିତ ପଦ୍ମଲୋଚନ ଦାସଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ସମ୍ପନ୍ନ ହୋଇଛି।

## ବୃଦ୍ଧ ନିଖୋଜ; ଥାନାରେ ଅଭିଯୋଗ

ବେତନଟୀ, ୧୭ (ସମିସ): ବେତନଟୀ ଥାନା ମହୁଲିଆ ଇନ୍ଦିରାନଗର ସ୍କୁଲ ସମ୍ମୁଖ ନିଜ ବାସଭବନରେ ରାଧାମୋହନ ବାରିକ (୭୪) କିଛି ମାସ ହେଲା ନିଖୋଜ ହୋଇଯାଇଛନ୍ତି। ଏ ନେଇ ବେତନଟୀ ଥାନାରେ ଅଭିଯୋଗ ହୋଇଛି। ମାର୍ଚ୍ଚ ୩୧ ତାରିଖରେ ରାଧାମୋହନ ଘର ବାହାରେ ବସିଥିବା ବେଳେ ହଠାତ କୁଆଡେ ପଳାଇ ଯାଇଛନ୍ତି। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ପାଇନାହାନ୍ତି। ସେ ଯିବା ପୂର୍ବରୁ ଏକ ନାଲି ରଙ୍ଗର ଗାମୁଛା ପିନ୍ଧିଥିଲେ। ତାଙ୍କର ଉଚ୍ଚତା ପ୍ରାୟ ୫ଫୁଟ ୨ ଇଞ୍ଚ ହେବ। କୌଣସି ପତ୍ତା ନ ମିଳିବାରୁ ତାଙ୍କ ସ୍ତ୍ରୀ ସରସ୍ୱତୀ ବାରିକ ବେତନଟୀ ଥାନାରେ ଅଭିଯୋଗ କରିଛନ୍ତି; ହେଲେ ଇତିମଧ୍ୟରେ ଅଢେଇ ମାସ ବିତିଯାଇଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିପାରିନାହିଁ।

## ମାଟିବନ୍ଧରୁ ଝରୁଛି ପାଣି; ନିଷିଦ୍ଧାଞ୍ଚଳ ଘୋଷଣା

ନାରଦପୁର, ୧୭ (ସମିସ): ଯୋଡ଼ା ବ୍ଲକ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପରେ ମୁଖ୍ୟ ଗେଟ୍ ନିର୍ମାଣ ଚାଲିଥିବା ବେଳେ ସ୍ଲୁଇସ ଗେଟ୍‌କୁ ବନ୍ଦ କରି ଦେବାରୁ ଜଳଭଣ୍ଡାରରେ ଜଳସ୍ତର ପ୍ରଖର ବେଗରେ ବଢ଼ିବାରେ ଲାଗିଛି। ବନ୍ୟା ଜଳକୁ କେନାଲ ଗେଟ୍ ଦେଇ ବୈତରଣୀ ନଦୀରେ ଛଡ଼ା ଯାଉଛି। ତେବେ ଆଜି ହଠାତ୍ ମାଟି ବନ୍ଧ ମଝିରେ ପାଣି ଝରିବାକୁ ଲାଗିଲା। ବିଭାଗୀୟ



ପାଣି ବାହାରୁଥିବା ସ୍ଥାନରେ ପ୍ୟାକିଂ ଦେଇଥିବା ଦେଖିବାକୁ ମିଳିଛି। ଦୈନିକ ଜଳଭଣ୍ଡାର ଦେଖିବାକୁ ଆସୁଥିବା ଲୋକଙ୍କ ସୁରକ୍ଷା ପାଇଁ ନିଷିଦ୍ଧାଞ୍ଚଳ ଗେଟ୍ ଲଗା ଯାଇଛି।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରବେଶିକା ପାଇଁ ଫର୍ମ ବିକ୍ରି

ଚମ୍ପୁଆ, ୧୭ (ସମିସ): ଚମ୍ପୁଆରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପରେ ଆଜି ପ୍ରଥମ ଥର ଅଭିଭାବକଙ୍କୁ ଫର୍ମ ପ୍ରଦାନ କରାଯାଇଛି। ପ୍ରଥମ ଦିନରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨ ଶହ ସିଟ ପାଇଁ ୫୭ଟି ଫର୍ମ ବିକ୍ରି ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ହରମନ ଛୁରିଆ ସୂଚନା ଦେଇଛନ୍ତି।



ଆଜିଠାରୁ ଫର୍ମ ପ୍ରଦାନ କରାଯିବ ବୋଲି ପୂର୍ବରୁ ସୂଚନା ରହିଥିବା ବେଳେ ସକାଳ ପ୍ରାୟ ୮ଟା ସମୟରେ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପରିସରରେ ଖୋଲାଯାଇଥିବା ଅସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟାଳୟରେ ଅଭିଭାବକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଅଭିଭାବକମାନେ ଲାଇନରେ ଛିଡ଼ା ହୋଇ ଫର୍ମ ଗ୍ରହଣ କରିଥିଲେ।

# ଆନନ୍ଦପୁର ମହାବିଦ୍ୟାଳୟର ୭୨ତମ ପ୍ରତିଷ୍ଠା ଦିବସ

ଆନନ୍ଦପୁର, ୧୭ (ସମିସ)




### 'ସରକାରୀ ମାନ୍ୟତା ତୁରନ୍ତ ମିଳୁ'

ଆନନ୍ଦପୁର ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦାବିକୁ ଜୋର୍‌ଦାର କରିବା ଦିଗରେ ପ୍ରୟାସ ଆରମ୍ଭ କରାଯିବା ନେଇ ମହାବିଦ୍ୟାଳୟର ୭୨ତମ ପ୍ରତିଷ୍ଠା ଦିବସରେ ଦୃଢ଼ ମତ ପ୍ରକାଶ ପାଇଛି। କଲେଜର ଅଧ୍ୟକ୍ଷ ଡ. ନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ଆନନ୍ଦପୁରର ବିଧାୟକ ଅଭିମନ୍ୟୁ ସେଠୀ ଓ ସମ୍ମାନିତ ଅତିଥି ଭାବରେ ଆନନ୍ଦପୁର ପୌରପାଳିକା ଅଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ ଏବଂ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ ଶା ଯୋଗ ଦେଇଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପକ କାହ୍ନୁଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ପୁଷ୍ପଲତା ରାମ ଜଗନ୍ନାଥ ଭଜନ ପରିବେଷଣ କରିଥିଲେ। ପ୍ରଫେସର ଜଗନ୍ନାଥ ଶାଙ୍କୁ ମୁଖ୍ୟଅତିଥି ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଇତିହାସ ବିଷୟରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ଛାତ୍ରୀ ନେହା ମହାପାତ୍ର ଓ ଅର୍ଥନୀତି ବିଭାଗରେ ଛାତ୍ର ଶୁଭମ ଦାଶ ଓ ବେଷ୍ଟ ଇଣ୍ଟରମେଡିଏଟ ଭାବରେ ଇତିଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ପୂଜା ବେହେରାଙ୍କୁ ବଂଶୀଧର ପୁରସ୍କାର, ବିଷ୍ଣୁପ୍ରିୟା ମୁଦୁଲିଙ୍କୁ ଦୁର୍ଗାଚରଣ ପଣ୍ଡା ପୁରସ୍କାର ଏବଂ ହେମନ୍ତ ବେହେରାଙ୍କୁ ଦଧିବାମନଜୀଉ ପୁରସ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଗ୍ରାଜୁଏଟ ପୁରସ୍କାର ଓ ଜଗନ୍ନାଥ ଶା ପୁରସ୍କାର ସ୍ୱରୂପ ପାଞ୍ଚ ହଜାର ଟଙ୍କା ନଗଦ ରାଶି ପ୍ରଦାନ କରାଯାଇଥିଲା। ଉତ୍ସବରେ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ପୁରାତନ ଛାତ୍ର ସଂସଦ ସଭାପତି ରାମଚନ୍ଦ୍ର ସୁର, ପ୍ରଫେସର ଗଦାଧର ମିଶ୍ର, ସନ୍ତୋଷ ମିଶ୍ର, ଉମାକାନ୍ତ ନାୟକ, ପ୍ରାକ୍ତନ ନଗରପାଳ ରାମଚନ୍ଦ୍ର ସାହୁ, ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତ, ଶିବଚରଣ ବେହେରା, ଅନନ୍ତ ଚରଣ ମହାନ୍ତି, ଅକ୍ଷୟ କୁମାର ଗୁଇଁ, ମଧୁସୂଦନ ଶା, ପ୍ରଦୀପ ପାତ୍ର, କ୍ଷେତ୍ରବାସୀ ସାହୁ, ଘନଶ୍ୟାମ ସାହୁ, ବଳଭଦ୍ର ରଣା, ରାମନାରାୟଣ ମହାରଣା ପ୍ରମୁଖ ପୂର୍ବତନ ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଉତ୍ସବରେ ଡ. ନାରାୟଣ ମିଶ୍ର, ଡ଼. ନିମାଇଁ ଚରଣ ରାଉତ, ଡ଼. ଶକ୍ତିପ୍ରସାଦ ମହାପାତ୍ର, ଡ଼. ବଶିଷ୍ଠ କୁମାର ବେହେରା, ଡ଼. ରବୀନ୍ଦ୍ର ସାହୁ, ଡ଼.ଉତ୍ତମ କୁମାର ପାଣିଗ୍ରାହୀ, ରଘୁଦୀପ୍ତି ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ସୁଲେଖା ସାହୁ, ଭାରତୀ ସାହୁ, ସଂଘମିତ୍ରା ମିତାଶ୍ରୀ ବେହେରା, ଅଧ୍ୟାପକ ରଞ୍ଜନ କୁମାର ନାୟକ, ରତିକାନ୍ତ ଦାସ, ଆଦ୍ୟଦେବ ମହାନ୍ତି, ସତ୍ୟବ୍ରତ ସ୍ୱାଇଁ, ପ୍ରକାଶ ସାହୁ, ସତ୍ୟାନନ୍ଦ ନାୟକ, ବିଶ୍ୱଜିତ ରାଉତ, ଦିବ୍ୟରଞ୍ଜନ ସାହୁ, ଦେବବ୍ରତ ରାମ, ସୁଲୋଚନା ସାହୁ, ଅନିତା ଦାସ, ତନୁଶ୍ରୀ ପଣ୍ଡା, ମମତା ମିଶ୍ର, ପ୍ରଦୀପ ପୂର୍ତ୍ତି, ନାରାୟଣ ହେମ୍ବ୍ରମ, ଦେବାଶିଷ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ସାହୁ, ଭଗବାନ ସାହୁ, ଅଜିତ ଜେନା, ମନୋଜ ନାଏକ, ହେମା ଗୁପ୍ତା, ପ୍ରିୟସାରଥୀ ମହାପାତ୍ର, ଆଦ୍ୟଦେବ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ଚାରା ବଣ୍ଟନ କେନ୍ଦ୍ର ଉଦ୍‌ଘାଟିତ



ତେଲକୋଇ, ୧୭ (ସମିସ): କେନ୍ଦୁଝର ବନଖଣ୍ଡ ଅଧୀନ ତେଲକୋଇ ବନ ବିଭାଗ ପକ୍ଷରୁ ମଙ୍ଗଳବାର ୭୬ତମ ବନ ମହୋତ୍ସବ ଅବସରରେ ରେଞ୍ଜର ଶିବାଜୀ ମୋହନ ରାଓଙ୍କ ତତ୍ତ୍ୱାବଧାନରେ ତେଲକୋଇ ସେକ୍ସନ ଓ ବିମଳା ସେକ୍ସନ ତରଫରୁ ସୁଲଭ ଚାରା ବଣ୍ଟନ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ତେଲକୋଇ ସେକ୍ସନ ସୁଲଭ ଚାରା ବଣ୍ଟନ କେନ୍ଦ୍ରର ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ୨୦ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ କେଦାରଚନ୍ଦ୍ର ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକ, ତେଲକୋଇ ଥାନା ଆଇଆଇସି ଅଞ୍ଜନ କୁମାର ପାତ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପି ସତ୍ୟମ, ତେଲକୋଇ ସରପଞ୍ଚ ରଶ୍ମିତା ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଚାରା ବଣ୍ଟନ କେନ୍ଦ୍ରରେ ଅଞ୍ଚଳର ଲୋକମାନେ ୧ଟଙ୍କା ମୂଲ୍ୟରେ ଗଛକୁ କ୍ରୟ କରି ବୃକ୍ଷରୋପଣରେ ଅଗ୍ରଣୀ ଲାଭାନ୍ୱିତ ହୋଇପାରିବେ। ତେଲକୋଇ ବନପାଳ ମଳୟ ଜେନା, ପ୍ରମୋଦ ବେହେରା, ବନରକ୍ଷୀ ପ୍ରଭାତୀ ଦାସ, ପୂତୁଲୁ ନାୟକ, ଅଜିତ ଦାସ, ରଶ୍ମିତା ଶଙ୍ଖୁଆ ପରିଚାଳନା କରିଥିଲେ। ତେଲକୋଇ ଫରେଷ୍ଟ ବିଟର ଦୋବାଲାପାଳ ଉଚ୍ଚ ବିଦ୍ୟାଳୟ, କାଳିଆହତା ସେକ୍ସନର କେରାଙ୍ଗପାଳ ପ୍ରାଥମିକ ବିଦ୍ୟାଳୟ, ତାଳପଦା ସେକ୍ସନର ଭାଲିଆଡାଳ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ, କମିଟି ମେମ୍ବର, ସ୍ୱେଚ୍ଛାସେବୀ, ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଏଲ୍ଏଲ୍ବି ପାଇଁ ଆରମ୍ଭ ହେଲା ଆବେଦନ


ଭୁବନେଶ୍ୱର,୧।୭ (ସମିସ): ୩ବର୍ଷିଆ ଏଲ୍ଏଲ୍ବି ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୧୫ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଆବେଦନରେ କୌଣସି ତ୍ରୁଟି ଥିଲେ, ୧୬ରେ ସଂଶୋଧନ କରିପାରିବେ।ଜୁଲାଇ୨୧ତାରିଖରେ ପ୍ରଥମ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ୨୪ ତାରିଖ ମଧ୍ୟରେ ସ୍ଲାଇଡ୍/ଫ୍ରିଜ୍ ଅପସନ୍ ଦେବା ସହ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ପାରିବେ।୨୯ ତାରିଖରେ ଦ୍ୱିତୀୟ ତଥା ଫାଇନାଲ୍ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲକା ପ୍ରକାଶ ପାଇବାକୁ ଥିବା ବେଳେ ଅଗଷ୍ଟ ୧ତାରିଖ ମଧ୍ୟରେ ନାମଲେଖା ସରିବ। ପରେ ୫ ତାରିଖରେ ୱେଟିଂଲିଷ୍ଟ ପ୍ରକାଶ ପାଇବ। ଚୟନ ହୋଇଥିବା ଆଶାର୍ଥୀମାନେ ୭ ଓ ୮ ତାରିଖରେ ନାମ ଲେଖାଇବେ। ଅଗଷ୍ଟ ୧୧ ତାରିଖରୁ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନାମଲେଖା ପାଇଁ କୌଣସି ପ୍ରବେଶିକା ପରୀକ୍ଷା ହେବ ନାହିଁ। ମାର୍କ ଓ ସଂରକ୍ଷଣ ଆଧାରରେ ଚୟନ କରାଯିବ। ସୂଚନାଯୋଗ୍ୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ୟୁନିଭର୍ସିଟି ଆଇନ୍ ମହାବିଦ୍ୟାଳୟ ଓ ବ୍ରହ୍ମପୁରସ୍ଥିତ ଲିଙ୍ଗରାଜ ଆଇନ୍ ମହାବିଦ୍ୟାଳୟରେ ପଢ଼ିବା ପାଇଁ ଏହି ନାମଲେଖା ପ୍ରକ୍ରିୟା ହେବ।

**ଅଗଷ୍ଟ ୧୧ରୁ ପାଠପଢ଼ା**

# ଆମେରିକା ଓ ବୁଲଗେରିଆର ଦୁଇ ବିଶ୍ୱବିଦ୍ୟାଳୟ ସହ କିଟ୍‌ର ବୁଝାମଣା

ଭୁବନେଶ୍ୱର,୧।୭ (ସମିସ): ଶୈକ୍ଷିକସହଯୋଗ ନେଇ ବିଶ୍ୱର ଦୁଇ ପ୍ରମୁଖ ବିଶ୍ୱବିଦ୍ୟାଳୟ ସହ କିଟ୍ ବିଶ୍ୱବିଦ୍ୟାଳୟ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି। ଆଭାସୀ ମାଧ୍ୟମରେ ଆମେରିକାର ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ଓ ବୁଲଗେରିଆର ବର୍ଗାସ୍ ମୁକ୍ତ ବିଶ୍ୱବିଦ୍ୟାଳୟ ସହ କିଟ୍ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଶୈକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ପାରସ୍ପରିକ ବୁଝାମଣା ଏବଂ ସଦ୍‌ଭାବନାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି।

ଏହି ବୁଝାମଣା ଉଭୟ କିଟ୍ ଓ ଆମେରିକାନ୍ ୟୁନିଭର୍ସିଟି ଅଫ୍ ମାଲଟା ମଧ୍ୟରେ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ମିଳିତ ଗବେଷକ ବିନିମୟ ସହ ଅନେକ ପଦକ୍ଷେପକୁ ପ୍ରୋତ୍ସାହିତ ଏବଂ ସହଜ କରିବ। ଉଭୟ ବିଶ୍ୱବିଦ୍ୟାଳୟ ମିଳିତ ଗବେଷଣା, ଶିକ୍ଷାଗତ ପ୍ରକାଶନ ବିନିମୟ, ଗ୍ରୀଷ୍ମ ଏବଂ ଶୀତକାଳୀନ ଶିକ୍ଷା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ସହ ଅନ୍ୟାନ୍ୟ ପାରସ୍ପରିକ ସମ୍ମତିଭିତ୍ତିକ ଶିକ୍ଷାଗତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟରେ ମଧ୍ୟ ସହଯୋଗ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ ଏହି ବୁଝାମଣା ନିଶ୍ଚିତ ଭାବେ ଫଳପ୍ରଦ ହେବ ବୋଲି ଆଶାବ୍ୟକ୍ତ କରିଥିଲେ।



ଆମେରିକାନ ୟୁନିଭର୍ସିଟି ଅଫ୍ ମାଲଟାର ସଭାପତି ପ୍ରଫେସର ଇଆନ୍ ରୋବସନ୍, ମାଲଟାସ୍ଥିତ ଭାରତୀୟ ଉଚ୍ଚାୟୁକ୍ତ ଗ୍ଲୋରିଆ ଗାଙ୍ଗେ, ବୁଲଗେରିଆର ଭାରତୀୟ ରାଷ୍ଟ୍ରଦୂତ ଅରୁଣ କୁମାର ସାହୁ, ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଫେସର୍ ମିଲେନ ବାଲଟୋଭ, କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର୍ ଶରଣଜିତ ସିଂହ, କିଟ୍ ବିଶ୍ୱବିଦ୍ୟାଳୟ ଅନ୍ତର୍ଜାତୀୟ ବ୍ୟାପାର ବିଭାଗ ମହାନିର୍ଦ୍ଦେଶକ ଦେବରାଜ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର୍ ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ହାତୀ ଆକ୍ରମଣରେ ୬ ମାସରେ ଗଲାଣି ୩୩ ଜୀବନ**

# ଡିଏଫ୍ଓ ଅଫିସ୍ ଘେରିଲା ଜେଏମ୍ଏମ୍



ବାରିପଦା, ୧।୭ (ସମିସ): ହାତୀ ଉପଦ୍ରବରୁ ଜିଲ୍ଲାବାସୀଙ୍କ ସୁରକ୍ଷା ଦାବିରେ ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ବାରିପଦା ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଜେଏମ୍ଏମ୍ କର୍ମୀମାନେ ଏକାଠି ହୋଇ ପ୍ରତିବାଦ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବନଖଣ୍ଡ ଅଧିକାରୀ ଏ. ଉମା ମହେଶଙ୍କୁ ପ୍ରଦାନ କରିଛନ୍ତି।

ଦଳର ଅଭିଯୋଗ ହେଲା, ମୟୂରଭଞ୍ଜ ଜିଲ୍ଲାର ଆଦିବାସୀମାନେ ଚାଷ କରିବା ସହ ବଣ ପାହାଡ଼ରୁ ମହୁ, ଲାଖ, ଝୁଣା, ପତ୍ର ଆଦି ବନ୍ୟଜାତ ସାମଗ୍ରୀ ସଂଗ୍ରହ କରି ଜୀବିକା ନିର୍ବାହ କରିଥାନ୍ତି। କିନ୍ତୁ କିଛି ବର୍ଷ ହେବ ଜିଲ୍ଲାରେ ହାତୀ ଉପଦ୍ରବ ବଢ଼ୁଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ କରିବାରେ ବନବିଭାଗ ବିଫଳ ହୋଇଛି। ସରକାରୀ ତଥ୍ୟ ଅନୁସାରେ, ଗତ ୬ମାସ ମଧ୍ୟରେ ହାତୀ ଆକ୍ରମଣରେ ୩୩ ଜଣଙ୍କ ଜୀବନ ଗଲାଣି। ଫଳରେ ସଂପୃକ୍ତ ଅଞ୍ଚଳର ଲୋକେ ଶାନ୍ତିରେ ଜୀବନ ଯାପନ କରି ପାରୁନାହାନ୍ତି। ତେଣୁ ଏହାର ସ୍ଥାୟୀ ସମାଧାନ କରାଯାଉ ବୋଲି ଜେଏମ୍ଏମ୍ ଦାବି କରିଛି। ମାସେ ମଧ୍ୟରେ ଦାବି ପୂରଣ ନ ହେଲେ, ପୁଣି ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

ଏହି ବିକ୍ଷୋଭରେ ଦଳର ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟ ପରିଷଦ ସଦସ୍ୟ ସନାତନ ମୁର୍ମୁ, କେନ୍ଦ୍ରୀୟ ସଭ୍ୟ ଦିବାକର ସୋରେନ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, ତରେନ କୁମାର ସେନାପତି, ସୁଜିତ ବେହେରା, ପ୍ରିୟରଞ୍ଜନ ସୋରେନ, ଦୁର୍ଗା ସୋରେନ, ବିକ୍ରମ ମୁର୍ମୁ, ଶିରୀଷ ଟୁଡ୍ଡୁ, ଦାଖିନ ମୁର୍ମୁଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ। ଅପରପକ୍ଷରେ ରାସଗୋବିନ୍ଦପୁର ବ୍ଲକର ବଡ଼ଗାଁ ପଞ୍ଚାୟତର ସମିତି ସଭ୍ୟ ବରେନ୍ଦ୍ର ରାମ ଶତାଧିକ କର୍ମୀ ଦଳରେ ଯୋଗଦାନ କରିଛନ୍ତି।

# ରାଜପଥରେ ଟ୍ୟାଙ୍କର୍‌ରୁ ଗ୍ୟାସ୍ ଲିକ୍

## ଲୋକେ ଭୟଭୀତ; ଅଟକି ରହିଛି ବହୁ ଗାଡ଼ି

ସାରସକଣା/ଜାମଶୋଳା, ୧।୭ (ସମିସ): ସାରସକଣା ବ୍ଲକ୍ ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଜାମଶୋଳା ନିକଟ ଜିଓ ପେଟ୍ରୋଲ ପମ୍ପ ସମ୍ମୁଖରେ ଏକ ପ୍ରୋପିଲିନ୍ ଗ୍ୟାସ୍ ଭର୍ତ୍ତି ଟ୍ୟାଙ୍କର୍‌ରୁ ଗ୍ୟାସ୍ ଲିକ୍ ହେବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଓଡ଼ିଶା-ଝାଡ଼ଖଣ୍ଡ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଧାରା ୧୬୩ ଜାରି କରାଯାଇଛି। ଏହି ଗ୍ୟାସ୍ ବିଷାକ୍ତ କି ସାଧାରଣ,



ତାହା ଜାଣିବା ପାଇଁ ବାଲେଶ୍ୱରରୁ ବିଶେଷଜ୍ଞଙ୍କୁ ଡକାଯାଇଛି। ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀର ବ୍ୟବସ୍ଥା କରାଯିବା ସହ ୨କିମି ଯାଏ ଅଞ୍ଚଳକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଛି। ଏହାସହ ସ୍ଥାନୀୟ ଲୋକଙ୍କୁ ଘରୁ ନ ବାହାରିବାକୁ ନିବେଦନ କରାଯାଇଛି। ଶାନ୍ତି ଏବଂ ସହଯୋଗ ବଜାୟ ରଖିବା ସହ ଗୁଜବରେ ଧ୍ୟାନ ନଦେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଅପରପକ୍ଷେ, ଏଥିଯୋଗୁଁ ରାଜପଥରେ ଶହଶହ ଯାନବାହନ ଅଟକି ରହିଛି। ବାହାରାଗୋଡ଼ା ଥାନା ପ୍ରଭାରୀ ଏବଂ ଜୋନାଲ ଅଧିକାରୀ ସକାଳଠାରୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି।

**■ +୩ ତୃତୀୟ ରାଉଣ୍ଡ ମେଧା ତାଲିକା**


# ୨ ରାଉଣ୍ଡ ପରେ ନାମଲେଖାରୁ ଦୂରେଇ ରହିଲେ ୫୦% ପିଲା


ଭୁବନେଶ୍ୱର, ୧।୭ (ସମିସ): +୩ ନାମଲେଖା ପାଇଁ ତୃତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଛି। ସମୁଦାୟ ୪୯,୮୧୮ ପିଲା ଚୟନ ହୋଇଛନ୍ତି। ତନ୍ମଧ୍ୟରେ ୨୧,୦୨୩ ଛାତ୍ର ଥିବା ବେଳେ ୨୮,୭୯୨ ଛାତ୍ରୀ ଓ ୩ଜଣ ତୃତୀୟ ଲିଙ୍ଗୀ ରହିଛନ୍ତି। ପୂର୍ବପରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ପସନ୍ଦ ପାଲଟିଛି। କଳା, ବିଜ୍ଞାନ ସମେତ ବାଣିଜ୍ୟରେ ସର୍ବାଧିକ କଟ୍-ଅଫ୍ ଯାଇଛି। ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ଫ୍ରିଜ୍ ଅପସନ୍ ଦେଇ ନାମ ଲେଖାଇବାକୁ ବାଧ୍ୟ। ଅନ୍ୟଥା ସମ୍ପୂର୍ଣ୍ଣ ନାମଲେଖା ପ୍ରକ୍ରିୟାରୁ ବାଦ୍ ପଡ଼ିବେ। ଅପରପକ୍ଷେ, ପ୍ରଥମ ଦୁଇଟି ରାଉଣ୍ଡରେ ମୋଟ୍ ୨ଲକ୍ଷ ୨୧ହଜାର ୨୨୪ ପିଲା ଚୟନ ହୋଇଥିବା ବେଳେ ମାତ୍ର ୧ଲକ୍ଷ ୯ ହଜାର ୪୦୦ ଜଣ ନାମ ଲେଖାଇଛନ୍ତି। ଅର୍ଥାତ୍ ୫୦%ରୁ ଅଧିକ ପିଲା ନାମ ଲେଖାଇନାହାନ୍ତି। ଏହି ରାଉଣ୍ଡରେ ଚୟନ ହୋଇଥିବା ପିଲାମାନେ ୪ ତାରିଖ ମଧ୍ୟରେ ନାମ ଲେଖାଇପରିବେ। ଏହା ପରେ ୱେଟିଂଲିଷ୍ଟ ରାଉଣ୍ଡ ପାଇଁ ଜୁଲାଇ ୭ରୁ ୧୦ତାରିଖ ମଧ୍ୟରେ ଆବେଦନ ହେବ। ୧୨ ତାରିଖରେ ଇ-ସ୍ପେସ୍‌ରେ ଓ ୧୩ତାରିଖରେ ଚୟନ ହୋଇଥିବା ଶିକ୍ଷାନୁଷ୍ଠାନର ନୋଟିସ୍ ବୋର୍ଡରେ ମେଧା ତାଲିକା ପ୍ରକାଶ ପାଇବ। ୧୫ତାରିଖରେ ନାମଲେଖା ହେବ। +୨ ଇନ୍‌ଷ୍ଟାଣ୍ଟ ଓ ସପ୍ଲିମେଣ୍ଟାରୀ ପରୀକ୍ଷାଫଳ ବାହାରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

**ନାମଲେଖା ପାଇଁ ୪୯,୮୧୮ ଚୟନ**

# ଇସ୍ରୋ ବୁଲିଲେ ସୌମ୍ୟ ଓ ପ୍ରୀତିକା

ଢେଙ୍କାନାଳ,୧।୭ (ସମିସ): ତାଳଚେର ଏମ୍‌ସିଏଲ ସ୍ଥିତ ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ପ୍ରୀତିକା ପ୍ରିୟଦର୍ଶିନୀ ଏବଂ ଅନୁଗୋଳ ଜିଲ୍ଲା ବଁଅରପାଳସ୍ଥିତ ପଞ୍ଚଗଡ଼ ବିଜୟ କୁମାର (ପିବିକେ) ସରକାରୀ ହାଇସ୍କୁଲର ଛାତ୍ର ସୌମ୍ୟରଞ୍ଜନ ସାହୁ ବେଙ୍ଗାଲୁରସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପରିଭ୍ରମଣ କରିଛନ୍ତି। ଇସ୍ରୋର ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟୱର୍କ (ଇଷ୍ଟ୍ରାକ) ଏବଂ ୟୁଆରଓ ସାଟେଲାଇଟ ସେଣ୍ଟର (ୟୁଆରଏସସି) ପରଦର୍ଶନ କରିବାର ସୁଯୋଗ ପାଇଛନ୍ତି। ଟାଟାଷ୍ଟିଲ୍ ଜ୍ୟୋର୍ତିବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍ସ) ୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ୨ ଛାତ୍ରଛାତ୍ରୀ ମନୋନୀତ ହୋଇ ଇସ୍ରୋ ପରିଭ୍ରମଣର ସୁଯୋଗ ପାଇଥିଲେ। ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଉପସଚିବ ଏବଂ ପଠାଣିସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା ଏବଂ ଟାଟାଷ୍ଟିଲର ଅଧିକାରୀଙ୍କ ସହିତ ଛାତ୍ରଛାତ୍ର ଓ ସେମାନଙ୍କ ଅଭିଭାବକମାନେ ୨୦୨୫ ମେ' ୨୪ରେ ବେଙ୍ଗାଲୁର ଯାତ୍ରା କରିଥିଲେ। ୨୦୨୫ ମେ' ୨୮ରେ ପରିଭ୍ରମଣ ସାରି ଫେରିଥିଲେ। ତାଳଚେରର ଆଲୋକକୁମାର ସାହୁ ଏବଂ ପ୍ରଭାତୀ ସାହୁଙ୍କ ଝିଅ ପ୍ରତିକା କହିଛନ୍ତି, ମୂଲ୍ୟାୟନରୁ ଆରମ୍ଭ କରି ପରିଦର୍ଶନ ପର୍ଯ୍ୟନ୍ତ ସମଗ୍ର ଯାତ୍ରା ବେଶ୍ ଉତ୍ସାହଜନକ ଥିଲା। ଏଥିରୁ ଅନେକ ଜ୍ଞାନ ଆହରଣ କରିପାରିଛୁ।





# ବିଶ୍ୱ ବାଣିଜ୍ୟ

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୬୫ ● ପାଉଣ୍ଡ ୧୧୭.୭୧
- ୟୁରୋ ୧୦୧.୮୮ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୯,୩୧୩ (ନୂଆଦିଲ୍ଲୀ)
- ରୁପା : ୧,୧୨,୬୦୦ (କେଜି)

## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୬୯୭.୦୦
- ନିଫ୍ଟି ୨୫,୫୪୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପ୍ରତି ଭାରତୀୟଙ୍କ ମୁଣ୍ଡରେ ୪.୮ ଲକ୍ଷ ଋଣ

ନୂଆଦିଲ୍ଲୀ,୧।୭ (ଏଜେନ୍ସି)

ଭାରତର ପ୍ରତ୍ୟେକ ବ୍ୟକ୍ତିଙ୍କ ମୁଣ୍ଡପିଛା ହାରାହାରି ଋଣ ୪.୮ ଲକ୍ଷ ଟଙ୍କା। ୨୦୨୩ ମାର୍ଚ୍ଚରେ ଏହା ୩.୯ ଲକ୍ଷ ଟଙ୍କା ଥିଲା। ତେବେ କୌତୂହଳର ବିଷୟ ହେଉଛି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଭାରତୀୟଙ୍କ ଉପରେ ମୁଣ୍ଡ ପିଛା ଋଣ ପରିମାଣରେ ୨୩% ବୃଦ୍ଧି ଘଟିଛି। ଅର୍ଥାତ୍ ପ୍ରତ୍ୟେକ ଭାରତୀୟଙ୍କ ହାରାହାରି ଋଣ ୯୦,୦୦୦ ଟଙ୍କା ବୃଦ୍ଧି ପାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଜୁନ୍‌ର ଆର୍ଥିକ ସ୍ଥିରତା ରିପୋର୍ଟରେ ଏହି ସୂଚନା ଦିଆଯାଇଛି।

ଭାରତୀୟଙ୍କ ଉପରେ ବଢ଼ୁଥିବା ଋଣ ଏହା ଦର୍ଶାଉଛି ଯେ ଦେଶରେ ଲୋକମାନେ ପୂର୍ବ ଅପେକ୍ଷା ଅଧିକ ଋଣ ନେଉଛନ୍ତି। ଏଥିରେ ଗୃହ ଋଣ, ବ୍ୟକ୍ତିଗତ ଋଣ, କ୍ରେଡିଟ୍ କାର୍ଡ ଦେୟ ଏବଂ ଅନ୍ୟାନ୍ୟ ଖୁଚୁରା ଋଣ ଅନ୍ତର୍ଭୁକ୍ତ। ବ୍ୟକ୍ତିଗତ ଋଣ ଏବଂ କ୍ରେଡିଟ୍ କାର୍ଡ ଦେୟ ଭଳି ଅଣ-ଗୃହ ଖୁଚୁରା ଋଣ ସର୍ବାଧିକ ବୃଦ୍ଧି ପାଇଛି। ଏହି ଋଣଗୁଡ଼ିକ ମୋଟ ଘରୋଇ ଋଣର ୫୪.୯%। ଏହା ଖର୍ଚ୍ଚଯୋଗ୍ୟ ଆୟର ୨୫.୭%। ଏଥିରେ ଗୃହ ଋଣର ଭାଗ ୨୯%। ତେବେ ଏଥିରେ ଅଧିକାଂଶ ଲୋକ ପୂର୍ବରୁ ଋଣ ନେଇସାରିଛନ୍ତି ଏବଂ ପୁଣି ନେଉଛନ୍ତି। ଅପରପକ୍ଷେ ଆର୍‌ବିଆଇ ଅନୁଯାୟୀ, ଭାରତର ମୋଟ ଜିଡିପିର ୪୨% ଋଣ। ଭାରତରେ ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି, ଯାହାର ଅର୍ଥ ସେମାନଙ୍କଠାରୁ ଟଙ୍କା ହରାଇବାର ଆଶଙ୍କା କମ୍। ରିଜର୍ଭ ବ୍ୟାଙ୍କ କହିଛି ଯେ ବର୍ତ୍ତମାନ ଏହି ଋଣରୁ କୌଣସି ବଡ଼ ବିପଦ ନାହିଁ। ଅଧିକାଂଶ ଋଣଗ୍ରହୀତାଙ୍କ ଭଲ ରେଟିଂ ଅଛି। ସେମାନେ ଋଣ ପରିଶୋଧ କରିବାକୁ ସକ୍ଷମ।





କ୍ଷୁଦ୍ର ଆର୍ଥିକ କ୍ଷେତ୍ରରେ (କ୍ଷୁଦ୍ର ଋଣ ଗୋଷ୍ଠୀ) ଋଣଗ୍ରହୀତାଙ୍କ ହାରାହାରି ଦେୟ ୧୧.୭%କୁ ହ୍ରାସ ପାଇଛି, କିନ୍ତୁ ୦୨୫ ର ଦ୍ୱିତୀୟାର୍ଦ୍ଧରେ ଚାପଗ୍ରସ୍ତ ସମ୍ପତ୍ତି ସଂଖ୍ୟା ବୃଦ୍ଧି ପାଇଛି। ଆର୍‌ବିଆଇ କହିଛି ଯେ କ୍ଷୁଦ୍ର ଆର୍ଥିକ କମ୍ପାନୀଗୁଡ଼ିକ ଅଧିକ ସୁଧ ହାର ଏବଂ ଲାଭାଂଶ ଆଦାୟ କରୁଛନ୍ତି। ଯାହା ଋଣଗ୍ରହୀତାଙ୍କ ପାଇଁ ପରିଶୋଧ କରିବା କଷ୍ଟକର ହେଉଛି। ୨୦୨୫ ମାର୍ଚ୍ଚ ସୁଦ୍ଧା, ଅନ୍ୟ ଦେଶମାନଙ୍କ ପ୍ରତି ଭାରତର ଋଣ / ବାହ୍ୟ ଋଣ ୭୩୬.୩ ବିଲିୟନ ଡଲାର ଥିଲା, ଯାହା ଗତ ବର୍ଷ ତୁଳନାରେ ୧୦% ଅଧିକ।

**■ ୨୦୨୩ରେ ଥିଲା ୩.୯ ଲକ୍ଷ ଋଣ**
**■ ଦୁଇ ବର୍ଷରେ ଋଣ ୨୩% ବଢ଼ିଛି**

# ଆଦାନୀ ଓ ଇସ୍କନ୍‌ର ମିଳିତ ସହଯୋଗରେ ରଥଯାତ୍ରାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ



ଭୁବନେଶ୍ୱର,୧।୭ (ସମିସ): ଚଳିତ ବର୍ଷ ପୁରୀ ରଥଯାତ୍ରା ଆଦାନୀ ଗ୍ରୁପ ଏବଂ ଇସ୍କନ ମଧ୍ୟରେ ଏକ ଅନନ୍ୟ ସହଯୋଗ ସ୍ଥାପନ ହୋଇ ଶ୍ରଦ୍ଧାଳୁ ତଥା ସ୍ୱେଚ୍ଛାସେବୀମାନଙ୍କୁ ପ୍ରସାଦ ସେବନ କରାଇବାର ଦାୟିତ୍ୱ ତୁଲାଇଛନ୍ତି। ଗତ ୩ ଦିନ ହେବ ରଥଯାତ୍ରାରେ ଆଦାନୀ ଗ୍ରୁପ ତଥା ଇସ୍କନର ମିଳିତ ସହଯୋଗରେ ଏହି ପ୍ରସାଦ ସେବା ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଛି। ଏହି ପ୍ରସାଦରେ ଅନ୍ନ, ଦହି ଭାତ, ରୁଟି, ପରିବା ତରକାରୀ, ଡାଲି, ପାୟସମ୍, ଗୁଲାବ୍ ଜାମୁନ, ଏବଂ ହାଲୱା ଆଦି ଅନ୍ତର୍ଭୁକ୍ତ। ଏହା କେବଳ ଶ୍ରଦ୍ଧାଳୁମାନଙ୍କ ପେଟ ପୁରିବା ପାଇଁ ନୁହେଁ ବରଂ ଖରାରେ ଦୀର୍ଘ ବାଟ ଅତିକ୍ରମ କରି ଆସୁଥିବା ଲୋକଙ୍କ ପୁଷ୍ଟିକର ଆବଶ୍ୟକତାକୁ ମଧ୍ୟ ପୂରଣ କରିବାରେ ସାହାଯ୍ୟ କରିଥିଲା। ପ୍ରତ୍ୟେକ ଥାଳିରେ ପ୍ରାୟ ୭୦୦ ରୁ ୯୦୦ କ୍ୟାଲୋରୀ, ୨୦ ଗ୍ରାମରୁ ଅଧିକ ପ୍ରୋଟିନ ଏବଂ ଫାଇବର, ଭିଟାମିନ ଏବଂ ଅତ୍ୟାବଶ୍ୟକ ଖଣିଜ ତତ୍ତ୍ୱର ଏକ ପୌଷ୍ଟିକ ମିଶ୍ରଣ ବିତରଣ କରାଯାଇଥିଲା। ତାଳବଣିଆ ବସଷ୍ଟାଣ୍ଡଠାରୁ ପୁରୀ ରେଳ ଷ୍ଟେସନ, ଗୁଣ୍ଡିଚା ମନ୍ଦିର ନିକଟ, ସ୍ୱର୍ଗଦ୍ୱାର ଜଙ୍କସନ୍, ବଗଲା ଧର୍ମଶାଳା, ଦିଗବାରେଣୀ ପାର୍କିଂ ଏବଂ ଦୁଧୱାଲା ଧର୍ମଶାଳା ଭଳି ପ୍ରମୁଖ ସ୍ଥାନଗୁଡ଼ିକରେ ସ୍ୱେଚ୍ଛାସେବୀମାନେ ନମ୍ରତାର ସହ ସକାଳ ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନଙ୍କୁ ଖାଦ୍ୟ ପରିବେଷଣ କରୁଛନ୍ତି। ଖାଦ୍ୟ ପରିବେଷଣରେ କୌଣସି ପ୍ରକାର ଥର୍ମୋକୁଲ କିମ୍ବା ପ୍ଲାଷ୍ଟିକ୍ ର ବ୍ୟବହାର କରାଯାଇନଥିଲା ବେଳେ ଜୈବ ବିଘଟନଶୀଳ କାଗଜପ୍ଲେଟ୍ର ବ୍ୟବହାର କରାଯାଉଛି।

# ରଥଯାତ୍ରାରେ ଅଲଟ୍ରାଟେକ୍ ସିମେଣ୍ଟ 'ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ'ରେ ପାଇଲା ସ୍ଥାନ

ଭୁବନେଶ୍ୱର,୧।୭ (ସିମସ): ଚଳିତ ରଥଯାତ୍ରାରେ, ପୁରୀ ସମୁଦ୍ର ବେଳାଭୂମିରେ ସବୁଠାରୁ ବଡ଼ ଆନାମର୍ଫିକ୍ ସମନ୍ୱିତ ଗୃହ ସ୍ଥାପନା ପାଇଁ ଅଲଟ୍ରାଟେକ୍ ସିମେଣ୍ଟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପାଇଲା ସ୍ଥାନ। ଏହି ଐତିହାସିକ ସଫଳତାରେ ସିମେଣ୍ଟ ବ୍ରାଣ୍ଡ ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ପ୍ରତିଷ୍ଠିତ ପୁରୀ ସମୁଦ୍ର ବେଳାଭୂମିରେ ସର୍ବବୃହତ ଆନାମର୍ଫିକ୍ ଡିସ୍‌ପ୍ଲେ ସମନ୍ୱିତ ଗୃହ ସ୍ଥାପନ କରି ଆନୁଷ୍ଠାନିକ ଭାବରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ପ୍ରବେଶ କରିଛି, ଯାହା ୨୦୨୫ ରଥଯାତ୍ରାର ମହାନ ଉତ୍ସବ ସମୟରେ ନବସୃଜନ, ଡିଜାଇନ୍ ଏବଂ ଗଠନାତ୍ମକ ଉତ୍କର୍ଷତାର ଏକ ଅନନ୍ୟ ମିଶ୍ରଣକୁ ରଚନା କରିଛି। ସନ୍ଧ୍ୟାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଯୁଗ୍ମ ସଭାପତି - ଜୋନାଲ ମୁଖ୍ୟ ଅମିତାଭ ପାଣ୍ଡେ ଅଲଟ୍ରାଟେକ୍ ସିମେଣ୍ଟ ବ୍ରାଣ୍ଡ ପକ୍ଷରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଏହି ସମ୍ମାନ ବିଶିଷ୍ଟ ଗଣମାଧ୍ୟମ ବ୍ୟକ୍ତିତ୍ୱ ଶ୍ରୀଯୁକ୍ତ ନରବିଜୟ ଯାଦବ ଏବଂ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ସରକାରୀ ପ୍ରତିନିଧି, ପ୍ରଦାନ କରିଥିଲେ। ରେକର୍ଡ କରିଥିବା ଏହି ସ୍ଥାପନା ଲ୍ଇଡି ମାଧ୍ୟମରେ ଏକ ଦୁଇ ମହଲା ବିଶିଷ୍ଟ କଂକ୍ରିଟ୍ ଘର ଗଠନ ରହିଛି ଯାହା ଏକ ଆଧୁନିକ ଭାରତୀୟ ଘର ସଦୃଶ ଡିଜାଇନ୍ କରାଯାଇଛି ଓ ଏକ ବାହ୍ୟ ଆନାମର୍ଫିକ୍ ୩ଡି ପ୍ରଦର୍ଶନ ସହିତ ସହଜରେ ସମନ୍ୱିତ ହୋଇଛି ଯାହା ଭାରତରେ ପ୍ରଥମ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ର ମାନ୍ୟତା ଦାୟିତ୍ୱ ନେଇଥିବା ନରବିଜୟ ଯାଦବ ବର୍ତ୍ତମାନ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପତ୍ରିକାର ସମ୍ପାଦକ ଭାବରେ କାର୍ଯ୍ୟ କରୁଛନ୍ତି।





# ନିଯୁକ୍ତିଭିତ୍ତିକ ପ୍ରୋତ୍ସାହନ ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ କେନ୍ଦ୍ର କ୍ୟାବିନେଟ ନିଯୁକ୍ତି ଭିତ୍ତିକ ପ୍ରୋତ୍ସାହନ (ଇଏଲଆଇ) ଯୋଜନାକୁ ଅନୁମୋଦନ ଦେଇଛି। ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ଏହି ଯୋଜନାରେ ଉତ୍ପାଦନ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦେଇ ସବୁ କ୍ଷେତ୍ରରେ ଚାକିରି ସୃଷ୍ଟି, ନିଯୁକ୍ତି ଯୋଗ୍ୟତା ଏବଂ ସାମାଜିକ ସୁରକ୍ଷା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଇଏଲଆଇ ଯୋଜନା ଅଧୀନରେ, ପ୍ରଥମ ଥର କାମ କରୁଥିବା ପାଇଁ କର୍ମଚାରୀମାନେ ଗୋଟିଏ ମାସର ଦରମା (୧୫,୦୦୦ ଟଙ୍କା ପର୍ଯ୍ୟନ୍ତ) ପାଇବେ। ନିଯୁକ୍ତିଦାତାମାନଙ୍କୁ ଦୁଇ ବର୍ଷ ଲାଗି ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା ପାଇଁ ପ୍ରୋତ୍ସାହନ ଦିଆଯିବ। ଉତ୍ପାଦନ କ୍ଷେତ୍ର ପାଇଁ ଲାଭକୁ ଦୁଇ ବର୍ଷ ପାଇଁ ବୃଦ୍ଧି କରାଯିବ। ମୋଟ ୨ ଲକ୍ଷ କୋଟି ଟଙ୍କାର ବଜେଟ୍ ବ୍ୟୟବରାଦ ସହିତ ୨୦୨୪-୨୫ କେନ୍ଦ୍ର ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜର ଅଂଶ ଭାବରେ ଇଏଲଆଇ ଯୋଜନା ଘୋଷଣା କରାଯାଇଥିଲା।

- **ଉତ୍ପାଦନ କ୍ଷେତ୍ରକୁ ଗୁରୁତ୍ୱ, ପ୍ରଥମ ଥର କାମ କରୁଥିବା ଲୋକଙ୍କୁ ପ୍ରୋତ୍ସାହନ**
- **ମିଳିବ ଦୁଇଟି କିସ୍ତିରେ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ମଜୁରୀ**

# ରଥଯାତ୍ରା ଉତ୍କଳ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୭ (ସମିସ): ରଥଯାତ୍ରା ଅବସରରେ ଉତ୍କଳ ବିଦ୍ୟୁତ କର୍ମଚାରୀ ସଂଘ (ୟୁବିକେଏସ୍) ପକ୍ଷରୁ ପୁରୀ ବଡଶଙ୍ଖ ନିକଟରେ ଏକ ଉଲ୍ଲେଖନୀୟ ମାନବିକ ଉଦ୍ୟମ ହିସାବରେ ଭକ୍ତ ମାନଙ୍କ ପାଇଁ ନିଃଶୁଳ୍କ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ହଜାର-ହଜାର ଭକ୍ତଙ୍କୁ ଉଚିତ ବ୍ୟବସ୍ଥାରେ ମାନ୍ୟତା ଓ ସ୍ନେହସହିତ ଖାଦ୍ୟ ପରିବେଶନ କରାଯାଇଥିଲା। ସଂଘର ୧୦୦ ରୁ ଅଧିକ ସ୍ୱେଚ୍ଛାସେବୀ ସଚେଷ୍ଟ ଭାବରେ ଏଥିରେ ଅଂଶଗ୍ରହଣ କରି ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା ମାଧ୍ୟମରେ ସେବା ଦେଇଥିଲେ। ସଂଘର ସଭାପତି ୟୁର ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଅମିତ୍ ମହାପାତ୍ର ଓ ସାଧାରଣ ସମ୍ପାଦକ ସୁଧୀର କୁମାର ସାହୁଙ୍କ ମିଳିତ ନେତୃତ୍ୱରେ ଏହି ଉଦ୍ୟମ ସଫଳ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଐତିହ୍ୟ

- ୧୩୦୬-ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିୱାନା ଉପରେ ଆକ୍ରମଣ କଲେ।
- ୧୮୯୭- ମାର୍କୋନି ରେଡିଓକୁ ପେଟେଣ୍ଟ କରାଇଲେ।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍ ଷ୍ଟେସନ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

# ବିବାହିତ ପୁରୁଷଙ୍କର ବୃଦ୍ଧି ପାଏ ଆୟୁ!



ବିବାହ ପରେ ଉଭୟ ପୁରୁଷ ଓ ମହିଳାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆସିଥାଏ। ତେବେ ବିବାହ ପୁରୁଷଙ୍କ ପାଇଁ ଲାଭଦାୟକ ହୋଇଥାଏ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଅବିବାହିତ ପୁରୁଷଙ୍କ ତୁଳନାରେ ବିବାହିତ ପୁରୁଷ ଦୀର୍ଘ ଦିନ ପର୍ଯ୍ୟନ୍ତ ସୁସ୍ଥ ଓ ଜୀବିତ ରହିବା ସମ୍ଭାବନା ଅଧିକ। ପୁରୁଷ ଓ ମହିଳାଙ୍କ ବୟସ ଉପରେ ବିବାହର ଅଲଗା ଅଲଗା ପ୍ରଭାବ ଥିବା ଏହି ଅଧ୍ୟୟନ ଏକପ୍ରକାର ସୂଚାଇଛି। ବିବାହିତ ପୁରୁଷଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ପୁରୁଷଙ୍କ ତୁଳନାରେ ଧୀରେ ବୃଦ୍ଧି ପାଏ। ଅବଶ୍ୟ ମହିଳାଙ୍କ କ୍ଷେତ୍ରରେ ଏହି ସ୍ଥିତିଟି ଅଲଗା ଥାଏ। ତେବେ ଜୀବନସାଥୀ ସହିତ ରହୁଥିବା ପୁରୁଷ ଦୀର୍ଘାୟୁ ହୋଇଥାନ୍ତି ବୋଲି ଏହି ଅଧ୍ୟୟନରେ କୁହାଯାଇଛି।

ଅଧ୍ୟୟନ ଅନୁସାରେ, ଛାଡ଼ପତ୍ର କିମ୍ବା ବିଧବା ମହିଳାଙ୍କ ବୟସ ବଢ଼ିବା ପ୍ରକ୍ରିୟା ଅବିବାହିତ ମହିଳାଙ୍କ ତୁଳନାରେ ଅଧିକ କଷ୍ଟକର ହୋଇଥାଏ। ଏହି ଅଧ୍ୟୟନ କାନାଡ଼ାର ବୟସ୍କ ଲୋକଙ୍କ ଉପରେ ଆଧାରିତ ଥିଲା। ଏଥିରେ ୪୫ରୁ ୮୫ ବର୍ଷ ବୟସ ପର୍ଯ୍ୟନ୍ତ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ଜୀବନଶୈଳୀକୁ ୨୦ ବର୍ଷ ପର୍ଯ୍ୟନ୍ତ ଅନୁଧ୍ୟାନ କରାଯାଇଥିଲା। ଏଥିରୁ ଏକଥା ଜାଣିବାକୁ ଚେଷ୍ଟା କରାଯାଇଥିଲା ଯେ, ବିବାହ କରିବା ତଥା ନ କରିବା ଦ୍ୱାରା ବୟସ ବଢ଼ିବା ପ୍ରକ୍ରିୟା ଓ ସ୍ୱାସ୍ଥ୍ୟ ଉପରେ କ'ଣ ପ୍ରଭାବ ପଡ଼ିଥାଏ। ବିବାହର ପ୍ରଭାବ ପୁରୁଷ ଓ ମହିଳାଙ୍କ ଜୀବନ ଉପରେ ଭିନ୍ନ ଭିନ୍ନ ପ୍ରଭାବ ପକାଇଥାଏ ବୋଲି ଏହି ଅଧ୍ୟୟନରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ଏକଥା ବି ଦର୍ଶାଯାଇଛି ଯେ, ବିବାହ କେବଳ ଶାରୀରିକ ସ୍ୱାସ୍ଥ୍ୟ ଉପରେ ନୁହେଁ, ବରଂ ମାନସିକ ଅବସ୍ଥା ତଥା ଲୋକଙ୍କର ଭାବପ୍ରବଣତା ଉପରେ ମଧ୍ୟ ପ୍ରଭାବ ପକାଏ।

# ଜୁଲାଇ ୩ରେ 'ରାମାୟଣ'ର ପ୍ରଥମ ଝଲକ୍




ଦେଢ଼ ବର୍ଷ ବାକି ଥିବାରୁ ଫିଲ୍ମ ନିର୍ମାତା ଏବେ ଟିଜର୍ ରିଲିଜ୍ କରିବାକୁ ଚାହୁଁନାହାନ୍ତି। ନୀତେଶ ତିୱାରିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ

ବଲିଉଡ୍ ଅଭିନେତା ରଣବୀର କପୁର ଓ ସାଇପଲ୍ଲବୀଙ୍କ ଫିଲ୍ମ 'ରାମାୟଣ'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ଭାରତୀୟ ସିନେମା ଇତିହାସରେ ଏହା ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବ ବୋଲି କୁହାଯାଉଛି। ସବୁଠୁ ବଡ଼ କଥା ହେଉଛି ଏଥିରେ ବଲିଉଡ୍ ଓ ସାଉଥ୍ ଇଣ୍ଡଷ୍ଟ୍ରୀର ବହୁ ଆଗଧାଡ଼ିର କଳାକାରମାନେ କାମ କରୁଥିବାରୁ ଏହି ଫିଲ୍ମ ବେଶ୍ ଖାସ୍ ହେବାକୁ ଯାଉଛି। ଜୁଲାଇ ୩ ତାରିଖରେ ଫିଲ୍ମର ଲୋଗୋ ରିଲିଜ୍ କରାଯିବ। ଏହି ଦିନ ଦର୍ଶକଙ୍କୁ ଫିଲ୍ମର ଝଲକ୍ ଦେଖିବାକୁ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଇତିମଧ୍ୟରେ 'ରାମାୟଣ'ର ତିନି ମିନିଟ୍‌ର ଫିଲ୍ମର ଟିଜର୍ ପ୍ରସ୍ତୁତ ମଧ୍ୟ ହୋଇ ଯାଇଛି। ତେବେ ଫିଲ୍ମ ରିଲିଜ୍ ହେବାକୁ ଆହୁରି ଭାବପ୍ରବଣତା ସହ ଟେକ୍ନୋଲଜିର ଏକ ନିଆରା ସଂଯୋଗ ଦେଖିବାକୁ ମିଳିବ। ଏହାପୂର୍ବରୁ ରାମାୟଣ ଉପରେ ପ୍ରଭାସଙ୍କ 'ଆଦିପୁରୁଷ' ମୁକ୍ତିଲାଭ କରିଥିଲା। ଫିଲ୍ମର ସଂଳାପ ଠାରୁ ଆରମ୍ଭ କରି ଭିଏଫ୍‌ଏକ୍ସରେ ଅନେକ ତ୍ରୁଟି ଦେଖାଯାଇଥିଲା। ଯେଉଁଥିପାଇଁ ସାମାଜିକ ଗଣମାଧ୍ୟମରେ ଏହାକୁ ଜବରଦସ୍ତ ଟ୍ରୋଲ୍ କରାଯାଇଥିଲା। 'ଆଦିପୁରୁଷ'ର ଟିଜର୍ ରିଲିଜ୍ ହେବା ପର ଠାରୁ ହିଁ ଏହାକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଫିଲ୍ମ ଆସିବା ପରେ ଦର୍ଶକେ ପୂରା ନିରାଶ ହୋଇ ଯାଇଥିଲେ। ତେଣୁ 'ରାମାୟଣ'କୁ ନେଇ ନୀତେଶ ସେମିତି କିଛି ଭୁଲ୍ କରିବାକୁ ଚାହୁଁନାହାନ୍ତି। ଜୁଲାଇ ୩ରେ ଏହାର ଟିଜର୍ ଆସିବ କି ନାହିଁ ଏହାର ନିର୍ମାତା ଏନେଇ ବିଧିବଦ୍ଧ ଭାବେ କିଛି କହିନାହାନ୍ତି।

## ଆଜି ଆସିଥିଲେ...

# ସାରସ୍ୱତ ସାଧକ କାଳିନ୍ଦୀ ଚରଣ ପାଣିଗ୍ରାହୀ




ଓଡ଼ିଆ ସାହିତ୍ୟ ଇତିହାସରେ କାଳନ୍ଦୀ ଚରଣ ପାଣିଗ୍ରାହୀ ଜଣେ ବିରଳ ପ୍ରତିଭା। ସାହିତ୍ୟର ସବୁ ବିଭାଗକୁ ସେ ଋଦ୍ଧିମନ୍ତ କରିଛନ୍ତି। ସେ ଥିଲେ ଏକାଧାରରେ ଜଣେ ଯଶସ୍ୱୀ କବି, କଥାଶିଳ୍ପୀ, ପ୍ରାବନ୍ଧିକ, ସୁସମାଲୋଚକ, ନାଟ୍ୟକାର। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଓ ଅନ୍ୟମାନଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ନାମରେ ଏକ ନୂଆଯୁଗର ଆରମ୍ଭ କରିଥିଲେ। ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କର ଲେଖା 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମରାଚିତା', 'ମୁକ୍ତାଗଡ଼ର କ୍ଷୁଧା' ଆଦି ଉପନ୍ୟାସ। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। କାଳିନ୍ଦୀ ଚରଣଙ୍କ ସର୍ବଶ୍ରେଷ୍ଠ କୃତି 'ମାଟିର ମଣିଷ' ଲାଗି ସେ ଘରେ ଘରେ ପରିଚିତ। ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି 'ମାଟିର ମଣିଷ'। କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜରେ ପଢ଼ିବା ସମୟରେ, ସେ "ନନସେନ୍ସ କ୍ଲବ୍" ଗଠନ କରିଥିଲେ। ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ।

# ସମ୍ଭାବନା



# ଚାଟ୍‌ଜିପିଟିରେ କ'ଣ ସେୟାର କରିବେ ନାହିଁ

ଆଜିକାଲି ପ୍ରାୟ ସମସ୍ତେ ଚାଟ୍‌ଜିପିଟିର ବ୍ୟବହାର ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କରୁଛନ୍ତି। ବେଳେ ବେଳେ ଏଥିରେ ଅଜଣାତରେ ବି ଲୋକମାନେ ବ୍ୟକ୍ତିଗତ ତଥ୍ୟ ସେୟାର୍ କରନ୍ତି। ଯାହାକି ଗୋପନୀୟତା ପ୍ରତି ବିପଦ ସୃଷ୍ଟି କରିଥାଏ। ତେବେ ଚାଟ୍‌ଜିପିଟି ସହିତ କ'ଣ ସବୁ ସେୟାର୍ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।



- ଚାଟ୍‌ଜିପିଟିରେ ସୋସିଆଲ ମିଡିଆ ପାସ୍‌ୱାର୍ଡ ଏବଂ ଇମେଲ୍ ଆଦି ବାବଦରେ ସେୟାର୍ କରନ୍ତୁ ନାହିଁ।
- ଏଥିରେ ବ୍ୟାଙ୍କ ତଥା କ୍ରେଡିଟ୍ କାର୍ଡ ବିବରଣୀ ପ୍ରଦାନ କରନ୍ତୁ ନାହିଁ।
- ସେହିପରି ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ପ୍ୟାନ୍ କାର୍ଡ ତଥ୍ୟ ପ୍ରଦାନରୁ ଦୂରେଇ ରୁହନ୍ତୁ।
- କାମ କରୁଥିବା ସ୍ଥାନ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରନ୍ତୁ ନାହିଁ।
- ଚାଟ୍‌ଜିପିଟିରୁ ବ୍ୟକ୍ତିଗତ ତଥ୍ୟ ଲିକ୍ ହେବାର ଭୟ ଥାଏ। ତେଣୁ ବ୍ୟକ୍ତିଗତ ତଥ୍ୟ ପ୍ରଦାନ ନ କରିବା ଭଲ।
- ଚାଟ୍‌ଜିପିଟି ବ୍ୟବହାର କରିବା ସମୟରେ ପ୍ରାଇଭେସି ପଲିସିକୁ ଧ୍ୟାନରେ ପଢ଼ନ୍ତୁ। ଏହାର ବ୍ୟବହାର କେବଳ ଅଫିସିଆଲ ୱେବ୍‌ସାଇଟ୍ ଏବଂ ଆପ୍ ଦ୍ୱାରା କରନ୍ତୁ।

# ଅଫିସ୍ ବନ୍ଧୁତା



ଅଫିସ୍ କେବଳ କାମ କରିବା ସ୍ଥାନ ନୁହେଁ, ବରଂ ଏଠାରେ ଏମିତି ବି କିଛି ସାଙ୍ଗ ମିଳନ୍ତି, ଯେଉଁମାନଙ୍କ ସହ ସୁଖ, ଦୁଃଖ ବଣ୍ଟା ଯାଏ। ଅଫିସ୍‌ରେ ଗୋଟିଏ ସମୟରେ ଯିବା ଆସିବା କରିବା ତଥା ଅନେକ ସମୟରେ ଗୋଟିଏ ପ୍ରୋଜେକ୍ଟରେ ଏକାଠି କାମ କରିବାକୁ ହୋଇଥାଏ। ଏହିପ୍ରକାରେ ଏଠାରେ ଜଣକୁ ଗୋଟିଏ ରୁଟିନ୍‌ରେ ପରସ୍ପରକୁ ଜାଣିବା ଏବଂ ବୁଝିବାର ସୁଯୋଗ ଜୁଟେ। ଫଳରେ ବନ୍ଧୁତା ଆପେ ଆପେ ଗଢ଼ି ଉଠେ। ଅଫିସ୍ ସାଙ୍ଗସାଥୀଙ୍କ ସହିତ ଦିନର ଏକ ବଡ଼ ଅଂଶ ସେୟାର୍ କରିବାକୁ ପଡ଼େ। ଏତେ ସମୟ ଜଣକ ସହ ଏକାଠି ଅତିବାହିତ କରିବା ଦ୍ୱାରା ଏକ ବିଶେଷ ପ୍ରକାର ସମ୍ପର୍କ ଗଢ଼ି ହୋଇଯାଏ। ଯାହାକି ପରବର୍ତ୍ତୀ ସମୟରେ ବନ୍ଧୁତାରେ ରୂପାନ୍ତରିତ ହୋଇଥାଏ। ଅନେକ ସମୟରେ ଅଫିସ୍ କାମ ଚାପପୂର୍ଣ୍ଣ ହୋଇଥାଏ। ତେଣୁ ଅଫିସ୍‌ରେ ଏମିତି ଜଣେ ସାଙ୍ଗ ହେବା ଦରକାର, ଯାହା ସହ ମନକଥା ଓ କାର୍ଯ୍ୟ ଚାପ ବାବଦରେ ଆଲୋଚନା କରି ହେଉଥିବ।

ସେହିପରି ଅଫିସ୍‌ରେ କିଛି ଜଣ ଏମିତି ମିଳନ୍ତି, ଯେଉଁମାନଙ୍କ ସହିତ କ୍ୟାରିୟର ଲକ୍ଷ୍ୟ ଓ ସଉକ ମଧ୍ୟ ମେଳ ଖାଏ। ଏହା ବନ୍ଧୁତାକୁ ଆହୁରି ମଜଭୁତ କରିବା ଦିଗରେ କାର୍ଯ୍ୟ କରେ। ଅନ୍ୟପଟେ ଅଫିସ୍‌ରେ କିଛି ସମସ୍ୟାରେ ସାହାଯ୍ୟର ହାତ ବଢ଼ାଉଥିବା ମଣିଷ ହିଁ ଅଫିସ୍‌ର ପ୍ରକୃତ ବନ୍ଧୁ ହୋଇଥାନ୍ତି। ସେହିପରି ଅଫିସ୍‌ରେ ଚା' ଓ କଫି ଭଳି ଛୋଟ ଛୋଟ ବ୍ରେକ୍‌ରେ ଗପସପ ଏବଂ ହସ ଖୁସି ବନ୍ଧୁତାକୁ ଅଧିକ ମଜଭୁତ କରେ। ଏହା ବାଦ୍ ଅଫିସ୍‌ରେ ସାଙ୍ଗସାଥୀଙ୍କଠାରୁ ନୂଆ ଜିନିଷ ଶିଖିବାକୁ ମିଳିଥାଏ। ଏହି ଶିଖି-ଶିଖେଇବାର ସମ୍ପର୍କ ବି ଏକପ୍ରକାର ବନ୍ଧୁତାରେ ପରିଣତ ହୋଇଥାଏ।

# ଜେନ୍-ଜିଙ୍କ କାର୍ଯ୍ୟ ଚାପ

ଏବର ସମୟରେ ଜେନେରେସନ ଜେଡ୍ ବା ଜେନ୍-ଜିଙ୍କ ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଉଛି। ଏହି ପିଢ଼ିଙ୍କ ପାଖରେ ଅଧିକ ଉତ୍ସାହ, ଆତ୍ମବିଶ୍ୱାସ ଓ ଉର୍ଜା ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ବି ସେମାନେ କାର୍ଯ୍ୟ ଚାପକୁ ନେଇ ଚିନ୍ତିତ ରହୁଛନ୍ତି। ଏହି ପିଢ଼ିଙ୍କ କାମ କରିବା ତରିକା ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଥିବା ବେଳେ ସେମାନେ କାର୍ଯ୍ୟ ଚାପକୁ କିଭଳି ଭାବେ ନିୟନ୍ତ୍ରଣ କରିବେ, ସେ ସମ୍ପର୍କରେ ଜାଣିବା।



**ଜରୁରି କାମକୁ ପ୍ରଥମେ କରନ୍ତୁ:** ୧୯୯୭-୨୦୧୨ ମଧ୍ୟରେ ଜନ୍ମଗ୍ରହଣ କରିଥିବା ପିଢ଼ିକୁ ଜେନେରେସନ ଜି ବା ଜେନ୍-ଜି, ଜେଡ୍ ବୋଲି କୁହାଯାଏ। ସେମାନଙ୍କ ଚାଲିଚଳଣି ଅନ୍ୟମାନଙ୍କଠାରୁ ଭିନ୍ନ ହୋଇଛି। ସେହିପରି ଉତ୍ସାହର ସହିତ କାମ କଲେ ବି ସେମାନେ କାମ ଚାପ ସମସ୍ୟାକୁ ସାମ୍ନା କରୁଛନ୍ତି। ତେବେ କାମ ଯେତେବେଳେ ଅଧିକ ଲାଗୁଛି, କେଉଁ କାମ ପ୍ରଥମେ କରିବା ଜରୁରି, ତାହା ପ୍ରଥମେ ସ୍ଥିର କରନ୍ତୁ। ଜରୁରି କାମକୁ ପ୍ରଥମେ ପୂରା କରନ୍ତୁ। ଏ ନେଇ କାର୍ଯ୍ୟ ତାଲିକା ପ୍ରସ୍ତୁତି କରିପାରିବେ। ଏହା ଦ୍ୱାରା କିଛି ମାତ୍ରରେ କାର୍ଯ୍ୟ ଚାପ ହ୍ରାସ ପାଇପାରେ।

**କାମ ମଝିରେ ବ୍ରେକ୍ ନିଅନ୍ତୁ:** ସେହିପରି ଲଗାତାର ବସି କାମ କରିବା ଦ୍ୱାରା କାର୍ଯ୍ୟ ଚାପ ବଢ଼ିପାରେ। ପ୍ରତି ଘଣ୍ଟାଏ ଏବଂ ଦୁଇ ଘଣ୍ଟା ମଧ୍ୟରେ ୫-୧୦ ମିନିଟ୍‌ରେ ଛୋଟ ବ୍ରେକ୍ ନିଅନ୍ତୁ। ଏହା ଦ୍ୱାରା ମନ ଖୁସି ରହିବ। କାମ କରିବାରେ ଆଗ୍ରହ ଆସିବ। ତେବେ କାମ ସରିବା ପରେ ଏବଂ ଛୁଟି ଦିନରେ କାମରୁ ସମ୍ପୂର୍ଣ୍ଣ ଭାବେ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। କୌଣସି କାମରେ ସମସ୍ୟା ଆସୁଥିଲେ କିମ୍ବା କାର୍ଯ୍ୟ ଭାର ଅଧିକ ଲାଗୁଥିଲେ, ସହକର୍ମୀ କିମ୍ବା ମାଲିକଙ୍କୁ ସାହାଯ୍ୟ ମାଗିବାକୁ ସଙ୍କୋଚ କରନ୍ତୁ ନାହିଁ।

**ମନକଥା ପ୍ରିୟଜନଙ୍କ ସହ ଆଲୋଚନା କରନ୍ତୁ:** ଅନ୍ୟପଟେ ଭଲ ନିଦ୍ରା ସହ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ ଏବଂ ନିୟମିତ ବ୍ୟାୟାମ କରନ୍ତୁ। ଏହି ଅଭ୍ୟାସ ଚାପକୁ କମ୍ କରେ। ଏହାବାଦ୍ ଅଧିକ ଚାପ ଅନୁଭବ କରୁଥିଲେ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରନ୍ତୁ। ତେବେ କାମ ଚାପରେ କାର୍ଯ୍ୟରୁ ନ ଓହରି ଜୀବନରେ ଆଗକୁ ବଢ଼ିବାକୁ ଚେଷ୍ଟା କରନ୍ତୁ। ନୂଆ କଳା କୌଶଳ ଶିଖିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ଏବଂ ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରିବାର ସାହସ ମିଳେ।


# ସ୍ମାର୍ଟ ଲୋକଙ୍କ ସ୍ମାର୍ଟ ଅଭ୍ୟାସ

**ପ୍ରତ୍ୟେକ ଲୋକଙ୍କ ସ୍ୱଭାବ, ଚାଲିଚଳଣି, ବ୍ୟବହାର ଏବଂ ଅଭ୍ୟାସ ଭିନ୍ନ ଭିନ୍ନ ଥାଏ। ଏହି କ୍ରମରେ କୌଣସି ବ୍ୟକ୍ତି ଜନ୍ମରୁ ସ୍ମାର୍ଟ ହୋଇ ନ ଥାନ୍ତି। ସେମାନଙ୍କର କିଛି ଅଭ୍ୟାସ ହିଁ ସେମାନଙ୍କୁ ସ୍ମାର୍ଟ କରିଥାଏ।**

- ତେବେ ସ୍ମାର୍ଟ ଲୋକଙ୍କ ସବୁଠୁ ଭଲ ଅଭ୍ୟାସ ହେଉଛି, ସେମାନେ ଅତ୍ୟନ୍ତ ଜିଜ୍ଞାସୁ ହୋଇଥାନ୍ତି।
- ସବୁବେଳେ ନୂଆ ନୂଆ ଜିନିଷ ବାବଦରେ ଜାଣିବାକୁ ଆଗ୍ରହ ପ୍ରକାଶ କରନ୍ତି।
- ସ୍ମାର୍ଟ ଲୋକଙ୍କର ପଢ଼ାପଢ଼ି ପ୍ରତି ରୁଚି ଥାଏ। ସେମାନେ ବିଭିନ୍ନ ବହି ପଢ଼ାକୁ ଗୁରୁତ୍ୱ ଦିଅନ୍ତି।
- କଥାବାର୍ତ୍ତା ସମୟରେ ସେମାନେ ଅନ୍ୟର କଥାକୁ ଧ୍ୟାନରେ ଶୁଣନ୍ତି। ସେମାନେ ଅନ୍ୟର ବିଚାର ଓ ଅଭିଜ୍ଞତାକୁ ବୁଝିବାକୁ ଚେଷ୍ଟା କରନ୍ତି।
- ସବୁବେଳେ ସକାରାତ୍ମକ ଦୃଷ୍ଟିକୋଣରେ ରହିବାକୁ ଭଲପାଆନ୍ତି ଏବଂ ନିଜ ଭୁଲ୍‌ରୁ ଶିକ୍ଷା ଲାଭ କରନ୍ତି।
- ସେମାନେ ସମୟ ପରିଚାଳନା ଠିକ୍ ଭାବେ କରନ୍ତି। କୌଣସି କାମକୁ ବିଳମ୍ବରେ କରି ନ ଥାନ୍ତି।

## ଏଜ୍‌ବାଷ୍ଟନରେ ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଆଜିଠାରୁ

# ପ୍ରଥମ ବିଜୟ ଲକ୍ଷ୍ୟରେ ଭାରତ





ଏଜବାଷ୍ଟନ,୧।୭ (ଏଜେନ୍ସି)

ଭ୍ରମଣକାରୀ ଭାରତ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଅନୁଷ୍ଠିତ ହେବ। ସିରିଜ୍ ବରାବର କରିବାକୁ ଦୃଢ଼ ଆଶାୟୀ ଥିବା ଭାରତକୁ ଏହି ମ୍ୟାଚ୍ ଜିତିବା ନିହାତି ଆବଶ୍ୟକ। ଅନ୍ୟ ପକ୍ଷରେ ଇଂଲଣ୍ଡ ମଧ୍ୟ ମ୍ୟାଚ୍ ଜିତି ୨-୦ରେ ସିରିଜ୍ ଅଗ୍ରଣୀ ନେବାକୁ ବଡ ଆଶା ରଖିଛି। ଏଥିଲାଗି ପ୍ରଥମ ଟେଷ୍ଟ ଜିତିଥିବା ଦଳରେ କୌଣସି ପରିବର୍ତ୍ତନ କରିନାହିଁ ଇଂଲଣ୍ଡ। କିନ୍ତୁ ଏଜ୍‌ବାଷ୍ଟନ କ୍ରିକେଟ ଗ୍ରାଉଣ୍ଡରେ ଭାରତ ଏଯାଏ ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍ ଜିତିନାହିଁ। ଏଠାରେ ଦଳ ୮ଟି ମ୍ୟାଚ୍ ଖେଳି ୭ଟିରେ ହାରିଥିଲାବେଳେ ଗୋଟିଏ ମ୍ୟାଚ୍ ଡ୍ର ରଖିଛି। ଯାହା ଫଳରେ ଦଳ ଏଠାରେ ଓ ଚଳିତ ସିରିଜ୍‌ରେ ପ୍ରଥମ ଟେଷ୍ଟ ବିଜୟ ଲକ୍ଷ୍ୟରେ ରହିଛି। ସେହିପରି ଇଂଲଣ୍ଡ ଏଠାରେ ଖେଳିଥିବା ଶେଷ ୭ଟି ଟେଷ୍ଟ ମଧ୍ୟରୁ ଶେଷ ୩ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଏଣୁ ଉଭୟ ଦଳ ନିକଟରେ ମ୍ୟାଚ୍ ଜିତିବାକୁ ସମାନ ସୁଯୋଗ ରହିଛି।

କିନ୍ତୁ ଏଠାରେ ଟେଷ୍ଟ ମ୍ୟାଚ୍ ଜିତିବା ଭାରତ ଲାଗି ଏତେଟା ସହଜ ନୁହେଁ। ଦଳର ପ୍ରମୁଖ ବୋଲିଂ ଅସ୍ତ୍ର ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଏହି ମ୍ୟାଚ୍‌ରେ ଖେଳିବେ କି ନାହିଁ ସ୍ପଷ୍ଟ ହୋଇନାହିଁ। ତାଙ୍କ ଅନୁପସ୍ଥିତିରେ ଭାରତ ଏଠାରେ କିପରି ମୁକାବିଲା କରିବ ତାହାକୁ ନେଇ ସୃଷ୍ଟି ହୋଇଛି ସଂଶୟ। ସେ ଏହି ସିରିଜ୍‌ରେ ୩ଟି ମ୍ୟାଚ୍ ଖେଳିବେ ବୋଲି କୁହାଯାଉଥିଲେ ମଧ୍ୟ ୱାର୍କଲୋଡ ଅନୁଯାୟୀ ବୁମ୍‌ରାଙ୍କୁ ଏହି ଟେଷ୍ଟରୁ ବାଦ୍ ଦେବା ଭାରତ ଲାଗି ବୁମେରାଂ ହୋଇପାରେ। ଏଣୁ ହରଡ଼ ଘଣାରେ ପଡ଼ିଛି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ। ତାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି। ତାଙ୍କୁ ଯଦି ବାଦ୍ ଦିଆଯାଏ ତେବେ ଦଳ ସଂକଟରେ, ଯଦି ସେ ଖେଳନ୍ତି ତେବେ ସେ ନିଜେ ଅଡୁଆରେ ପଡ଼ି ପାରନ୍ତି। ଏଭଳି ସମୟରେ ଯଦି ସେ ନ ଖେଳନ୍ତି, ଅନ୍ୟତମ ଯୁବ ଫାଷ୍ଟ ବୋଲର ଆକାଶ ଦୀପ୍ ତାଙ୍କ ସ୍ଥାନରେ ଖେଳିବେ। ଆକାଶଙ୍କର ନିଜ ବୋଲିଂ ଉପରେ ଢ଼େର ନିୟନ୍ତ୍ରଣ ରହିଛି ଓ ଅଷ୍ଟ୍ରେଲିଆରେ ସେ ସୁନ୍ଦର ବୋଲିଂ କରିଥିଲେ। ସେହିପରି ଦଳ ଦ୍ୱିତୀୟ ଖେଳାଳି ବଦଳ କରିବ ବୋଲି ଆଶା ରଖିଛି। ସେହି ଖେଳାଳି ଜଣଙ୍କ ହେଲେ ଶାର୍ଦ୍ଦୁଳ ଠାକୁର। ଶାର୍ଦ୍ଦୁଳ ପ୍ରଥମ ଟେଷ୍ଟରେ ଆଦୌ ଉପଯୋଗୀ ସାବ୍ୟସ୍ତ ହୋଇ ପାରି ନ ଥିଲେ। ଏଣୁ ଭାରତୀୟ ଦଳ ତାଙ୍କୁ ଦ୍ୱିତୀୟ ସୁଯୋଗ ଦେବ ନାହିଁ ବୋଲି ଆଶା କରାଯାଉଛି।

### ■ ସୁନ୍ଦର ହୋଇ ପାରନ୍ତି ଦ୍ୱିତୀୟ ସ୍ପିନର

ଦ୍ୱିତୀୟ ଟେଷ୍ଟ ଖେଳାଯିବାକୁ ଥିବା ଏଜବାଷ୍ଟନ ପିଚ୍‌ରେ ଦୁଇ ଦିନ ପୂର୍ବରୁ ୧୧ ଏମଏମ ଘାସ ଥିଲା। କିନ୍ତୁ ଏବେ ତାହା ଦେଖିବାକୁ ମିଳୁ ନାହିଁ। ଅସହ୍ୟ ଗରମ ଯୋଗୁ ପଡ଼ିଆ ଶୁଷ୍କ ରହିଛି। ଏଭଳି ସ୍ଥିତିରେ ଭାରତ ଦୁଇଜଣ ସ୍ପିନରଙ୍କୁ ଖେଳାଇବ ବୋଲି ଆଶା କରାଯାଉଛି। ଗୋଟିଏ ଦିନ ଆଗରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦୁଇ ଜଣ ସ୍ପିନର ଖେଳାଇବା କଥା ସ୍ପଷ୍ଟ କରିଥିଲେ ସହକାରୀ କୋଚ୍ ରିୟାନ ଟେନ୍ ଡୋଏଶ୍‌ଟେ। ସବୁଆଡୁ ଦେଖିଲେ ଏହି ଟେଷ୍ଟରେ ଭାରତ ଦୁଇ ଜଣ ସ୍ପିନରଙ୍କୁ ଖେଳାଇବା ସମ୍ଭାବନା ବୃଦ୍ଧି ପାଇଛି। ରବୀନ୍ଦ୍ର ଜାଡେଜା ପ୍ରଥମ ପସନ୍ଦର ସ୍ପିନର ହୋଇଥିଲାବେଳେ କୁଲଦୀପ ଯାଦବ ଦ୍ୱିତୀୟ ସ୍ପିନର ଭାବେ ଖେଳନ୍ତୁ ବୋଲି ଅନେକ ପରାମର୍ଶ ଦେଇଥିଲେ। କିନ୍ତୁ କୁଲଦୀପ ନୁହଁନ୍ତି ଅଫ୍ ସ୍ପିନ୍ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଏଠାରେ ଖେଳିବାର ସମ୍ଭାବନା ଅଧିକ ରହିଛି। ଏହି ଗ୍ରାଉଣ୍ଡରେ ଅତୀତରେ ଅଫ୍ ସ୍ପିନର ମାନେ ଟେଷ୍ଟରେ ସଫଳତା ପାଇଛନ୍ତି। ଅଷ୍ଟ୍ରେଲିଆର ନାଥାନ ଲାୟନ, ଇଂଲଣ୍ଡର ମୋଇନ ଅଲି ଓ ୨୦୧୮ରେ ଭାରତର ରବିଚନ୍ଦ୍ରନ ଅଶ୍ୱିନ ଏଠାରେ ସଫଳ ବୋଲର ସାବ୍ୟସ୍ତ ହୋଇଥିଲେ। ଉଭୟ ରେକର୍ଡ ଓ ରଣନୀତି ଯୋଗୁଁ ସୁନ୍ଦରଙ୍କ ଏହି ଟେଷ୍ଟ ଖେଳିବା ସମ୍ଭାବନା ଶତପ୍ରତିଶତ ବୃଦ୍ଧି ପାଇଛି।

### ■ ଇଂଲଣ୍ଡ ଆତ୍ମବିଶ୍ୱାସୀ

ବାଜ୍‌ବଲ ଏରା (ହେଡ୍ କୋଚ୍ ବ୍ରେଣ୍ଡାନ ମ୍ୟାକ୍‌କଲମଙ୍କ ଖେଳ ଶୈଳୀ)ରେ ଟେଷ୍ଟ ମ୍ୟାଚ୍ ବେଶ ଆକର୍ଷଣୀୟ ହୋଇପାରିଛି। ଏହି ଶୈଳୀର ପ୍ରମୁଖ ଧାରା ହେଉଛି ଆକ୍ରମଣାତ୍ମକ ଖେଳିବା। ଏହି ରଣନୀତିରେ ଇଂଲଣ୍ଡ ବିଫଳତା ଅପେକ୍ଷା ଅଧିକ ସଫଳ ହୋଇଛି। ଏଭଳି ସ୍ଥିତିରେ ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟ ଜିତିବାକୁ ଇଂଲଣ୍ଡର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଦଳର ଆତ୍ମବିଶ୍ୱାସ ଏତେ ବଢ଼ିଛି ଯେ, ଦଳ ପ୍ରଥମ ଟେଷ୍ଟ ଖେଳିଥିବା ଏକାଦଶ ଏହି ମ୍ୟାଚ୍ ଲାଗି ଅପରିବର୍ତ୍ତିତ ରଖିଛି। ବୋଲିଂରେ ଦଳ ଅନଭିଜ୍ଞ ଖେଳାଳିଙ୍କୁ ସାମିଲ କରି ମ୍ୟାଚ୍ ଜିତିନେଇଛି। ଏପରିକି ଭାରତ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୪୧ ରନ୍‌ରେ ୭ଟି ଓ ଦ୍ୱିତୀୟ ଇନିଂସରେ ୩୧ ରନ୍‌ରେ ୬ଟି ୱିକେଟ ଅକ୍ତିଆର କରିବାରେ ଏହି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଦଳର ବ୍ୟାଟିଂ ଲାଇନ୍ ଶକ୍ତିଶାଳୀ ଥିଲାବେଳେ ଉତ୍ସାହୀ ବୋଲରଙ୍କୁ ନେଇ ଇଂଲଣ୍ଡ ଏହି ଟେଷ୍ଟ ଜିତିବ ବୋଲି ଅଧିନାୟକ ତଥା ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆଶା ପ୍ରକାଶ କରିଛନ୍ତି।

**ଭାରତର ସମ୍ଭାବ୍ୟ ଏକାଦଶ**

ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ୱିକେଟରକ୍ଷକ/ ଉପଅଧିନାୟକ), କରୁନ ନାୟାର, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା/ ଆକାଶ ଦୀପ୍, ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣା।

**ଇଂଲଣ୍ଡ ଏକାଦଶ**

ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ସୋଏବ ବଶିର।

**ଖେଳ ସମୟ**


ପ୍ରଥମ ସେସନ : ଅପରାହ୍ଣ ୩ଟା ୩୦ରୁ ୫ଟା ୩୦
ଦ୍ୱିତୀୟ ସେସନ : ସନ୍ଧ୍ୟା ୫ଟା ୩୦ରୁ ରାତି ୭ଟା ୩୦
ତୃତୀୟ ସେସନ : ରାତି ୮ଟା ୧୦ରୁ ଖେଳ ଶେଷ ପର୍ଯ୍ୟନ୍ତ

**ପ୍ରସାରଣ**

ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଜିଓ ହଟ୍‌ଷ୍ଟାର, ଡିଡି ସ୍ପୋର୍ଟ୍ସ।

● ୱିମ୍ବଲଡନ ଦ୍ୱିତୀୟ ଦିନ

## ସିନ୍ନରଙ୍କ ଅଗ୍ରଗତି; ପେଗୁଲା ଆରମ୍ଭରୁ ଝୁଣ୍ଟିଲେ



ଏଲିସାବେଟ୍ଟା କୋକିଆରେଟ୍ଟୋ

ଲଣ୍ଡନ, ୧।୭ (ଏଜେନ୍ସି): ଚଳିତ ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୱିମ୍ବଲଡନର ୨ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱର ଏକ ନମ୍ବର ପୁରୁଷ ଖେଳାଳି ଇଟାଲୀର ଜାନିକ ସିନ୍ନର ସହଜ ବିଜୟ ସହ ଅଗ୍ରଗତି କରିଛନ୍ତି। କିନ୍ତୁ ମହିଳା ବିଭାଗରେ ଆମେରିକାର ୩ୟ ସିଡ୍ ଜେସିକା ପେଗୁଲା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି।

ସ୍ଥାନୀୟ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବର କୋର୍ଟ-୧ରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ନର ୬-୪, ୬-୩, ୬-୦ ସେଟ୍‌ରେ ସାଥୀ ଇଟାଲୀ ଖେଳାଳି ଲୁକା ନାର୍ଡିଙ୍କୁ ସହଜରେ ହରାଇଥିଲେ। ସେହିଭଳି ୫ମ ସିଡ୍ ଆମେରିକାର ଟେଲର୍ ଫ୍ରିଜ ୬-୭ (୬/୮), ୬-୭ (୮/୧୦), ୬-୪, ୭-୬ (୮/୬), ୬-୪ ସେଟ୍‌ରେ ଫ୍ରାନ୍ସର ଜିଓଭାନି ପେଟ୍ଟି ପେରିକାର୍ଡଙ୍କୁ ପରାସ୍ତ କରି ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ୧୩ତମ ସିଡ୍ ଆମେରିକା ଟମି ପଲ୍, ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର୍ ମଧ୍ୟ ପ୍ରଥମ ରାଉଣ୍ଡରେ ସହଜ ବିଜୟ ସହ ଆଗେଇଛନ୍ତି। ସେଣ୍ଟର କୋର୍ଟରେ ୩ୟ ସିଡ୍ ଜର୍ମାନୀର ଆଲେକ୍ସଜାଣ୍ଡର ଜ୍ୱେରେଭ ଓ ଫ୍ରାନ୍ସର ଅର୍ଥର ରିଣ୍ଡରନିଚ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି। ଅପରପକ୍ଷରେ ମହିଳା ବିଭାଗରେ ଆମେରିକାର ତାରକା ଖେଳାଳି ତଥା ୩ୟ ସିଡ୍ ଜେସିକା ପେଗୁଲାଙ୍କୁ ନିରାଶ ହେବାକୁ ପଡ଼ିଛି। ପ୍ରଥମ ରାଉଣ୍ଡରେ ଇଟାଲୀର ଏଲିସାବେଟ୍ଟା କୋକିଆରେଟ୍ଟୋ ୬-୨, ୬-୩ ସିଧାସଳଖ ସେଟ୍‌ରେ ମାତ୍ର ୫୮ ମିନିଟ୍‌ରେ ପେଗୁଲାଙ୍କୁ ହରାଇ ମଙ୍ଗଳବାର ବଡ଼ ବିପର୍ଯ୍ୟୟ ଘଟାଇଥିଲେ। ସେହିଭଳି ମହିଳା ବିଭାଗରେ ଅନ୍ୟମାନଙ୍କ ମଧ୍ୟରେ ଦୁଇ ଚେକ୍ ଗଣରାଜ୍ୟ ଖେଳାଳି ବାର୍‌ବୋରା କ୍ରେଜିକୋଭା ଓ କାଟେରିନା ସିନିଆକୋଭା, ପୋଲାଣ୍ଡର ଇଗା ସ୍ୱିଆଟେକ ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ତେବେ ୨୦୨୪ ପ୍ୟାରିସ ଅଲିମ୍ପିକ ଚାମ୍ପିଅନ ଚାଇନାର କ୍ୱିନୱିନ ଝେଙ୍ଗ୍‌ଙ୍କୁ ୫-୭, ୬-୪, ୧-୬ ସେଟ୍‌ରେ ହରାଇ ସିନିକୋଭା ଦିବସର ଅନ୍ୟ ବଡ଼ ବିପର୍ଯ୍ୟୟ ଘଟାଇଥିଲେ।

## ୟୁନାମ ପର୍ବତାରୋହଣ କଲେ ଯୋଡାର ଦୀପକ

ଭୁବନେଶ୍ୱର,୧।୭ (ସମିସ): ଓଡ଼ିଶା ତଥା ଯୋଡାର ପର୍ବତାରୋହୀ ଦୀପକ ମହନ୍ତ ବିଶ୍ୱର ଅନ୍ୟତମ ଉଚ୍ଚ ଶୃଙ୍ଗ ମାଉଣ୍ଟ ୟୁନାମ ସଫଳତାର ସହ ଆରୋହଣ କରିବାରେ ସମର୍ଥ ହୋଇଛନ୍ତି।



ହିମାଚଳ ପ୍ରଦେଶର ଲାହୁଲ ଓ ସ୍ପିତିରେ ଅବସ୍ଥିତ ଏହି ପର୍ବତାରୋହଣରେ ୧୦ଜଣ ପର୍ବତାରୋହୀ ଥିଲେ। ଜୁନ୍ ୨୭ରେ ଏହି ସଫଳତ ପାଇବାରେ ଅଭିଯାତ୍ରୀଙ୍କ ମଧ୍ୟରେ ଏକାଥିଲେ କେନ୍ଦୁଝର ଜିଲ୍ଲା ଯୋଡା ଅଧିବାସୀ ତଥା ରାଜ୍ୟର ଦୁଃସାହସିକ କ୍ରୀଡ଼ା ସଂଘର ସଦସ୍ୟ ଦୀପକ ମହନ୍ତ। ଏହି ସଫଳତା ପାଇବା ପରେ ଦୀପକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଆସା (ଏଏଏସ୍‌ଏ)ର ସମ୍ପାଦକ ତଥା ଏଭରେଷ୍ଟ ଆରୋହଣକାରୀ ଗଣେଶ ଚନ୍ଦ୍ର ଜେନା, ପୂର୍ବତନ ବରିଷ୍ଠ କ୍ରୀଡ଼ା ଅଧିକାରୀ ତଥା ଉପଦେଷ୍ଟା ଅଶୋକ ମହାନ୍ତି, ଶକ୍ତିରଞ୍ଜନ ମହାନ୍ତି, ହରେଶ କୁମାର ମିଶ୍ର, ଶିବଶଙ୍କର ପଣ୍ଡା ଓ ବିକ୍ରମ କିଶୋର ଦାସ।



ଜାତୀୟ ୯ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିବା ଭୁବନେଶ୍ୱରର ସାତ୍ୱିକ ସ୍ୱାଇଁଙ୍କୁ ଖୋର୍ଦ୍ଧା ଜିଲ୍ଲା ସଂଘ ପକ୍ଷରୁ ପୁଲିସ୍ କମିଶନର ସୁରେଶ ଦେବଦତ୍ତ ସିଂ ସମ୍ବର୍ଦ୍ଧିତ କରୁଛନ୍ତି।

## ୟୁରୋପ୍ ଗସ୍ତ : ଭାରତ-ଏ ହକି ଦଳରେ ଓଡ଼ିଶାରୁ ୪ ଖେଳାଳି

ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଆଗାମୀ ୟୁରୋପ୍ ଗସ୍ତ ଲାଗି ମଙ୍ଗଳବାର ହକି ଇଣ୍ଡିଆ ପକ୍ଷରୁ ୨୦ ଜଣିଆ ଭାରତ-ଏ ଦଳ ଘୋଷଣା କରାଯାଇଛି। ସଞ୍ଜୟଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାରୁ ୨ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଦୁଇ ଯୁବ ଡିଫେଣ୍ଡର ପ୍ରତାପ ଲାକ୍ରା ଓ ଅମନଦୀପ୍ ଲାକ୍ରା। ସେହିଭଳି ୩ଜଣିଆ ଷ୍ଟାଣ୍ଡବାଇ ତାଲିକାରେ ଓଡ଼ିଶାର ଡିଫେଣ୍ଡର ସୁନିଲ ଜୋଜୋ ଓ ଫରୱାର୍ଡ ସୁଦୀପ ଚିରମାକୋଙ୍କୁ ମଧ୍ୟ ସୁଯୋଗ ମିଳିଛି। ଫଳରେ ଏହି ୟୁରୋପ ଗସ୍ତରେ ଭାରତ-ଏ ସହ ଓଡ଼ିଶାର ୪ଜଣ ଖେଳାଳି ସାମିଲ ହୋଇଛନ୍ତି। ଭାରତ-ଏ ଏହି ଗସ୍ତରେ ଆୟର୍ଲାଣ୍ଡ, ଫ୍ରାନ୍ସ ଓ ନେଦରଲାଣ୍ଡସ ଦଳ ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବ।

● ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଅଶୋକଙ୍କୁ ସ୍ୱର୍ଣ୍ଣ, ସୁସ୍ମିତାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧।୭ (ସମିସ): ଆମେରିକାରେ ଅନୁଷ୍ଠିତ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଦୁଇ ଓଡ଼ିଆ ଖେଳାଳି ପଦକ ସଫଳତା ପାଇଛନ୍ତି। ସେମାନେ ହେଲେ ଓଡ଼ିଶା ପୁଲିସର କନଷ୍ଟେବଳ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା। ପୁରୁଷ ୮୦୦ ମିଟର ରେସରେ ଅଶୋକ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିଭଳି ସମାନ ଇଭେଣ୍ଟର ମହିଳା ବିଭାଗରେ ସୁସ୍ମିତା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତି ରାଜ୍ୟ ପୁଲିସ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଉଭୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ଦିନରେ ଉଭୟ ଅଶୋକ ଓ ସୁସ୍ମିତା ରାଜ୍ୟ ଓ ଦେଶ ପାଇଁ ଆହୁରି ଗୌରବ ଆଣନ୍ତୁ ବୋଲି ନବୀନ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଉଲ୍ଲେଖଯୋଗ୍ୟ ଅଶୋକ ଓ ସୁସ୍ମିତା ବର୍ତ୍ତମାନ କଳିଙ୍ଗ ଷ୍ଟାଡିୟମସ୍ଥିତ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥ୍‌ଲେଟିକ୍ସ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।





## ପ୍ରଥମ ଟେଷ୍ଟକୁ ୩୨୮ ରନରେ ଜିତିଲା ଦ.ଆଫ୍ରିକା

ବୁଲାୱାୟୋ, ୧।୭ (ଏଜେନ୍ସି): ସ୍ଥାନୀୟ କୁଇନ୍ସ ସ୍ପୋର୍ଟ୍ସ କ୍ଲବରେ ଘରୋଇ ଜିମ୍ବାୱେ ବିପକ୍ଷରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୩୨୮ ରନର ବୃହତ୍ ବ୍ୟବଧାନରେ ଜିତିନେଇଛି। ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପକ୍ଷରୁ ୫୩୭ ରନର ଏକ ବିଶାଳ ଲକ୍ଷ୍ୟ ଜିମ୍ବାୱେ ସମ୍ମୁଖରେ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରି ଜିମ୍ବାୱେ ମଙ୍ଗଳବାର ୪ର୍ଥ ଦିବସରେ ୨୦୮ ରନ କରି ଦ୍ୱିତୀୟ ପାଳିରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ୱେଲିଂଟନ



**୧୦୦ ରନ ଓ ୫ ୱିକେଟ୍: ବୋଶ୍‌ଙ୍କ ରେକର୍ଡ**

ମାସାକାଜା ସର୍ବାଧିକ ୫୭, ଅଧିନାୟକ କ୍ରେଗ୍ ଏର୍ଭିନ ୪୯, ବ୍ଲେସିଂ ମୁଜରବାନି ଅପରାଜିତ ୩୨ ଓ ସିନ୍ ୱିଲିୟମ୍ସ ୨୬ ରନ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ପକ୍ଷରୁ କୋର୍ବିନ ବୋଶ୍ ୫ ଓ ପଦାର୍ପଣକାରୀ କୋଡି ୟୁସୁଫ୍ ୩ଟି ୱିକେଟ୍ ସଫଳତା ପାଇଥିଲେ।

ପୂର୍ବରୁ ପ୍ରଥମ ପାଳିରେ ଦକ୍ଷିଣ ଆଫ୍ରିକା ପଦାର୍ପଣକାରୀ ଲୁଆନ ଡ୍ରେ-ପ୍ରିଟୋରିଅସ (୧୫୩) ଓ କୋର୍ବିନ (୧୦୦)ଙ୍କ ଶତକ ବଳରେ ପ୍ରଥମ ପାଳିରେ ୯ ୱିକେଟ୍‌ରେ ୪୧୮ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଜିମ୍ବାୱେ ସିନ୍ ୱିଲିୟମ୍ସଙ୍କ ୧୩୭ ରନ ବଳରେ ୨୫୧ ରନରେ ଅଲଆଉଟ୍ ହୋଇଥିଲା। ଏହାପରେ ୧୬୭ ରନ ଅଗ୍ରଣୀ ଥାଇ ଦକ୍ଷିଣ ଆଫ୍ରିକା ୨ୟ ପାଳିରେ ୩୬୯ ରନ କରିଥିଲା। ଦଳ ପକ୍ଷରୁ ୱିଆନ ମୁଲଡର୍ ୧୪୭ ରନ କରିଥିଲେ। ଲୁଆନ ଡ୍ରେ-ପ୍ରିଟୋରିଅସ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ମ୍ୟାଚରେ କୋର୍ବିନ ବୋଶ୍ ପ୍ରଥମ ପାଳିରେ ୧୦୦ ରନ ସହ ଦ୍ୱିତୀୟ ପାଳିରେ ୫ ୱିକେଟ୍ ସଫଳତା ପାଇଥିଲେ। ଗୋଟିଏ ଟେଷ୍ଟରେ ଶତକ ଓ ୫ ୱିକେଟ୍ ନେବାରେ ସେ ଦକ୍ଷିଣ ଆଫ୍ରିକାର ୪ର୍ଥ କ୍ରିକେଟର୍ ହୋଇଛନ୍ତି। ତାଙ୍କ ପୂର୍ବରୁ ଜାକ୍ କାଲିସ ୨ଥର, ଜିମ୍ମି ସିନକ୍ଲେୟାର ଓ ଆଉବେରୀ ଫଲକନର ଏହି କ୍ଲବରେ ସାମିଲ ହୋଇଥିଲେ। ସିରିଜର ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟ ଜୁଲାଇ ୬ରୁ ଆରମ୍ଭ ହେବ।

**ଫିଫା କ୍ଲବ୍ ବିଶ୍ୱକପ୍‌ରେ ବିପର୍ଯ୍ୟୟ**

## ଅଲ୍-ହିଲାଲ୍‌ଠୁ ହାରିଲା ମାଞ୍ଚେଷ୍ଟର ସିଟି

ଡଲାସ,୧।୭ (ଏଜେନ୍ସି)

ଆମେରିକାରେ ଚାଲିଥିବା ଫିଫା କ୍ଲବ୍ ବିଶ୍ୱକପ୍ ଫୁଟବଲରେ ଡିଫେଣ୍ଡିଂ ଚାମ୍ପିଅନ ଇଂଲଣ୍ଡର ମାଞ୍ଚେଷ୍ଟ ସିଟିକୁ ୪-୩ ଗୋଲରେ ପରାସ୍ତ କରି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ମାର୍କୋସ ଲିଓନାର୍ଡୋଙ୍କ ଡବଲ ଗୋଲ ବଳରେ ଅଲ-ହିଲାଲ ଏହି ବିପର୍ଯ୍ୟୟ ସୃଷ୍ଟିକରିବାରେ ସମର୍ଥ ହୋଇଛି। ସେହିପରି ଅନ୍ୟ ଏକ ପ୍ରି-କ୍ୱାର୍ଟର ଫାଇନାଲରେ ବ୍ରାଜିଲୀୟ କ୍ଲବ୍ ଫ୍ଲୁମିନେନ୍‌ସେ ୨-୦ ଗୋଲରେ ଇଟାଲୀର ଚାମ୍ପିଅନ କ୍ଲବ୍ ଇଣ୍ଟର ମିଲାନକୁ ହରାଇ ଆଉ ଏକ ବିପର୍ଯ୍ୟୟ ସୃଷ୍ଟି କରିଛି। ଦୁଇ ବିପର୍ଯ୍ୟୟସୃଷ୍ଟିକାରୀ ଟିମ୍ ମଧ୍ୟରେ ତୃତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ଅର୍ଲାଣ୍ଡୋରେ ଶୁକ୍ରବାର ଖେଳାଯିବ। ଏବେ ଶେଷ କ୍ୱାର୍ଟର ଫାଇନାଲ ମୁକାବିଲା ଲାଗି ମ୍ୟାଚ୍ ଖେଳାଯିବ। ପ୍ରଡମ ପ୍ରି-କ୍ୱାର୍ଟରରେ ଆଜି ରାତିରେ ରିଅଲ ମାଦ୍ରିଦ୍ ସହ ଜୁଭେଣ୍ଟସର ଓ ଆସନ୍ତାକାଲି ସକାଳେ ମୋଣ୍ଟେରୀ ସହ ଡର୍ଟମଣ୍ଡର ମୁକାବିଲା ହେବ। ପୂର୍ବରୁ କ୍ୱାର୍ଟର ଫାଇନାଲରେ ପିଏସ୍‌ଜି ସହ ବେୟର୍ଣ୍ଣ ମ୍ୟୁନିକ୍, ପାଲମେଇରାସ ସହ ଚେଲସୀର ମୁକାବିଲା ଚୂଡାନ୍ତ ହୋଇଛି।



ବିଶ୍ୱରଅନ୍ୟତମପ୍ରସିଦ୍ଧକ୍ଲବ୍‌ଇଟାଲୀରଜୁଭେଣ୍ଟସ ସହ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରି-କ୍ୱାର୍ଟର ଫାଇନାଲ ଖେଳିବାକୁ ଆସିଥିଲା। କିନ୍ତୁ କ୍ୟାମ୍ପିଙ୍ଗ୍ ୱାର୍ଲ୍ଡ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମୁକାବିଲାରେ ଖେଳର ୯ମ ମିନିଟ୍‌ରେ ମାଞ୍ଚେଷ୍ଟର ସିଟି ବର୍ଣ୍ଣାଡୋ ସିଲ୍‌ଭାଙ୍କ ଗୋଲରେ ଅଗ୍ରଣୀ ନେଇଥିଲା। ପୂର୍ବତନ ବାର୍ସିଲୋନା ଖେଳାଳି ମାଲକମ୍ ଏହି ଗୋଲଟିକୁ ଶୁଝାଇଦେଇଥିଲେ। ଦଳ ପକ୍ଷରୁ ଜୋଆଓ କାଲସେଲୋ ଆଉ ଏକ ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଇଥିଲେ। ନିର୍ଦ୍ଧାରିତ ସମୟ ଖେଳ ଶେଷ ପୂର୍ବରୁ ଏର୍ଲିଙ୍ଗ ହଲାଣ୍ଡ ଆଉ ଏକ ଗୋଲ ଶୁଝାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଯାହା ଫଳରେ ଖେଳ ଅତିରିକ୍ତ ସମୟକୁ ଯାଇଥିଲା। ଅତିରିକ୍ତ ସମୟରେ ଅଲ ହିଲାଲ ପକ୍ଷରୁ କାଲିଡୋଉ କୌଲିବାଲି ଗୋଲ ଦେଇ ପୁଣି ଦଳକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଏହାର ୧୦ ମିନିଟ୍ ପରେ ଫିଲ ଫୋଡେନ୍ ଗୋଲ ଶୁଝାଇ ୩-୩ରେ ଖେଳକୁ ସମାନ ସ୍ତରକୁ ନେଇଆସିଥିଲେ। ଖେଳର ୧୧୨ତମ ମିନିଟ୍‌ରେ ସର୍ଗେଜ୍ ମିଲିଙ୍କୋଭିଚ୍ ସାଭିଚ୍‌ଙ୍କ ହେଡରକୁ ଗୋଲ ରକ୍ଷକ ଏଡରସନ ଅଟକାଇବା ଫଳରେ ବଲଟି ବାହାରକୁ ଆସିଯାଇଥିଲା। ଏହି ସୁଯୋଗର ସଦ୍‌ବ୍ୟବହାର କରି ଲିଓନାର୍ଡୋ ଦଳ ଲାଗି ଦ୍ୱିତୀୟ ତଥା ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଫଳରେ ଅଲ ହିଲାଲ ନିର୍ଦ୍ଧାରିତ ସମୟ ପରେ ୪-୩ ଗୋଲରେ ବିଜୟୀ ହୋଇଥିଲା।

ଅନ୍ୟ ଏକ ମ୍ୟାଚ୍‌ରେ ବ୍ରାଜିଲୀୟ କ୍ଲବ୍ ପ୍ରାଧାନ୍ୟ ବିସ୍ତାର କରି ୨-୦ ଗୋଲରେ ଇଣ୍ଟର ମିଲାନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜର୍ମାନ ଖେଳାଳି କାନୋ ଓ ବଦଳ ଖେଳାଳି ହର୍କ୍ୟୁଲେସ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଇଣ୍ଟର ମିଲାନ ଏହି ମ୍ୟାଚ୍ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ବିଶେଷ କରି ଲୌଟାରୋ ମାର୍ଟିନେଜ୍ ଓ ଫେଡେରିକୋ ଦିମାର୍କୋ ଗୋଲ ଦେବାର ଦୁଇଟି ସହଜ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ। ସେହିପରି ବ୍ରାଜିଲର ଦୁଇ କ୍ଲବ୍ ଫ୍ଲୁମିନେନ୍‌ସେ ଓ ପାଲମେଇରାସ ସେମାନଙ୍କ ଶକ୍ତିଶାଳୀ ୟୁରୋପୀୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କ୍ଲବ୍‌ସ୍ତରରେ ବିଶ୍ୱର ଏହି ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟରେ ୟୁରୋପୀୟ ଦଳ ଅଧିକ ସଫଳତା ହାସଲ କରିବାରେ ସମର୍ଥ ହୋଇପାରି ନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS